ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) ବିଶେଷାଙ୍କ

सत्यमेव जयते

# ଗ୍ରାମୋଦୟ ସଙ୍କଳ୍ପ

ଜୁନ-ଅଗଷ୍ଟ, 2018

ପଞ୍ଚାୟତି ରାଜ,
ଗ୍ରାମୀଣ ବିକାଶ ତଥା
ପାନୀୟ ଜଳ ଏବଂ
ସ୍ୱଚ୍ଛତା ମନ୍ତ୍ରଣାଳୟ
ଦ୍ୱାରା ପ୍ରକାଶିତ
ନ୍ୟୁଜ୍ ମ୍ୟାଗାଜିନ୍

ଭାଗ 2, ସଂଖ୍ୟା 4

## ଗାନ୍ଧୀ ଜୀଙ୍କ ଗ୍ରାମ ସ୍ୱରାଜ- ବିକେନ୍ଦ୍ରିକରଣର ମଡେଲ

## ଗ୍ରାମ ପଞ୍ଚାୟତ ମାଧ୍ୟମରେ ଗ୍ରାମାଞ୍ଚଳର ମହିଳାମାନଙ୍କର ସଶକ୍ତିକରଣ

## ଜିପିଡିପି ରୁ ହୋଇଥିଲା ମୁସ୍କିଲ ପଥ ସହଜ, ସମୃଦ୍ଧ ଗ୍ରାମର ସ୍ୱପ୍ନ ହେଉଅଛି ସାକାର

## ଜନ ସଶକ୍ତିକରଣ : ମୋବାଇଲ ଆପ୍



"ମହାତ୍ମା ଗାନ୍ଧୀ ସବୁବେଳେ ଗ୍ରାମର ମହତ୍ୱ ଉପରେ ଗୁରୁତ୍ୱ ଦେଲେ ଏବଂ 'ଗ୍ରାମ ସ୍ୱରାଜ' ବିଷୟରେ କଥା ଉଠାଇଲେ। ଗ୍ରାମରେ ପରିବର୍ତ୍ତନ ହେଲେ ଭାରତର ପରିବର୍ତ୍ତନ ସୁନିଶ୍ଚିତ ହେବ"



# ପ୍ରଧାନମନ୍ତ୍ରୀ - ଗ୍ରାମ ସ୍ୱରାଜ ରୁ ଦେଶ ନିର୍ମାଣ

"ଆଜି ଦେଶ ଆତ୍ମ ବିଶ୍ୱାସରେ ଭରି ରହିଛି। ସ୍ୱପ୍ନର ସଙ୍କଳ୍ପ ସହ ପରିଶ୍ରମର ପରାକାଷ୍ଠା ଦ୍ୱାରା ଦେଶ ନୂତନ ଲକ୍ଷ୍ୟକୁ ପୂରଣ କରୁଛି।

**15 ଅଗଷ୍ଟ, 2018**

"ଆମର ଚେଷ୍ଟା କୃଷି କ୍ଷେତ୍ରରେ ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବାର ଅଛି, ଜନ-ଧନ, ବନଧନ, ଗୋବର ଧନ ତିନୋଟିର ଲକ୍ଷ୍ୟ ଜନଜାତୀୟ ଏବଂ କୃଷି ସମ୍ପ୍ରଦାୟକୁ ସଶକ୍ତ କରିବାର ଅଛି।

**24 ଏପ୍ରିଲ୍, 2018**

"ମହାତ୍ମା ଗାନ୍ଧୀ ସବୁବେଳେ ଗ୍ରାମର ମହତ୍ୱ ଉପରେ ଗୁରୁତ୍ୱ ଦେଲେ ଏବଂ 'ଗ୍ରାମ ସ୍ୱରାଜ' ବିଷୟରେ କଥା ଉଠାଇଲେ। ଗ୍ରାମରେ ପରିବର୍ତ୍ତନ ହେଲେ ଭାରତର ପରିବର୍ତ୍ତନ ସୁନିଶ୍ଚିତ ହେବ।

**24 ଏପ୍ରିଲ୍, 2018**

"ଏକ ଆତ୍ମନିର୍ଭରଶୀଳ ହିନ୍ଦୁସ୍ତାନ ହେଉ, ଏକ ସାମର୍ଥବାନ ହିନ୍ଦୁସ୍ତାନ ହେଉ, ଏକ ବିକାଶର ନିରନ୍ତର ଗତିକୁ ଚାଲୁ ରଖିବା ଭଳି, ଲଗାତାର ନୂତନ ଲକ୍ଷ୍ୟକୁ ପୂରଣ କରି ପାରୁଥିବା ଭଳି ହିନ୍ଦୁସ୍ତାନ ହେଉ, ଦୁନିଆରେ ହିନ୍ଦୁସ୍ତାନର ମର୍ଯ୍ୟଦା ହେଉ ଏବଂ ଆମେ ଚାହୁଁ କି ବିଶ୍ୱରେ ହିନ୍ଦୁସ୍ତାନର ଗୌରବ ମଧ୍ୟ ହେଉ। ଆମେ ଏପରି ଏକ ହିନ୍ଦୁସ୍ତାନ ତିଆରି କରିବା ପାଇଁ ଚାହୁଁ।

**15 ଅଗଷ୍ଟ, 2018**

"ପ୍ରତ୍ୟେକ ଭାରତୀୟଙ୍କ ପାଖରେ ନିଜର ଘର ହେଉ। ପ୍ରତି ଘରରେ ବିଜୁଳୀ କନେକ୍ସନ୍ ହେଉ। ପ୍ରତି ଭାରତୀୟଙ୍କୁ ଧୂଆଁ ରୁ ମୁକ୍ତି ମିଳୁ। ପ୍ରତି ଭାରତୀୟଙ୍କୁ ଆବଶ୍ୟକ ଅନୁଯାୟୀ ଜଳ ମିଳୁ। ପ୍ରତି ଭାରତୀୟଙ୍କୁ ଶୌଚାଳୟ ମିଳୁ। ପ୍ରତି ଭାରତୀୟଙ୍କୁ କୁଶଳତା ମିଳୁ। ପ୍ରତି ଭାରତୀୟଙ୍କୁ ଭଲ ଏବଂ ଶସ୍ତା ସ୍ୱାସ୍ଥ୍ୟ ସେବା ମିଳୁ। ପ୍ରତି ଭାରତୀୟଙ୍କୁ ସୁରକ୍ଷା ମିଳୁ। ବୀମା ସୁରକ୍ଷା କବଚ ମିଳୁ। ପ୍ରତି ଭାରତୀୟଙ୍କୁ ଇଣ୍ଟରନେଟ ସେବା ମିଳୁ। ଏହି ମନ୍ତ୍ରକୁ ନେଇ ଆମେ ଦେଶକୁ ଆଗକୁ ବଢାଇବାକୁ ଚାହୁଁ।

**15 ଅଗଷ୍ଟ , 2018**

# ସୂଚିପତ୍ର



ଗାନ୍ଧୀଜୀଙ୍କ ଗ୍ରାମ ସ୍ୱରାଜ-ବିକେନ୍ଦ୍ରୀକରଣର ମଡେଲ 06




15 ଗ୍ରାମର ବିକାଶ ସରକାରଙ୍କ ସଂକଳ୍ପ




ଆପ୍' ମାଧ୍ୟମରେ ଗ୍ରାମୀଣ ଜନତାକୁ ନ୍ୟାୟ 32

## ପଞ୍ଚାୟତି ରାଜ ମନ୍ତ୍ରଣାଳୟ


| | |
|---|---|
| ଗ୍ରାମ ସ୍ୱରାଜ ଅଭିଯାନ | 09-11 |
| ଜିପିଡିପି ଯୋଗୁଁ ହୋଇଥିବା ଅସୁବିଧା ଦୂର୍ ହୋଇ ସହଜ ଏବଂ ସମୃଦ୍ଧ ଗ୍ରାମର ସ୍ୱପ୍ନ ସାକାର୍ ହେଉଛି | 12-14 |
| ଗ୍ରାମ ପଞ୍ଚାୟତ ମାଧ୍ୟମରେ ଗ୍ରାମୀଣ ମହିଳାଙ୍କ ସଶକ୍ତିକରଣ | 16-18 |
| ସଫଳତାର୍ କାହାଣୀଗୁଡ଼ିକ | 19-20 |
| ସାମୁହିକ ପ୍ରଚେଷ୍ଟା ହେତୁ ଚମକିଲା ଚାନ୍ଦସମନ୍ଦ ଗ୍ରାମ | 21-22 |
| ଗ୍ରାମ ପଞ୍ଚାୟତ ବିକାଶ ଯୋଜନା | 24-25 |


## ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ


| | |
|---|---|
| ଚପ୍‌କା ଗ୍ରାମ ପଞ୍ଚାୟତ | 23 |
| ବୀଜ ମାତା | 26-27 |
| ଥେନ୍ନଲା ଏଗ୍ରୋ ଫାର୍ମର୍ସ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍ | 28 |
| ଗୁଲାବୀ ହୋଇଥିବା ଜୋଡ଼ନ୍ଦା ଝରିଆ ଗ୍ରାମର ଲୋକଙ୍କ ଜୀବନଶୈଳୀ | 31 |


## ପାନୀୟ ଜଳ ଏବଂ ସ୍ୱଚ୍ଛତା ମନ୍ତ୍ରଣାଳୟ


| | |
|---|---|
| ସଫଳତାର୍ କାହାଣୀଗୁଡ଼ିକ | 35 |
| ଆପଣ ଜାଣିଛନ୍ତି କି | 41 |
| ଗ୍ରାମୀଣର ସ୍ୱଚ୍ଛତା ସନ୍ଦେଶ ବାହକ ଚତୁରସିଂହ-ମ୍ୟାଡମ୍ ବାତୁନୀ | 45 |
| ରାଉଣ୍ଡ୍ ଅପ୍ ଆକ୍ଟିଭିଟି | 46 |



## ଉପଦେଷ୍ଟା ମଣ୍ଡଳୀ

ସଚିବ, ପଞ୍ଚାୟତିରାଜ ମନ୍ତ୍ରଣାଳୟ
ସଚିବ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ
ସଚିବ, ପାନୀୟ ଜଳ ଏବଂ ସ୍ୱଚ୍ଛତା ମନ୍ତ୍ରଣାଳୟ

## ପ୍ରଧାନ ସମ୍ପାଦକ

ଅମରଜିତ ସିହ୍ନା
ସଚିବ, ପଞ୍ଚାୟତି ରାଜ ମନ୍ତ୍ରଣାଳୟ
ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ

## ସମ୍ପାଦକୀୟ ମଣ୍ଡଳୀ

ଅର୍ଥଶାସ୍ତ୍ରୀୟ ଉପଦେଷ୍ଟା, ପଞ୍ଚାୟତି ରାଜ ମନ୍ତ୍ରଣାଳୟ
ଯୁଗ୍ମ ସଚିବ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ
ମହାନିର୍ଦ୍ଦେଶକ, ପାନୀୟ ଜଳ ଏବଂ
ସ୍ୱଚ୍ଛତା ମନ୍ତ୍ରଣାଳୟ
ନିର୍ଦ୍ଦେଶକ (ଆଇ.ଇ.ସି,)
ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ
ନିର୍ଦ୍ଦେଶକ (ଆଇ.ଇ.ସି), ପାନୀୟ ଜଳ ଏବଂ
ସ୍ୱଚ୍ଛତା ମନ୍ତ୍ରଣାଳୟ
ନିର୍ଦ୍ଦେଶକ (ମିଡିଆ),
ପଞ୍ଚାୟତି ରାଜ ମନ୍ତ୍ରଣାଳୟ

## ସଂକଳନ ଏବଂ ଅନୁବାଦ

ଜାଗରଣ ପ୍ରକାଶନ ଲିମିଟେଡ୍




ବିରଳ ମହାନାୟକ ଅଟଳ ବିହାରୀ ବାଜପେୟୀ 08



36 ସଫଳତାର କାହାଣୀଗୁଡ଼ିକ ପାନୀୟ ଜଳ ଏବଂ ସ୍ୱଚ୍ଛତା



**ନରେନ୍ଦ୍ର ସିଂ ତୋମର**
**ଗ୍ରାମୀଣ ବିକାଶ,**
**ପଞ୍ଚାୟତି ରାଜ ଏବଂ ଖଣି ମନ୍ତ୍ରୀ**
**ଭାରତ ସରକାର**
**କୃଷି ଭବନ, ନୂଆ ଦିଲ୍ଲୀ**

# ବାର୍ତ୍ତା

ପଞ୍ଚାୟତଗୁଡ଼ିକ ସାମ୍ବିଧାନିକ ରୂପରେ ମାନ୍ୟତା ପ୍ରାପ୍ତ ଲୋକପ୍ରିୟ ସଂସ୍ଥା ଅଟେ। ସ୍ଥାନୀୟ ସ୍ୱଶାସନରେ ଜନ-ସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ରଖାଯାଇଅଛି। ସ୍ଥାନୀୟ ଲୋକମାନଙ୍କର ସକ୍ରିୟ ସହଯୋଗୀତାରେ ଆର୍ଥିକ ବିକାଶ ଏବଂ ସାମାଜିକ ନ୍ୟାୟର ଯୋଜନା ପ୍ରସ୍ତୁତ କରିବା ଏବଂ ଲାଗୁ କରିବା ପଞ୍ଚାୟତର ସାମ୍ବିଧାନିକ ଦାୟିତ୍ୱ ଅଟେ। ଏହା ସତ୍ୟ ଯେ ପଦ ଏବଂ ନିର୍ଣ୍ଣୟ ପ୍ରକ୍ରିୟାରେ ଗ୍ରାମର ପ୍ରତ୍ୟେକ ବ୍ୟକ୍ତିର ଭାଗୀଦାରୀରେ ସ୍ଥାନୀୟ ସ୍ୱ-ଶାସନର ସଫଳତା ଆକଳନ କରାଯାଇପାରେ। ଏହି ପରିପ୍ରେକ୍ଷୀରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) କୁ ଅଧିକ ଉନ୍ନତ କରିବା ଏବଂ ପ୍ରତି ବ୍ୟକ୍ତିର ଭାଗୀଦାରୀତାର ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଭାରତ ସରକାର ଗାନ୍ଧୀ ଜୟନ୍ତୀର ଦିନ 02 ଅକ୍ଟୋବର, 2018 ରୁ (ଜିପିଡିପି) ନିର୍ମାଣ ସମ୍ବନ୍ଧିତ ମିଳିତ ଜନ ସଚେତନତା ଅଭିଯାନ ଆରମ୍ଭ କରିବା ପାଇଁ ଯାଉଛି। ଆସନ୍ତା ଆର୍ଥିକ ବର୍ଷ ପାଇଁ ବିସ୍ତୃତ ଜିପିଡିପି-ନିର୍ମାଣର ଏହି ମହତ୍ୱକାଂକ୍ଷୀ ଅଭିଯାନ ଅଧୀନରେ ବିଭିନ୍ନ ମନ୍ତ୍ରଣାଳୟମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିବାର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବ। ଏହି ଅଭିଯାନ 31 ଡିସେମ୍ବର, 2018 ପର୍ଯ୍ୟନ୍ତ ଚାଲିବ। ପଞ୍ଚାୟତଗୁଡ଼ିକଠାରୁ ଆମର ଏହି ଆଶା ଏବଂ ଭରସା କି ସେମାନେ ନିଜର ସମସ୍ତ ଆନ୍ତରିକ ଏବଂ ବାହ୍ୟ ସଂଶାଧନଗୁଡ଼ିକର ସଠିକ ଢଙ୍ଗରେ ପରିଚାଳନା କରି ଗ୍ରାମବାସୀମାନଙ୍କର ସହମତି ଏବଂ ସହଯୋଗ ଦ୍ୱାରା ଗ୍ରାମ ପଞ୍ଚାୟତ ବିକାଶ ଯୋଜନାର ନିର୍ମାଣ କରିବେ। ମୋର ବିଶ୍ୱାସ ଅଛି କି ଜିପିଡିପି ମାଧ୍ୟମରେ ପ୍ରସ୍ତୁତ କରାଯାଉଥିବା ଯୋଜନାଗୁଡ଼ିକ ଦ୍ୱାରା ଗ୍ରାମଗୁଡ଼ିକ ଆର୍ଥିକ ଏବଂ ସାମାଜିକ ରୂପରେ ସମୃଦ୍ଧ ହେବେ। ଆମକୁ ଜିପିଡିପିର ମାଧ୍ୟମରେ କୃଷି, ବୈକଳ୍ପିକ ଶକ୍ତି, ଜଳ ପରିଚାଳନା, ସ୍ୱଚ୍ଛତା, କୌଶଳ ବିକାଶ ଏବଂ ଅନ୍ୟ ସମ୍ବନ୍ଧିତ କ୍ଷେତ୍ରରେ ହେଉଥିବା ଅଭିନବ ପ୍ରୟୋଗସମୂହ ଏବଂ ନୂତନ ବିଚାରଧାରାଗୁଡ଼ିକୁ ସୁଦୂର ଗ୍ରାମଗୁଡ଼ିକ ପର୍ଯ୍ୟନ୍ତ ପହଞ୍ଚାଇବାକୁ ପଡ଼ିବ। ଏହି ସମ୍ବନ୍ଧରେ ସୁନିୟୋଜିତ ଏବଂ ସୁବିଚାରିତ ପରିଚାଳନ, ସଶକ୍ତ ଏବଂ ନୂଆ ଭାରତର ନିର୍ମାଣ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

**"ସବ୍‌କା ସାଥ ସବ୍‌କା ବିକାଶ"** ର ମୂଳମନ୍ତ୍ର ଅନ୍ତର୍ଗତ ସମ୍ପୂର୍ଣ୍ଣ ଗ୍ରାମବାସୀମାନଙ୍କୁ ବିକାଶର ମୁଖ୍ୟ ଧାରା ସହ ଯୋଡ଼ିବା ଆମର ପ୍ରଧାନ ଲକ୍ଷ୍ୟ। ଆମର ଦୃଢ଼ ବିଶ୍ୱାସ ଯେ ସ୍ଥାନୀୟ ସ୍ୱ-ଶାସନ ବ୍ୟବସ୍ଥା ତେବେ ସଶକ୍ତ ଏବଂ ସୁଦୃଢ଼ ହୋଇପାରିବ, ଯେତେବେଳେ ଜନ ସାଧାରଣମାନଙ୍କୁ ଗ୍ରାମ ସଭା ଏବଂ ଗ୍ରାମ ପଞ୍ଚାୟତର କାର୍ଯ୍ୟକଳାପରେ ନିଜର ଅଂଶୀଦାରତାର ମହତ୍ୱର ଜ୍ଞାନ ଆସିଯିବ। ମୋର ଆପଣ ସମସ୍ତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଏହି ଆଗ୍ରହ ଏବଂ ନିବେଦନ କି **"ସବ୍‌କି ଯୋଜନା ସବ୍‌କି ବିକାଶ"** ଉପରେ ଆଧାରିତ ସମଗ୍ର ଜିପିଡିପି ନିର୍ମାଣର ଏହି ମହତ୍ୱକାଂକ୍ଷୀ ଅଭିଯାନକୁ ନିଜର ଅମୂଲ୍ୟ ଯୋଗଦାନ, ସକ୍ରିୟ ସହଯୋଗ, ଏବଂ ଉତ୍ସାହପୂର୍ଣ୍ଣ ଅଂଶୀଦାରତା ମାଧ୍ୟମରେ ସମ୍ପୂର୍ଣ୍ଣ ଭାବରେ ସଫଳ କରି ରାଷ୍ଟ୍ର ନିର୍ମାଣରେ ସହଯୋଗ କରିବେ।

ଜୟ ହିନ୍ଦ।

(ନରେନ୍ଦ୍ର ସିଂ ତୋମର)






**ରାଜ୍ୟମନ୍ତ୍ରୀ**
**କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ**
**ଓ ପଞ୍ଚାୟତି ରାଜ ମନ୍ତ୍ରଣାଳୟ,**
**ଭାରତ ସରକାର**

# ବାର୍ତ୍ତା

ଆମର ସମ୍ବିଧାନର କେନ୍ଦ୍ରରେ ଭେଦଭାବ ରହିତ ଏବଂ ସମାନତା ଉପରେ ଆଧାରିତ ସମାଜର ସ୍ଥାପନା କରିବାର ଅବଧାରଣା ମହଜୁଦ ଅଛି। ଏହି ଅବଧାରଣା କ୍ରିୟାନ୍ୱିତ କରିବା ପାଇଁ ସମ୍ବିଧାନର 73 ତମ ସଂଶୋଧନ ଯେ କେବଳ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ଦୃଢ଼ିକରଣ ଏବଂ ସୁଶାସନ ସୁନିଶ୍ଚିତ କରିବ ତାହା ନୁହେଁ ବରଂ ଜନତାର ଆବଶ୍ୟକତା ଏବଂ ଆକାଂକ୍ଷାଗୁଡ଼ିକ ପୁରା କରିବା ପାଇଁ ବିକାଶ ଯୋଜନାର ନିର୍ମାଣ, କ୍ରିୟାନ୍ୱୟନ ତଥା ନଜର କରିବାର ଦାୟିତ୍ୱ ମଧ୍ୟ ଗ୍ରାମ ପଞ୍ଚାୟତକୁ ଦିଆଯାଇଅଛି। 'ଗ୍ରାମ ପଞ୍ଚାୟତ ବିକାଶ ଯୋଜନା' (ଜିପିଡିପି)ର ପରିକଳ୍ପନା ମଧ୍ୟ ଏକ ସହଭାଗୀ ଯୋଜନା ରୂପରେ କରାଯାଇଅଛି। ଏହା ଦ୍ୱାରା ଗ୍ରାମର ବୁନିଆଦି ଢାଞ୍ଚା ଠାରୁ ଆରମ୍ଭ କରି ଛୋଟ-ବଡ଼ ସବୁ ପ୍ରକାରର ବିକାଶ କାର୍ଯ୍ୟ ପାଇଁ ପଞ୍ଚାୟତ ଗ୍ରାମସଭା ମାଧ୍ୟମରେ ଯୋଜନା ପ୍ରସ୍ତୁତ କରିପାରିବ।

14ତମ ଆର୍ଥିକ ଆୟୋଗର ସୁପାରିଶକୁ ତାଙ୍କର ଇଚ୍ଛା ଅନୁସାରେ ଲାଗୁ କରି ପଞ୍ଚାୟତକୁ ତାହାର ବାସ୍ତବିକ ଅଧିକାର ଅର୍ପଣ କରିବାର କାର୍ଯ୍ୟ କେନ୍ଦ୍ରର ବର୍ତ୍ତମାନ ସରକାର କରିଅଛି। ପ୍ରଥମେ ଏହି ରାଶି ଜିଲ୍ଲା ବ୍ଲକ୍ ଏବଂ ଗ୍ରାମ ପଞ୍ଚାୟତ ପାଇଁ ବଣ୍ଟନ ହେଉଥିଲା, କିନ୍ତୁ 14ତମ ଆର୍ଥିକ ଆୟୋଗର ସୁପାରିଶ ମାଧ୍ୟମରେ ଏହି ରାଶି କେବଳ ଗ୍ରାମ ପଞ୍ଚାୟତ ପାଇଁ ହିଁ ଅଛି। 14ତମ ଆର୍ଥିକ ଆୟୋଗର ସୁପାରିଶ ଅନୁସାରେ ଅନୁଦାନର ପ୍ରାପ୍ତି ପାଇଁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନାର ନିର୍ମାଣ ଅନିବାର୍ଯ୍ୟ କରି ଦିଆଗଲା।

ଲମ୍ବା ସମୟ ଧରି ବିକାଶର ନିଷ୍ପତ୍ତିମୂଳକ ଉପାଦାନ ଏବଂ କଠିନ ପରୀକ୍ଷାକୁ ମନରେ ରଖି ଆମକୁ ଜିପିଡିପିର ଗୁଣବତ୍ତାରେ ଗୁଣାତ୍ମକ ସୁଧାର କରିବା ଦରକାର ଏବଂ ସ୍ୱୟଂ-ସହାୟତା ଗୋଷ୍ଠିକୁ ନେଇ ମହିଳା ସଶକ୍ତିକରଣ ଏବଂ ସତତ ବିକାଶର ଲକ୍ଷ୍ୟକୁ ଧ୍ୟାନରେ ରଖି ଜିପିଡିପିର ନିର୍ମାଣ କରିବାକୁ ହେବ। ଜିପିଡିପିର ପ୍ରଭାବୀ କାର୍ଯ୍ୟାନ୍ୱୟନ ଦ୍ୱାରା ଗ୍ରାମରେ ବିକାଶ ସହିତ ରୋଜଗାରର ସୁଯୋଗ ମଧ୍ୟ ପ୍ରାପ୍ତି ହେବ। ଯୋଜନାଗୁଡ଼ିକର କାର୍ଯ୍ୟନ୍ୱୟନରେ ନଜର ଏବଂ ପାରଦର୍ଶିତାରେ ଦାରିଦ୍ରତା କମ ହେବ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପାନୀୟ ଜଳ, ପୋଷଣ, ଖାଦ୍ୟ ସୁରକ୍ଷା, କ୍ରମାଗତ ରୋଜଗାର, ଆବାସ, ବିଜୁଳୀ, ଲୈଙ୍ଗିକ ସମାନତା ଏବଂ ସାମାଜିକ ନ୍ୟାୟର ଲକ୍ଷ୍ୟକୁ ପ୍ରାପ୍ତି କରିବା ସହଜ ହେବ।

ଯେଉଁ ପ୍ରକାର 14ତନ ଆର୍ଥିକ ଆୟୋଗର ଅନୁଦାନରୁ ଗ୍ରାମୀଣ ଭାରତ ବିକାଶର ରୂପର ବିକାଶ କରିଦିଆଗଲା, ସେହି ପ୍ରକାରରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) ର ନିର୍ମାଣ ଦ୍ୱାରା ଗ୍ରାମ ପଞ୍ଚାୟତର ସମଗ୍ର ଏବଂ ସୁନିୟୋଜିତ ବିକାଶର ରାସ୍ତା ପ୍ରଶସ୍ତ ହୋଇଅଛି। ଏହି ପଞ୍ଚାୟତି ରାଜ ମନ୍ତ୍ରଣାଳୟର ନିରନ୍ତର ଚେଷ୍ଟାର ଏହି ଫଳାଫଳ ଯେ ରାଜ୍ୟ ସରକାରଙ୍କ ସହଯୋଗରେ ଭାରି ସଂଖ୍ୟାରେ ଆମର ଗ୍ରାମ ପଞ୍ଚାୟତଗୁଡ଼ିକ ଜିପିଡିପିର ନିର୍ମାଣ କରିବାରେ ସଫଳ ରହିଛନ୍ତି। ସମଗ୍ର ଏବଂ ସର୍ବାଙ୍ଗୀନ ବିକାଶ ସମ୍ବନ୍ଧିତ ଆମର ମନ୍ତ୍ର 'ସବ୍‌କା ସାଥ୍ ସବ୍‌କା ବିକାଶ' ଏବଂ 'ସାଫ୍ ନିୟତ ସବକା ବିକାଶ' ର ବିଗତ ବର୍ଷର ଅନୁଭବକୁ ଦେଖି ଜିପିଡିପିକୁ ଅଧିକ ଶକ୍ତିଶାଳୀ, ପାରଦର୍ଶୀ ଏବଂ ଧାରୁଆ କରିବାର ଏହି ସମୟ ଅଟେ। ଗ୍ରାମ ପଞ୍ଚାୟତ ବିକାଶ ଯୋଜନାର ଗୁଣବତ୍ତାକୁ ବଢିଆ କରିବା ଏବଂ ଏଥିରେ ପ୍ରତ୍ୟେକ ବ୍ୟକ୍ତିର ଭାଗୀଦାରୀ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଭାରତ ସରକାର 2 ଅକ୍ଟୋବର, 2018 ରୁ 31 ଡିସେମ୍ବର, 2018 ସମୟ ଅବଧି ଭିତରେ ଜନ-ଯୋଜନା ଅଭିଯାନକୁ ଚଲାଇବାର ଅଛି। ଏହି ମହତ୍ୱକାଂକ୍ଷି ଜନ-ଜାଗରଣ ଅଭିଯାନରେ ଭାରତ ସରକାରଙ୍କ ଅଠର ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକର ଯୋଜନାଗୁଡ଼ିକର କାର୍ଯ୍ୟକାରୀ କରିବା ପାଇଁ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହେବ ତଥା ଏହି ଅଭିଯାନର ସଫଳତା ସହିତ ନବ ଭାରତ ଗଢ଼ିବା ଦିଗରେ ଆପଣ ସମସ୍ତ ପଞ୍ଚାୟତ ପ୍ରତିନିଧିମାନଙ୍କର ସକ୍ରିୟ ଅଂଶିଦାରୀତ୍ୱକୁ ଆଶା ରଖିଛି।

ଅଶେଷ ଶୁଭକାମନା ସହିତ

(ପରଷୋତ୍ତମ ରୂପାଲା)

# ଗାନ୍ଧୀଜୀଙ୍କ ଗ୍ରାମ ସ୍ୱରାଜ- ବିକେନ୍ଦ୍ରୀକରଣର ମଡେଲ



**ଗାନ୍ଧୀଜୀ ଏକ ଶକ୍ତିଶାଳୀ ଭାରତର ପରିକଳ୍ପନା କରିଥିଲେ, ଯାହାର ଗଠନ ଗ୍ରାମରୁ ହିଁ ହେଉ ଯେଉଁ ଗ୍ରାମ ନିଜେ ନିଜେ ଆତ୍ମନିର୍ଭରଶୀଳ ହେଉ, କିନ୍ତୁ ଅନ୍ୟ ଗ୍ରାମ ସହ ବାଣିଜ୍ୟ ଏବଂ ବିନିମୟ ସହ ସଂଶ୍ଳିଷ୍ଟ ରହୁ।**



'ସ୍ୱରାଜ' ଶବ୍ଦ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମର ଅବିଭାଜ୍ୟ ଅଂଶ ହିସାବରେ ରହିଅଛି ଏବଂ ତାହାର ବର୍ଣ୍ଣନା ଅନେକ ଉଦ୍ଦେଶ୍ୟରେ କରାଯାଇଅଛି। ହୋମ୍‌ରୁଲ୍ ଏବଂ ସ୍ୱଶାସନ ତାହାର ସାଧାରଣ ଅର୍ଥ ଥିଲା ଯାହା ରାଜନିତୀଜ୍ଞମାନଙ୍କ ଦ୍ୱାରା ବାରମ୍ବାର ପୁନରାବୃତ୍ତି କରାଯାଇଥାଏ। କିନ୍ତୁ ମହାତ୍ମା ଗାନ୍ଧୀଙ୍କ ପାଇଁ ସ୍ୱରାଜ ଏକ ରାଜନିତୀକ ଉଦ୍ଦେଶ୍ୟରେ କୁହାଯାଇଥିବା ଏହାର ଅନେକ ମର୍ଯ୍ୟଦା ରଖିଥାଏ।

ଏହା ସେତେବେଳର କଥା ଯେତେବେଳେ ସେ 1909 ମସିହାରେ ଜାହାଜରେ ତାଙ୍କର ଯାତ୍ରା ସମୟରେ 'ହିନ୍ଦ ସ୍ୱରାଜ୍' ଲେଖିଥିଲେ, ତେବେ ସେ ସମ୍ପୂର୍ଣ୍ଣ ଆଶ୍ୱସ୍ଥ ଥିଲେ କି ଭାରତକୁ ଏକ ଅଲଗା ପ୍ରକାରର ସ୍ୱରାଜ୍ୟର ଆବଶ୍ୟକତା ଅଛି। ସ୍ୱରାଜ ହାସିଲ କରିବା ପୂର୍ବରୁ ନିଜ ଉପରେ ସମ୍ପୂର୍ଣ୍ଣ ଆତ୍ମନିୟନ୍ତ୍ରଣ ସ୍ଥିତିକୁ ପ୍ରାପ୍ତ କରିବା। ତାଙ୍କର ଏହି ବିଚାର ସ୍ୱରାଜ ତାଙ୍କ ଧାରଣାରେ ସର୍ବଦା ଯୋଡ଼ି ହୋଇଗଲା, ଏପରିକି ଗ୍ରାମ ସ୍ୱରାଜରେ ମଧ୍ୟ।

ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟିର ପୁରା ଜୋର ସାମାଜିକ ସମାନତା, ସାମ୍ପ୍ରଦାୟିକ ସମାନତା, ସାମ୍ପ୍ରଦାୟିକ ସଦ୍ଭାବ ଏବଂ ଶ୍ରମର ମର୍ଯ୍ୟାଦା ପରି ସ୍ଥାୟୀ ବିଚାର ଉପରେ କେନ୍ଦ୍ରିତ ଥିଲା, ଯାହା ଏହି ବିଶାଳ ଏବଂ ବିବିଧତାପୂର୍ଣ୍ଣ ଦେଶ ଲୋକମାନଙ୍କ ମଧ୍ୟରେ ଥିବା ଭେଦଭାବକୁ ଦୂରେଇ ପାରନ୍ତୁ ଯାହା ଫଳରେ ଭାରତୀୟ ମସ୍ତିଷ୍କ ଆମର ବଣ୍ଟିତ ଅସ୍ତିତ୍ୱରେ ସ୍ୱତନ୍ତ୍ରତାପୂର୍ବକ ନିଜର ସୃଜନାତ୍ମକ ଯୋଗଦାନ ଦେଇପାରୁ।

ଗାନ୍ଧୀଜୀ ଏକ ଶକ୍ତିଶାଳୀ ଭାରତର ପରିକଳ୍ପନା କରିଥିଲେ, ଯାହାର ଆରମ୍ଭ ଗ୍ରାମଠାରୁ ହିଁ ହେଉ। ଗ୍ରାମ ଆପେ ଆପେ ସ୍ୱାୟତ୍ତ ହେଉ, କିନ୍ତୁ ସେ ବାଣିଜ୍ୟ ଏବଂ ବିନିମୟ କ୍ଷେତ୍ରରେ ଅନ୍ୟ ଉପରେ ନିର୍ଭର କରୁ। ଯଦି ଭାରତ ଏକ ଶରୀର ତେବେ ତାହାର ପ୍ରତ୍ୟେକ ଅଙ୍ଗ ସୁସ୍ଥ ହେବା ଏକାନ୍ତ ଆବଶ୍ୟକ। ଏକ ଶକ୍ତିଶାଳୀ ରାଷ୍ଟ୍ରର ନିର୍ମାଣ ପାଇଁ ଗ୍ରାମଗୁଡ଼ିକୁ ଆଧୁନିକ ଏବଂ ଆତ୍ମନିର୍ଭରଶୀଳ ହେବା ଏକାନ୍ତ ଆବଶ୍ୟକ, ଯାହାଦ୍ୱାରା ଗ୍ରାମର ଲୋକେ ଗରିମାପୂର୍ଣ୍ଣ ଜୀବନ ବିତାଇପାରିବେ। ଏହି କଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ ସଂସଦରେ ନିଜର ପ୍ରଥମ ଭାଷଣରେ ହିଁ କହିଥିଲେ। ତାଙ୍କର ପ୍ରତ୍ୟେକ ଶବ୍ଦ ହିନ୍ଦ୍ ସ୍ୱରାଜରେ ପ୍ରଭାବିତ ଥିଲା। ଯାହା ଦ୍ୱାରା ଗାନ୍ଧୀଜୀ ନିଜ ଉପରେ ଶାସନ କରିବା କଥା କହିଥିଲେ, ତାକୁ ହିଁ ମୋଦିଜୀ ଯେ କୌଣସି କରାଯାଉଥିବା କାର୍ଯ୍ୟରେ ଅନୁଶାସନ ଏବଂ ଦେଶ ପାଇଁ ପ୍ରତିବଦ୍ଧତାର ନାମ ଦେଇଥିଲେ।

ଏଠାରେ 'ନିଜ ଉପରେ ଶାସନ' ଗୋଟିଏ ବ୍ୟକ୍ତି ଠାରୁ ଆରମ୍ଭ କରି ପୁରା ଦେଶରେ ପ୍ରବାହିତ ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତି ନିଜର ସମ୍ପୂର୍ଣ୍ଣ କ୍ଷମତାକୁ ପ୍ରାପ୍ତ କରି ଗର୍ବର ସହ ଜୀବନ ବଞ୍ଚିପାରିବ। ଏହି ପରିକଳ୍ପନାରେ ଯେଉଁଠି ସବୁଠାରୁ ଛୋଟ ଏକକ ବ୍ୟକ୍ତି ହିଁ ହେବ, ତାହା ସବୁଠାରୁ ରାଜନୈତିକ ଏବଂ ଆର୍ଥିକ ଏକକ ଗ୍ରାମ କିମ୍ବା ଗାଁ ଥିଲା। ଆତ୍ମ ଶକ୍ତିର ଉନ୍ନୟଣ କରି ବାଣିଜ୍ୟ ଶିକ୍ଷା ଏବଂ ଆତ୍ମନିର୍ଭରଶୀଳତାକୁ ସୁନିଶ୍ଚିତ କରିବାର ଥିଲା।

ଏହି ପରିକଳ୍ପନାରେ ବ୍ୟକ୍ତିମାନଙ୍କ କୌଶଳକୁ ପ୍ରୋତ୍ସାହିତ କରିବା ଉପରେ ଜୋର୍ ଥିଲା ଏବଂ ଶିକ୍ଷାର ମୂଖ୍ୟ ଧ୍ୟାନ ତାହା ଉପରେ ହିଁ କେନ୍ଦ୍ରିତ ଥିଲା। ଏଥିପାଇଁ ଏକ ଶିଳ୍ପକାରଙ୍କ ପୁଅ ନିଜର ନିତିଦିନର ଭରଣପୋଷଣ ଅର୍ଜନ କରିବା ପାଇଁ



କୌଶଳ ଭରା ହେଉ ଏବଂ ତା ସହିତ କୌଣସି ଅନ୍ୟ ଶିକ୍ଷା ମଧ୍ୟ ତାଙ୍କ ପାଇଁ ଉପଲବ୍ଧ ହେଉ। ଟେକ୍‌ନିକ୍‌ର କାମ ହେଲା ରୋଜଗାର ବଢ଼ାଇବା, ଚାକିରି ଛଡ଼ାଇବା ନୁହେଁ। ଏହା ବିକେନ୍ଦ୍ରୀକରଣର ଏକ ମଡେଲ ଥିଲା, ଯାହାକୁ ସ୍ୱତନ୍ତ୍ରତା ପରେ ଆହୁତି ଦିଆଯାଇଥିଲା। ଗାନ୍ଧୀଜୀ ଗ୍ରାମଗୁଡ଼ିକ ପାଇଁ ଏକ ମଜଭୁତ ମହୁମାଛି ବସା ପରି ସଂରଚନାର କଳ୍ପନା କରିଥିଲେ, ଯାହାଦ୍ୱାରା ପ୍ରତ୍ୟେକ ଗ୍ରାମ ଅନ୍ୟ ଗ୍ରାମ ସହ ଯୋଡ଼ା ହୋଇଅଛି, ଯେତେବେଳେ ଆଧୁନିକ ବିକାଶର ବିନ୍ଦୁ ରୂପରେ ତାକୁ କିଛି ସହର ସହ ଯୋଡ଼ି ହୋଇ ରହିବାର ଥିଲା।

କିନ୍ତୁ ଆମେ ତାହାଠାରୁ ଅଲଗା ପଥ ଚୟନ କରିଅଛୁ। ସହରକୁ ମୂଲ୍ୟାଙ୍କନ କରି ଗ୍ରାମକୁ ଅଣଦେଖା କରାଗଲା ଏବଂ ସେମାନେ ଆହୁରି ବଡ଼ ହୋଇ ରସ ପରି ଗାଁଗୁଡ଼ିକୁ ଗିଳି ପକାଇଲେ। ସହର ଆଡ଼କୁ ଗତି କରି ଗ୍ରାମଗୁଡ଼ିକ ପ୍ରତିଭାରୁ ବଞ୍ଚିତ ହୋଇଗଲେ। ପୁସ୍ତକ ଜ୍ଞାନ ଏବଂ ଡିଗ୍ରୀ ପାରମ୍ପାରିକ କୌଶଳକୁ ଲୁପ୍ତ କରିଦେଲା। ସ୍ନାତକ ଡିଗ୍ରୀ କଲା ପରେ କୃଷକର ପୁଅ ସହର ଆସିଗଲା ଯଦିଓ ତାହାର ଅର୍ଥ ଥିଲା ଶ୍ରମ କରି ଜୀବନ ଧାରଣ କରିବା। ସେ ଗାଁର ଶ୍ରମର ଗାରିମାପୂର୍ଣ୍ଣ ଜୀବନ ଧାରଣ କରିବା ପରିବର୍ତ୍ତେ ସହର ଜ୍ୱଳନ ଭରା ଜୀବନକୁ ସ୍ୱୀକାର କଲା। ତାହାର ପରିଣାମ ସ୍ୱରୂପ ଦେଶରେ ଉତ୍ପନ୍ନ ହେଉଥିବା ଅରାଜକତାକୁ ଆଜି ମଧ୍ୟ ଭୋଗ କରୁଅଛି।

ଏହାର ମୂଳ କାରଣ ଥିଲା ଶ୍ରମର ପ୍ରତି ସମ୍ମାନର ଅଭାବ।

ଗାନ୍ଧୀଜୀଙ୍କର ଗ୍ରାମ ସ୍ୱରାଜରୁ ନିଆଯାଇଥିବା କୁଟୀର ଶିଳ୍ପ, ପାରମ୍ପାରିକ ଶିଳ୍ପକାରୀ ଏବଂ ଗ୍ରାମ ଆଧାରିତ ଉଦ୍ୟୋଗର ଭାବନା କେବେ କାଗଜ ପୃଷ୍ଠାରୁ ବାହାରି ଆସି ବାସ୍ତବିକ ରୂପରେ ଧରାଧାମରେ ପହଞ୍ଚିପାରି ନଥିଲା। ଏହି ତଥ୍ୟ ମହାତ୍ମା ଗାନ୍ଧୀଜୀଙ୍କ ଦ୍ୱାରା 1946 ରେ ନିଜର ପରିକଳ୍ପନାର ଦେଇଥିବା ବର୍ଣ୍ଣନାର ପୁରାପୁରି ବିପରିତ ଅଟେ।

'ସ୍ୱତନ୍ତ୍ରତାର ଆରମ୍ଭ ନିମ୍ନ ସ୍ତରରୁ ହିଁ ହୋଇଥାଏ... ସମାଜର ଗଠନ ଏପରି ହେବା ଦରକାର ଯେଉଁଠାରେ ପ୍ରତ୍ୟେକ ଗ୍ରାମ ଆତ୍ମ ନିର୍ଭରଶୀଳ ଏବଂ ଘଟଣାର ପରିଚାଳନ କରିବାରେ ସକ୍ଷମ ହେବେ... ତାହାର ପ୍ରଶିକ୍ଷଣ ଏପରି ହେବା ଆବଶ୍ୟକ କି ସେ କୌଣସି ବାହ୍ୟ ଆକ୍ରମଣ ବିରୁଦ୍ଧରେ ନିଜର ଆତ୍ମରକ୍ଷାର ପ୍ରଚେଷ୍ଟାରେ ନଷ୍ଟ ହେବା ପାଇଁ ମଧ୍ୟ ପ୍ରସ୍ତୁତ ରହିବେ... ଏହାର ଅର୍ଥ ଏହା ନୁହେଁ ଯେ, ସେ ପଡ଼ୋଶୀମାନଙ୍କଠାରୁ କିମ୍ବା ଅନ୍ୟ ଦୁନିଆ ଲୋକମାନଙ୍କଠାରୁ ସହାୟତା ନ ନେଉ। ଏଠାରେ ନିଜ ଶକ୍ତିର ସ୍ୱତନ୍ତ୍ର ଏବଂ ଇଚ୍ଛାପୂର୍ଣ୍ଣ ସମ୍ବନ୍ଧ ହେବ... ଏହି ସଂରଚନା ଯଥେଷ୍ଟ ସଂଖ୍ୟାରେ ଗ୍ରାମଗୁଡ଼ିକରେ ନିର୍ମିତ ହେବ ଯାହାଦ୍ୱାରା ଲଗାତାର ଭାବରେ ବଢ଼ିବା ଏବଂ ବିସ୍ତାର ଲାଭ କରୁଥିବା ବୃକ୍ଷ ହେବ। ବିକାଶ ଏକ ପିରାମିଡ୍ ପରି ହେବ ନାହିଁ, ଯେଉଁଥିରେ ଉପର ଭାଗ ତଳ ଭାଗ ଉପରେ ନିର୍ଭର ରହିଥାଏ। ବରଂ ଏହା ଏକ ମହାସାଗରୀୟ ବୃକ୍ଷ ହେବ ଯାହାର କେନ୍ଦ୍ରରେ ବ୍ୟକ୍ତି ହିଁ ହେବ। ଏଥିପାଇଁ ସବୁଠାରୁ ବାହାର ପରିଧି ଆନ୍ତରିକ ବୃତ୍ତକୁ ମହତ୍ୱହୀନ କରିବା ପାଇଁ ଶକ୍ତିର ପ୍ରୟୋଗ କରିବ ନାହିଁ ବରଂ ନିଜ ଭିତରେ ସମାହିତ ହୋଇଥିବା ବୃତ୍ତକୁ ଶକ୍ତି ପ୍ରଦାନ କରିବ ଏବଂ ତା ବଦଳରେ ତାଙ୍କଠାରୁ ମଧ୍ୟ ଶକ୍ତି ଗ୍ରହଣ କରିବ।'



ମହାତ୍ମା ଗାନ୍ଧୀଙ୍କ ପରିକଳ୍ପନା ଅନୁସାରେ ଭାରତୀୟ ଗ୍ରାମକୁ ପୁନଃଜୀବନ ଦାନ ଦେବା ଏକ କଠିନ କାର୍ଯ୍ୟ ଅଟେ, କାରଣ ପରିସ୍ଥିତି ଏତେ ବଦଳି ଯାଇଛି ଯେ, ତାକୁ ପୂର୍ଣଭାବରେ ପରିବର୍ତ୍ତନ କରିବା ସମ୍ଭବ ଲାଗୁ ନାହିଁ। ଗ୍ରାମୀଣ-ସହରୀ ଭାରତର ସ୍ୱରୂପ ଏତେ ବଦଳି ଗଲାଣି ଯେ, ତାକୁ ଚିହ୍ନି ପାରିବା ସମ୍ଭବ ନୁହେଁ। ତଥାପି ଗ୍ରାମ ଆଜି ମଧ୍ୟ ବଞ୍ଚିଛି। ଗ୍ରାମ ଆଧାରିତ ଉଦ୍ୟୋଗ, ଶିକ୍ଷାଗତ ସୁବିଧା ଏବଂ କୌଶଳ ଆଧାରିତ କାର୍ଯ୍ୟକୁ ପ୍ରୋତ୍ସାହନ କରିବା ଜରିଆରେ ଆମେ ଏବେ ମଧ୍ୟ ଗ୍ରାମକୁ ବଞ୍ଚାଇପାରିବା। କିନ୍ତୁ ତାହା ତେବେ ସମ୍ଭବ ହେବ ଯଦି ଗ୍ରାମବାସୀ ବିଶେଷ କରି ଯୁବକ ପିଢ଼ୀ ନିଜର ପରିବେଶରେ ଆତ୍ମସମ୍ମାନର ଭାବନା ଅନୁଭବ କରନ୍ତି। ଗ୍ରାମ ଆଡ଼କୁ ଫେରସ୍ତ ଯାତ୍ରା କେବଳ ସେହି ସମୟରେ ଆରମ୍ଭ ହେବ ଯଦି ଲୋକମାନଙ୍କୁ ଗାରିମାପୂର୍ଣ୍ଣ ଜୀବନ ବଞ୍ଚିବାର ସୁଯୋଗ ଦିଆଯାଏ, ଏପରି ଏକ ଆର୍ଥିକ ସମୃଦ୍ଧି ଭରା ଜୀବନ ଯେଉଁଠି ଆଧୁନିକତା ଏବଂ ପରମ୍ପରା ମଧ୍ୟରେ ସମ୍ମାନପୂର୍ଣ୍ଣ ସମ୍ବନ୍ଧ ହେବ ଏବଂ ଗ୍ରାମବାସୀଙ୍କ ଦ୍ୱାରା ଉତ୍ପାଦନ ଦେଶର ଆର୍ଥିକ ଉନ୍ନତିରେ ଯୋଗଦାନ ଦେଇପାରିବ।

ଏହା ଏକ ଏପରି ବିନ୍ଦୁ ଯେଉଁଠି ମହାତ୍ମା ଗାନ୍ଧୀଙ୍କ ବିଚାରକୁ ପୁନଃଜୀବିତ କରିବା ଆବଶ୍ୟକ ଅଟେ, କାରଣ ସେହି ଶ୍ରମର ଗାରିମାପୂର୍ଣ୍ଣ ଜୀବନର କଥା କୁହନ୍ତି, ପରସ୍ପର ପ୍ରତି ନିର୍ଭର ହେବାର କଥା କୁହନ୍ତି। ସେ ସ୍ୱତନ୍ତ୍ର ହେବାର ଆଲୋଚନା କରନ୍ତି ଏବଂ ନା କେବଳ ଅନ୍ୟକୁ ବରଂ ନିଜକୁ ମଧ୍ୟ ବାସ୍ତବିକତାରେ ସମ୍ମାନ ହେବାର ମଧ୍ୟ କଥା କହନ୍ତି। ସ୍ୱରାଜର ଲକ୍ଷ୍ୟ ସେତେବେଳେ ହାସିଲ ହେବ ଯେତେବେଳେ ଏହି ସମାଜର ଶେଷ ପାହାଚରେ ଛିଡ଼ା ହୋଇଥିବା ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚିବ। ♦

**ଡାଃ ଆଲୋକ ବାଜପେୟୀ**
**ମନୋଚିକିତ୍ସକ ଏବଂ କ୍ୟୁରେଟର-**
**ଏନ୍ ଓଭର ୱିଥ୍ ଦି ମହାତ୍ମା**



# ବିରଳ ମହାନାୟକ ଅଟଳ ବିହାରୀ ବାଜପେୟୀ

ଇତିହାସ ସ୍ପଷ୍ଟ ଭାବରେ କାହାକୁ ମହାନାୟକ ତିଆରି କରେ ନାହିଁ। ଏଥିପାଇଁ ପୁରା ଜୀବନ ସୁନା ପରି ପରୀକ୍ଷା ଏବଂ ମୁସ୍କିଲ୍ ପରି ନିଆଁରେ ସିଝିବାକୁ ପଡ଼ିଥାଏ। ପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଜୀ ଶତାବ୍ଦୀର ଏପରି ଜଣେ ମହାନାୟକ ଥିଲେ, ଯିଏ ପବନର ବିପରିତ ଦିଗରେ ଯାଇ ଦେଶ ପାଇଁ ନିଜର ଜୀବନ ସମର୍ପିତ କରିଦେଲେ। ଏଥିପାଇଁ ଅଟଳ ଜୀ ବିରଳ ଅଟନ୍ତି। ମହାନ ରାଜନେତା, ବିଦେଶ ବିଷୟରେ ଅଭିଜ୍ଞ ଏବଂ କୁଶଳ ପ୍ରଶାସକ ହେବା ସହିତ ସେ ଜଣେ ସମ୍ବେଦନଶୀଳ କବି ଏବଂ ପତ୍ରକାର ମଧ୍ୟ ଥିଲେ। ଅଟଳ ବିହାରୀ ବାଜପେୟୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସହ ମଧ୍ୟ ଜଡ଼ିତ ଥିଲେ। ଆର୍‌ଏସ୍‌ଏସ୍ ରାଜନୀତିକ ଶାଖା ଜନସଂଘର ସ୍ଥାପନା କରିଥିଲେ ଯାହା ପୂର୍ବରୁ ଅଧ୍ୟକ୍ଷ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ସହଯୋଗ ରୂପରେ ତାଙ୍କୁ କାମ କରିବାର ସୁଯୋଗ ମିଳିଥିଲା। ତାହା ପରେ ସେ କେବେହେଲେ ପଛଘୁଞ୍ଚା ଦେଇ ନାହାନ୍ତି। ନିଜର ପ୍ରତିଭା ବଳରେ ଆଗକୁ ଆଗକୁ ମାଡି ଚାଲିଲେ। ସେ ଜଣେ ଭଲ ଲେଖକ ଏବଂ ପତ୍ରକାର ମଧ୍ୟ ଥିଲେ। ଲକ୍ଷ୍ନୌରୁ ପ୍ରକାଶିତ ମାସିକ ପ୍ରକାଶିତ 'ରାଷ୍ଟ୍ରଧର୍ମ ମାସିକ' ପତ୍ରିକାର ସେ ସମ୍ପାଦକ ଥିଲେ। ତାଙ୍କୁ ଦେଶର ଆର୍ଥିକ ଉନ୍ନତି, ଦଳିତମାନଙ୍କ ଉତ୍‌ଥାନ ଏବଂ ପିଲା ଏବଂ ମହିଳାମାନଙ୍କର କଲ୍ୟାଣର ଚିନ୍ତା ସର୍ବଦା



ରହିଥିଲା। ସମାଜସେବକ, ବିଚାରକ, ରାଜନେତା, କବି, ପତ୍ରକାର, ପ୍ରଧାନମନ୍ତ୍ରୀ, ଜନନେତା ପରି ଅନେକ ରୂପରେ ସେ ନିଜ ଜୀବନକୁ ମନ ଭରି ବଞ୍ଚିଥିଲେ, ଯାହାର ବର୍ଣ୍ଣନା ସେ ନିଜ ଶବ୍ଦରେ କିଛି ଏହି ପ୍ରକାରର ଥିଲା... "ମୈ ଜି ଭର ଜିୟା, ମୈ ମନ ସେ ମରୁ, ଲୌଟ କର ଆଊଙ୍ଗା, କୁଚ୍ଛ୍ ସେ କ୍ୟୁ ଡରୁଁ?'।

ବିଶ୍ୱମୋହକ ହସ ଏବଂ ଶବ୍ଦର ଜାଦୁଗରରେ ଭରା ସମସ୍ତଙ୍କ ପ୍ରତି ଆତ୍ମୀୟ ଭାବ ରଖୁଥିବା ଅଟଳ ଜୀ ଯଦିଓ ଏହି ଦୁନିଆରୁ ଚାଲିଗଲେ କିନ୍ତୁ ସେ ସାଧାରଣ ଜନତା ହୃଦୟରେ ସବୁବେଳ ପାଇଁ ରହିଥିବେ। ସେ ଅଜାତଶତ୍ରୁ ଥିଲେ। ଅନେକ ବିରୋଧି ମଧ୍ୟ ତାଙ୍କ ପ୍ରତିଭାକୁ ଲୁହା ପରି ମାନୁଥିଲେ। ଏବଂ ଏହି କାରଣ ଥିଲା କି ପି. ଭି. ନରସିଂହ ରାଓଙ୍କର କାର୍ଯ୍ୟକାଳ ସମୟରେ ଅଟଳଜୀଙ୍କୁ ବିଦେଶରେ ଭାରତୀୟ ଶୀର୍ଷ ମଣ୍ଡଳୀର ନେତୃତ୍ୱର ଦାୟିତ୍ୱ ସମର୍ପଣ କରାଯାଇଥିଲା ଯଦିଓ ସେ ସେହି ସମୟରେ ବିପକ୍ଷ ଦଳର ନେତା ଥିଲେ। ଦେଶର ପ୍ରଧାନମନ୍ତ୍ରୀ ରୂପରେ ଅଟଳଜୀ ପାକିସ୍ତାନ ଏବଂ ଚୀନ ସହ ସମ୍ବନ୍ଧ ସୁଧାରିବା ଦିଗରେ ଅଭୂତପୂର୍ବ ପଦକ୍ଷେପ ନେଇଥିଲେ। ଅନ୍ତରାଷ୍ଟ୍ରୀୟ ଚାପ ଥାଇ ମଧ୍ୟ କୂଟନୀତି ଏବଂ ଦୃଢ଼ ଇଚ୍ଛାଶକ୍ତିର ପ୍ରଦର୍ଶନ କରି ସେ ପୋଖରଣରେ ପରମାଣୁ ପରୀକ୍ଷଣ କରାଇଲେ ଏବଂ କାର୍ଗିଲ୍ ଯୁଦ୍ଧ ଜିତି ପାକିସ୍ତାନକୁ ବଡ଼ ଶିକ୍ଷା ଦେଇଥିଲେ। ♦

## ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କିଛି ମହତ୍ୱପୂର୍ଣ୍ଣ କାର୍ଯ୍ୟ

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା**

ଅଟଳ ଜୀ 15 ଅଗଷ୍ଟ, 2000 ରୁ ଗ୍ରାମଗୁଡ଼ିକୁ ସଡ଼କ ସହ ଯୋଡ଼ିବାର କାମ ଆରମ୍ଭ କରିଥିଲେ। ଏହି ଯୋଜନା ହେତୁ ଆଜି ଲକ୍ଷ ଲକ୍ଷ ଗ୍ରାମ ସଡ଼କ ସହ ଯୋଡ଼ି ହୋଇପାରିଛି। ଏହି ଯୋଜନାର ପ୍ରମୂଖ ଉଦ୍ଦେଶ୍ୟ ଥିଲା, ଗ୍ରାମୀଣ ଅଞ୍ଚଳକୁ 500 କିମ୍ବା ତାଠାରୁ ଅଧିକ ଜନସଂଖ୍ୟା ଥିବା ଗ୍ରାମ (ପର୍ବତୀୟ ଏବଂ ମରୁଭୂମି କ୍ଷେତ୍ରରେ 250 ଲୋକସଂଖ୍ୟା ଥିବା ଗ୍ରାମ) ସଡ଼କ-ସମ୍ପର୍କରୁ ବଞ୍ଚିତ ଗ୍ରାମକୁ ମୂଖ୍ୟ ସଡ଼କ ସହ ଯୋଡ଼ିବାର ଅଛି।

**ସ୍ୱର୍ଣ୍ଣର ଚତୁର୍ଭୁଜ**

ଦେଶର ବଡ଼ ସହରକୁ ସଡ଼କ ମାର୍ଗରେ ଯୋଡ଼ିବାର ଆରମ୍ଭ ମଧ୍ୟ ଅଟଳ ଜୀଙ୍କ ଶାସନ କାଳରେ ହୋଇଥିଲା 5846 କି.ମି ର ସ୍ୱର୍ଣ୍ଣ ଚତୁର୍ଭୁଜର ଯୋଜନାକୁ ସେତେବେଳେ ବିଶ୍ୱର ସବୁଠାରୁ ଲମ୍ବା ରାଜପଥ ଥିବା ପରିଯୋଜନା ମାନି ନିଆଯାଇଥିଲା। ଦିଲ୍ଲୀ, କଲିକତା, ଚେନ୍ନାଇ, ଏବଂ ମୁମ୍ବାଇକୁ ରାଜପଥ ସହ ଯୋଡ଼ାଗଲା।

**ସର୍ବଶିକ୍ଷା ଅଭିଯାନ**

ସର୍ବଶିକ୍ଷା ଅଭିଯାନ ଭାରତ ସରକାରଙ୍କ ଏକ ପ୍ରମୂଖ କାର୍ଯ୍ୟକ୍ରମ ଅଟେ ଯାହାର ଆରମ୍ଭ (2001-2002) ରେ ଅଟଳ ବିହାରୀ ବାଜପେୟୀଜୀଙ୍କ ଦ୍ୱାରା ଏକ ନିଷ୍ଚିତ ସମୟଅବଧି ଭିତରେ ପ୍ରାଥମିକ ଶିକ୍ଷାର ସାର୍ବଭୌମିକରଣର ଲକ୍ଷ୍ୟ ପ୍ରାପ୍ତ କରିବା ପାଇଁ କରାଯାଇଥିଲା।

**ଅନ୍ତୋଦୟ ଅନ୍ନ ଯୋଜନା**

ବର୍ଷ 2001 ରେ ଲକ୍ଷ୍ୟ ରଖା ଯାଇଥିବା ସାର୍ବଜନୀକ ବିତରଣ ପ୍ରଣାଳୀ ଯୋଜନା ଅନ୍ତର୍ଗତ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଅତି ଗରୀବ ପରିବାର ମାନଙ୍କ ପାଇଁ ଅନ୍ତୋଦୟ ଅନ୍ନ ଯୋଜନା ଲାଗୁ କରାଯାଇଥିଲା।

# ଗ୍ରାମ ସ୍ୱରାଜ ଅଭିଯାନ



**ନରେନ୍ଦ୍ର ସିଂହ ତୋମର**

ଗ୍ରାମୀଣ ବିକାଶ, ପଞ୍ଚାୟତି ରାଜ ଏବଂ ଖଣି ମନ୍ତ୍ରୀ, ଭାରତ ସରକାର

ଦେଶର ବଞ୍ଚିତ ଏବଂ ଗରୀବ ପରିବାର ପର୍ଯ୍ୟନ୍ତ କଲ୍ୟାଣକାରୀ ଯୋଜନା ପହଞ୍ଚାଇବା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ଗ୍ରାମ ସ୍ୱରାଜ ଅଭିଯାନ ଏକ ବିଶେଷ କାର୍ଯ୍ୟକ୍ରମ ଅଟେ, ଯାହାର ଶୁଭାରମ୍ଭ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 14 ଏପ୍ରିଲ, 2018 ଦିନ ଭାରତ ରତ୍ନ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜନ୍ମ ଦିବସରେ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସାମାଜିକ ସମାନତା ଏବଂ ଅନୁକୂଳ ବାତାବରଣ ସୃଷ୍ଟି କରିବା, ବଞ୍ଚିତ ଏବଂ ଗରୀବ ଲୋକମାନଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିକାଶମୂଳକ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ଜାଗୃତି ସୃଷ୍ଟି କରିବା। କେନ୍ଦ୍ର ସରକାରଙ୍କ ଏହି ଯୋଜନାରେ କୌଣସି କାରଣରୁ ସାମିଲ ହୋଇପାରି ନଥିବା ଲୋକମାନଙ୍କୁ ଏହି ଯୋଜନା ଗୁଡ଼ିକରେ ଅନ୍ତର୍ଭୁକ୍ତ କରି ତାର ଉପକାରିତା ସୁନିଶ୍ଚିତ କରିବା ମଧ୍ୟ ଏହି ଯୋନଜାର ଲକ୍ଷ୍ୟ।




14 ଏପ୍ରିଲ୍, 2018 ରୁ 5 ମଇ, 2018 ପର୍ଯ୍ୟନ୍ତ "ଗ୍ରାମ ସ୍ୱରାଜ ଅଭିଯାନ - ସବ୍‌କା ସାଥ୍, ସବ୍‌କା ଗ୍ରାମ, ସବ୍‌କା ବିକାଶ" କାର୍ଯ୍ୟକ୍ରମ ରୂପରେ ଆୟୋଜନ କରାଯାଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କର ନିମ୍ନଲିଖିତ 7ଟି ମୂଖ୍ୟ ଯୋଜନା ସାମିଲ କରାଯାଇଥିଲା (1) ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (2) ଉଜାଳା ଯୋଜନା (3) ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (4) ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହର ଘର ଯୋଜନା - ସୌଭାଗ୍ୟ (5) ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (6) ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ (7) ମିଶନ ଇନ୍ଦ୍ରଧନୁଷ

ଗ୍ରାମ ସ୍ୱରାଜ ଅଭିଯାନର ଅନ୍ତର୍ଗତ ଏହି ଯୋଜନା ଗୁଡ଼ିକ ଶତ-ପ୍ରତିଶତ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଦେଶର 16,850 ଗ୍ରାମରେ ବିଶେଷ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ଏଥିରେ ନିର୍ବାଚନ କରାଯାଇଥିବା ରାଜ୍ୟ ଗୁଡ଼ିକ ମଧ୍ୟରେ କର୍ଣ୍ଣାଟକ ଏବଂ ପଶ୍ଚିମବଙ୍ଗ ରାଜ୍ୟର ଗ୍ରାମଗୁଡ଼ିକୁ ସାମିଲ କରଯାଇ ନାହିଁ। ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ପାଇଁ ଚିହ୍ନଟ କରାଯାଇଥିବା ଗ୍ରାମ ଗୁଡ଼ିକରେ ଏହି ସାତ ଯୋଜନା 100 ପ୍ରତିଶତ ପହଞ୍ଚାଇବା ସୁନିଶ୍ଚିତ କରିବା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନେକ ଶୁଭାକାଂକ୍ଷୀ ବ୍ୟକ୍ତିଙ୍କଠାରୁ ବଡ଼ ସ୍ତରରେ ଅସମ୍ଭବ ଏବଂ ସକ୍ରିୟ ସହଯୋଗ ପ୍ରାପ୍ତ ହୋଇଥିଲା ଏବଂ ଏହି କାରଣରୁ ସାଧାରଣ ଜନତା ଏହି କାର୍ଯ୍ୟକ୍ରମ ପ୍ରତି ଆକର୍ଷିତ ହେବାର ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଗୁଡ଼ିକ ଯୁଦ୍ଧ-ଭିତ୍ତିକ ଭାବରେ କାର୍ଯ୍ୟକାରୀ କରିବା ଏବଂ ସଫଳ କରିବା ପାଇଁ ଚିହ୍ନଟ ହୋଇଥିବା ପଞ୍ଚାୟତି ରାଜ ସଂସ୍ଥାର 33 ଲକ୍ଷ ପ୍ରତିନିଧି, ମହିଳା ଏବଂ ସ୍ୱୟଂ-ସହାୟତା ସମୂହ (ଏସ୍ଏଚ୍‌ଜି) ର 5 କୋଟି ସଦସ୍ୟ, ବିଧାୟକ, ସଦସ୍ୟ, ବିଭିନ୍ନ କେନ୍ଦ୍ର ମନ୍ତ୍ରୀ, ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନ, ଅଫିସର ଏବଂ କର୍ମଚାରୀମାନେ ସମସ୍ତ ପ୍ରକାର ପ୍ରଚେଷ୍ଟା କରିଛନ୍ତି। ଗ୍ରାମ ସ୍ୱରାଜ ଅଭିଯାନର ମହତ୍ୱ ଏବଂ ସଫଳତା ବିଷୟରେ ଚର୍ଚ୍ଚା କରି ମାନନୀୟ ପ୍ରଧାନମନ୍ତ୍ରୀ କହିଥିଲେ ଯେ, "ଗ୍ରାମ ସ୍ୱରାଜ ଅଭିଯାନର ଅଂଶ ବିଶେଷ ଭାବରେ ଗ୍ରାମରେ ବିଭିନ୍ନ ଟିମ୍ ଗଠନ କରାଯାଇଛି ଏବଂ ଏମାନେ କେନ୍ଦ୍ର ସରକାରଙ୍କର ସାତଟି ମହତ୍ୱପୂର୍ଣ୍ଣ ଯୋଜନାକୁ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରିବା ପାଇଁ ସୁନିଶ୍ଚିତ କରୁଛନ୍ତି। ଏହି ଯୋଜନାଗୁଡ଼ିକ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ଏହି ଆନ୍ଦୋଳନ ହେଉଛି ଏକ ମହତ୍ୱପୂର୍ଣ୍ଣ ଉଦାହରଣ, ଏବଂ ଏହା ଯୋଗୁଁ ଗ୍ରାମୀଣ



ଜୀବନ ଦିନକୁ ଦିନ ସହଜ ହେବାକୁ ଯାଉଛି।"

ଗ୍ରାମ ସ୍ୱରାଜ ଅଭିଯାନର ଅନ୍ତର୍ଗତ 1000 ରୁ ଅଧିକ ଲୋକ ଏବଂ 50 ପ୍ରତିଶତ ଅନୁସୂଚିତ ଜାତି ଲୋକ ଥିବା ଗ୍ରାମ ଗୁଡ଼ିକ ସାମିଲ କରାଯାଇଥିଲା। ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକର 500 ଲୋକ ସଂଖ୍ୟା ଥିବା ଏବଂ 50 ପ୍ରତିଶତରୁ ଅଧିକ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ଲୋକ ଥିବା ଗ୍ରାମଗୁଡ଼ିକ ମଧ୍ୟ ସାମିଲ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଏହି ଗ୍ରାମ ସ୍ୱରାଜ ଅଭିଯାନରେ ମୋଟ ଉପରେ 16,850 ଗ୍ରାମ ସାମିଲ କରାଯାଇଥିଲା। ଏହିପରି ବ୍ୟାପକ ଅଭିଯାନ ଅତ୍ୟାଧୁନିକ ଆନୁସଙ୍ଗିକ ସୁବିଧା ଏବଂ ଆଧୁନିକ ଟେକ୍ନିକ ବିନା ସଫଳ ଏବଂ ପ୍ରଭାବଶୀଳ ଭାବରେ କାର୍ଯ୍ୟକାରୀ କରିବା ସମ୍ଭବପର ନଥିଲା। ଏଥିପାଇଁ ନିର୍ଦ୍ଧାରିତ ସମୟସୀମା ଭିତରେ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଭାବଶୀଳ ନେତୃତ୍ୱ ଏବଂ ଆବଶ୍ୟକ ଅନୁସାରେ ହସ୍ତକ୍ଷେପ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ସୂଚନା-ବିଜ୍ଞାନ କେନ୍ଦ୍ର ଡି.ଆର.ଡି.ଓ ଦ୍ୱାରା ରିଅଲ୍ ଟାଇମ୍ ଡାଟା କ୍ୟାପଚରିଙ୍ଗ୍ ଏବଂ ମନିଟରିଙ୍ଗ୍ ପୋର୍ଟାଲ ମାଧ୍ୟମରେ ଏକ ମୋବାଇଲ ଆପ୍ର ପ୍ରସ୍ତୁତ କରାଯାଇ ଥିଲା। ଗ୍ରାମ ସ୍ୱରାଜ ଅଭିଯାନର ପ୍ରଥମ ପର୍ଯ୍ୟାୟର ସଫଳତାରେ ପ୍ରୋତ୍ସାହିତ ହୋଇ ସରକାର ଏହାକୁ 'ବିସ୍ତାରିତ ଗ୍ରାମ ସ୍ୱରାଜ ଅଭିଯାନ' ହିସାବରେ 1 ଜୁନ୍, 2018 ରୁ 15 ଅଗଷ୍ଟ, 2018 ଭିତରେ ଲାଗୁ କରାଯାଇଥିଲା। ଏହି ବିସ୍ତାରିତ ଗ୍ରାମ ସ୍ୱରାଜ ଅଭିଯାନରେ 117 ଜିଲ୍ଲାର 1000 ରୁ ଅଧିକ ଲୋକ ଥିବା ଗ୍ରାମ, କର୍ଣ୍ଣାଟକ ଏବଂ ପଶ୍ଚିମ ବଙ୍ଗର 1000 ରୁ ଅଧିକ ଲୋକ ଥିବା ଗ୍ରାମ, ଏବଂ 50 ପ୍ରତିଶତ ରୁ ଅଧିକ ଅନୁସୂଚିତ ଜାତି ଥିବା ଗ୍ରାମ ମଧ୍ୟ ସାମିଲ କରାଯାଇଥିଲା। ଏହିପରି ଭାବରେ ଗ୍ରାମ ସ୍ୱରାଜ ଅଭିଯାନର ଏହି ପର୍ଯ୍ୟାୟରେ ମୋଟ 48,929 ଗ୍ରାମ ସାମିଲ ହୋଇଥିଲେ।

କେନ୍ଦ୍ର ସରକାରଙ୍କର 7 ପ୍ରମୂଖ ଯୋଜନା ଏବଂ ଅନ୍ୟ କଲ୍ୟାଣକାରୀ ଯୋଜନାରେ ସାମିଲ ହୋଇ ପାରି ନଥିବା ଲୋକ ମାନଙ୍କୁ ଅଭିଯାନର ଉଭୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟ ସଫଳ ହୋଇଥିଲା। ଏହି ଗ୍ରାମ ସ୍ୱରାଜ ଅଭିଯାନ ଏବଂ ବିସ୍ତାରିତ ଗ୍ରାମ ସ୍ୱରାଜ ଅଭିଯାନ ର 7 ଟି ମୁଖ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ 5ଟି କ୍ଷେତ୍ରକୁ ପ୍ରାଥମିକତା ଦିଆ ଯାଇଥିଲା। ଏଗୁଡ଼ିକ ହେଲା: ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, କୌଶଳ ଏବଂ କୃଷି। ବିସ୍ତାରିତ ଅଭିଯାନ ଅନ୍ତର୍ଗତ ଉତ୍ତମ ସଫଳତା ହାସଲ କରିବା ପାଇଁ ପାଇଲଟ୍ ପରିଯୋଜନା (ଉଦାହରଣସ୍ୱରୂପ ସ୍ୱାସ୍ଥ୍ୟ କାର୍ଡ ବିତରଣ, ଦଲହନ୍ ଏବଂ ତିଲ୍ହନ୍ ବୀଜ ପାଇଁ ମିନି କିଟ୍, ଜଙ୍ଗଲ କିମ୍ବା ବାଉଁଶ ଗଛ ଲଗାଇବା) ପ୍ରଭୃତି ଗତିବିଧି ସାମିଲ କରାଯାଇଥିଲା। ବିସ୍ତାରିତ ଗ୍ରାମ ସ୍ୱରାଜ ଅଭିଯାନ ଅନ୍ତର୍ଗତ ମୁଖ୍ୟ ଯୋଜନାଗୁଡ଼ିକ ଶତ ପ୍ରତିଶତ କାର୍ଯ୍ୟକାରୀ ହୋଇପାରିବାର ସଫଳତା ପ୍ରାପ୍ତ ହୋଇଥିଲା।

● ଅଭିଯାନର ଉଭୟ ପର୍ଯ୍ୟାୟରେ ପ୍ରଧାନ ମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅନ୍ତର୍ଗତ 48.28 ଲକ୍ଷ ନୂଆ ଏଲ୍ପିଜି ଗ୍ୟାସ୍ କନେକ୍ସନ ବିତରଣ କରାଯାଇଥିଲା, ଯେଉଁଥିରେ 100% ଅନ୍ତର୍ଭୁକ୍ତ ହେବା ଲକ୍ଷ୍ୟ ସଫଳ ହୋଇପାରିଥିଲା। ଏହାଦ୍ୱାରା, ମହିଳା ମାନଙ୍କୁ ସ୍ୱଚ୍ଛ ରୋଷେଇ ଗ୍ୟାସ୍ ଯୋଗାଇ ଦେବାର ବହୁ ଉପେକ୍ଷିତ କାର୍ଯ୍ୟକ୍ରମ ପୂରଣ ହୋଇଥିଲା। ଫଳରେ ମହିଳା ଏବଂ ପିଲାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ କରିବା ପାଇଁ ସହାୟତା ମିଳିଥିଲା। ଆଜିକାଲି ରୋଷେଇ କଲାବେଳେ ଧୂଆଁ ରୁ ମୁକ୍ତି ମିଳୁଛି ତାହା ନୁହେଁ କାଠ ଖୋଜିବା ପାଇଁ ଅସୁରକ୍ଷିତ ସ୍ଥାନକୁ ଯିବାର ଆବଶ୍ୟକତା ପଡୁନାହିଁ।

● ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହର ଘର ଯୋଜନା - ସୌଭାଗ୍ୟ ଅନ୍ତର୍ଗତ ଗ୍ରାମୀଣ ଅଞ୍ଚଳର ସମସ୍ତ ଗରୀବ ପରିବାର ଏବଂ ସହର ଅଞ୍ଚଳର ସମସ୍ତ ଗରୀବ ପରିବାରଙ୍କୁ ମାଗଣାରେ ବିଜୁଳି କନେକସନ ଯୋଗାଣ କରିଯାଇଛି। ଡିସେମ୍ବର, 2018 ପର୍ଯ୍ୟନ୍ତ ଏହାର ଅନ୍ତର୍ଗତ ଦେଶବ୍ୟାପି ଅନୁମାନିକ 4 କୋଟିରୁ ପରିବାରଙ୍କୁ ମାଗଣାରେ ବିଜୁଳି କନେକସନ ଉପଲବ୍ଧ କରିବାର ଲକ୍ଷ୍ୟ ରହିଛି, ଯେଉଁ ମାନଙ୍କ ଘରେ ଆଜି ପର୍ଯ୍ୟନ୍ତ ବିଜୁଳି କନେକସନ ନାହିଁ। ଅଭିଯାନ ଅନ୍ତର୍ଗତ 31.26 ଲକ୍ଷ ଘରକୁ ନୂଆ ବିଜୁଳି କନେକସନ ଦିଆ ହୋଇଛି।

● ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ସୁରକ୍ଷା ଦୃଷ୍ଟିକୋଣରୁ, ଆଜିକାଲି ଯୁଗରେ ଶକ୍ତିର ମହତ୍ୱ ବହୁ ପରିମାଣରେ ବଢ଼ିଛି। ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଆଖି ଆଗରେ ରଖି ଏଲଇଡି ବଲ୍ବ ମାଧ୍ୟମରେ ଉନ୍ନତ ଆଲୋକ ପାଇଁ ଉଜାଲା ଯୋଜନା 5 ଜାନୁଆରୀ, 2015 ଦିନ ଶୁଭାରମ୍ଭ କରିଥିଲେ। ଏହାର ଉଦ୍ଦେଶ୍ୟ ରହିଛି ଯେ ମାର୍ଚ୍ଚ 2019 ସୁଦ୍ଧା ଦେଶରେ 770 ନିୟୁତ ସାଧାରଣ ବଲ୍ବ ବଦଳରେ ଏଲଇଡି ବଲ୍ବର ବ୍ୟବହାର ସୁନିଶ୍ଚିତ କରିବା। ଉତ୍ତମ ଆଲୋକ ସହିତ ବିଜୁଳି ବିଲ କମ୍ କରିବା ଏବଂ ତାସହିତ ବିଜୁଳି ଶକ୍ତି କମ୍ କରିବା ପାଇଁ ଦେଶର ଗ୍ରାମଗୁଡ଼ିକରେ ବାସ କରୁଥିବା ସମସ୍ତ ପରିବାରକୁ ବିଜୁଳି କମ୍ ଖର୍ଚ୍ଚ କରୁଥିବା ଏଲଇଡି ବଲ୍ବ ବିତରଣ କରାଯାଉଛି। ବିସ୍ତାରିତ ଗ୍ରାମ ସ୍ୱରାଜ ଅନ୍ତର୍ଗତ 68.52 ଲକ୍ଷ ନୂଆ ଏଲଇଡି ବଲ୍ବ ବିତରଣ କରାଯାଇଛି।

● ରାଷ୍ଟ୍ରୀୟ ସ୍ତରରେ ଆର୍ଥିକ ବିପ୍ଲବ ଆଣିବା ପାଇଁ 2014 ରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଶୁଭାରମ୍ଭ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଯେ ପ୍ରତ୍ୟେକ ପରିବାର ଅତିକମ୍ରେ ଗୋଟିଏ ପ୍ରାଥମିକ ବ୍ୟାଙ୍କ ଖାତା ରହିବା ଉଚିତ ଯାହା ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସୁବିଧା ସୁନିଶ୍ଚିତ କରାଯାଇ ପାରିବ। ଏହି ଯୋଜନା ଅନ୍ତର୍ଗତ ଯେ କୌଣସି ବ୍ୟକ୍ତି ବ୍ୟାଙ୍କ୍ ଶାଖା କିମ୍ବା ବ୍ୟାଙ୍କ-ମିତ୍ର ଆଉଟଲେଟ୍ ଗୁଡ଼ିକରେ 'ନୋ ଇୟୋର କଷ୍ଟମର' କେୱାଇସି ସମ୍ବନ୍ଧିତ ବିବରଣ ଦେଇ ପ୍ରାଥମିକ ସଞ୍ଚୟ ବ୍ୟାଙ୍କ ଜମା ଖାତା ଖୋଲି ପାରିବେ। ଜନଧନ ଖାତା ଖୋଲିବା ପାଇଁ କୌଣସି ନ୍ୟୂନତମ ଧନରାଶି ଜମା କରିବା କିମ୍ବା ଜମା ରଖିବାର କୌଣସି ଆବଶ୍ୟକତା ନାହିଁ। ଜନଧନ

ଖାତାଧାରୀଙ୍କୁ ମାଗଣାରେ ରୁପେ ଡେବିଟ କାର୍ଡ ଉପଲବ୍ଧ କରାଯାଉଥିଲା । ଏବଂ ଏହା ସହିତ 1 ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ବୀମା ମଧ୍ୟ ଦିଆଯାଉଥିଲା । ଗ୍ରାମ ସ୍ୱରାଜ ଅଭିଯାନର ଉଭୟ ପର୍ଯ୍ୟାୟରେ 73.51 ଲକ୍ଷ ନୂଆ ଜନଧନ ଖାତା ଖୋଲା ଯାଇଥିଲା ।

● ଅତି ଅଳ୍ପ ଟଙ୍କାର ପ୍ରିମିଅମ ବଦଳରେ ଜୀବନ ବୀମା ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ଜନତାନ୍ତ୍ରିକ ଗଠବନ୍ଧନ ସରକାର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ଯୋଜନାରେ 18 ବର୍ଷରୁ 50 ବର୍ଷ ବୟସ ବ୍ୟକ୍ତିର ସମସ୍ତ ଜମାଖାତା ଧାରକଙ୍କୁ ପ୍ରତିବର୍ଷ 2 ଲକ୍ଷ ଟଙ୍କାର ଜୀବନ ବୀମା କଭର ପ୍ରଦାନ କରାଯାଇ ଥିଲା । ପ୍ରତି ବର୍ଷ 330 ଟଙ୍କା ପ୍ରିମିଅମ ବଦଳରେ ପଲିସିଧାରୀଙ୍କୁ କୌଣସି କାରଣରୁ ମୃତ୍ୟୁ କାରଣରୁ ଏହି ସୁରକ୍ଷା କଭର ଦିଆଯାଉଥିଲା । ଏହି ପ୍ରିମିଅମ ଲାଭାର୍ଥୀଙ୍କ ଜମାଖାତାରୁ ଆପେ ଆପେ କାଟି ଦେବାର ବ୍ୟବସ୍ଥା ଥିଲା । ଏହାର ପ୍ରତିବର୍ଷ ନବୀକରଣ କରିବା ବ୍ୟବସ୍ଥା ମଧ୍ୟ ଥିଲା । ଗ୍ରାମ ସ୍ୱରାଜ ଅଭିଯାନର ଉଭୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଅନ୍ତର୍ଗତ 50.43 ନୂଆ ବ୍ୟକ୍ତିଙ୍କୁ ଜୀବନବୀମା ପ୍ରଦାନ କରାଯାଇଥିଲା ।

● 18 ରୁ 70 ବର୍ଷ ବୟସର ସମସ୍ତ ବ୍ୟାଙ୍କ ଖାତା ଧାରୀଙ୍କୁ କେବଳ 12 ଟଙ୍କା ପ୍ରତିବର୍ଷ ପ୍ରିମିୟମ ବଦଳରେ 2 ଲକ୍ଷ ଟଙ୍କାର ଦୁର୍ଘଟଣା କଭର, ମୃତ୍ୟୁ ଏବଂ ଅପାଙ୍ଗ ହେବା ପରିସ୍ଥିତିରେ ଦିଆ ଯାଉଥିଲା । ଏହି ଅଭିଯାନ ଅନ୍ତର୍ଗତ 84.99 ଲକ୍ଷ ନୂଆ ବ୍ୟକ୍ତି ଯୋଜନା ଅନ୍ତର୍ଭୁକ୍ତ ହୋଇଥିଲେ ।

## ଜିଏସ୍‌ଏ ଏବଂ ଇଜିଏସ୍‌ଏ ଅନ୍ତର୍ଗତ ମୂଳ ଉପଲବ୍ଧି




## 63,974 ବଞ୍ଚିତ ଗ୍ରାମ ର ପ୍ରତିଛବି

● ମହିଳା ଏବଂ ପିଲାମାନଙ୍କ ଟୀକାକରଣ ସହିତ ଜଡ଼ିତ ଥିବା ମହତ୍ୱକାଂକ୍ଷୀ କାର୍ଯ୍ୟକ୍ରମ - ମିଶନ ଇନ୍ଦ୍ରଧନୁଷ ଅନ୍ତର୍ଗତ ଡିସେମ୍ବର, 2018 ପର୍ଯ୍ୟନ୍ତ 90 ପ୍ରତିଶତ ଟୀକାକରଣ କରିବାର ଲକ୍ଷ୍ୟ ହାସଲ କରାଯାଇଛି । ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ଯେଉଁ ମହିଳା ଏବଂ ପିଲାମାନଙ୍କ ଟୀକା କରଣ ହୋଇ ନାହିଁ କିମ୍ବା ଆଂଶିକ ଭାବରେ ଟୀକାକରଣ ହୋଇଛି, ସେମାନଙ୍କୁ ସମ୍ପୂର୍ଣ୍ଣ ଟୀକାକରଣ କରି ନିବାରଣ କରାଯାଇ ପାରୁଥିବା 12 ଟି ରୋଗରୁ ରକ୍ଷା କରିବା - ମିଶନ ଇନ୍ଦ୍ରଧନୁଷ ଅନ୍ତର୍ଗତ ଲକ୍ଷ୍ୟ କରାଯାଇଥିବ ଜିଲ୍ଲା ଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଅଭିଯାନ ଅନ୍ତର୍ଗତ ସପ୍ତାହର ସମସ୍ତ ସାତ ଦିନରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଲା । କାର୍ଯ୍ୟକ୍ରମର ଉଭୟ ପର୍ଯ୍ୟାୟରେ 6.29 ଲକ୍ଷ ଏବଂ 1.80 ଲକ୍ଷ ଗର୍ଭବତୀ ମହିଳାଙ୍କୁ ରୋଗରୁ ରକ୍ଷା କରିବା ପାଇଁ ଟୀକାକରଣ କରାଯାଇଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଗତିଶୀଳ ନେତୃତ୍ୱରେ କେନ୍ଦ୍ର ସରକାର ସର୍ବସାଧାରଣଙ୍କର ଅତ୍ୟନ୍ତ ଆବଶ୍ୟକ ବିଷୟ ଗୁଡ଼ିକରେ ଧ୍ୟାନ କେନ୍ଦ୍ରିଭୁତ କରିବା ସଙ୍ଗେ ସଙ୍ଗେ ଏଗୁଡ଼ିକ ପୂରଣ କରିବା ପାଇଁ ଦୃଢ଼ ସଂକଳ୍ପ କରିଛନ୍ତି ଏବଂ ଦୃଢ଼ ଇଚ୍ଛାଶକ୍ତିର ସହିତ କାମ କରୁଛନ୍ତି । ଉପଯୁକ୍ତ ସାତ ଜନ-କଲ୍ୟାଣକାରୀ ଯୋଜନା ଅନ୍ତର୍ଗତ କେତେକ କ୍ଷେତ୍ରରେ ଆଶା ଅନୁରୂପ ପରିଣାମ ଏବଂ କିଛି କ୍ଷେତ୍ରରେ ଆଶାଠାରୁ ଅଧିକ ପରିଣାମ ମିଳିଛି । ବାସ୍ତବରେ ଦେଖିବାକୁ ଗଲେ 'ଗ୍ରାମ ସ୍ୱରାଜ ଅଭିଯାନ' ଏବଂ 'ବିସ୍ତାରିତ ଗ୍ରାମ ସ୍ୱରାଜ ଅଭିଯାନ' ଅନ୍ତର୍ଗତ କଲ୍ୟାଣକାରୀ ଯୋଜନା ସାଧାରଣ ଲୋକ ପର୍ଯ୍ୟନ୍ତ ପହଞ୍ଚାଇବାରେ ଅଭୂତପୂର୍ବ ଏବଂ ଐତିହାସିକ ସଫଳତା ପ୍ରାପ୍ତ ହୋଇଛି । ଏହି ଅଭିଯାନରେ ଗ୍ରାମ, ଗରୀବ, କିଷାନ ଏବଂ ବଞ୍ଚିତ ବର୍ଗଙ୍କୁ ସେମାନଙ୍କର ଅଧିକାର ଦେବା ସଙ୍ଗେ ସଙ୍ଗେ ସେମାନଙ୍କୁ ସମାଜର ମୂଖ୍ୟ ଧାରାରେ ସାମିଲ କରିବାରେ ବଡ଼ ଧରଣର ସଫଳତା ପ୍ରାପ୍ତ ହୋଇଛି । ଦେଶର କୋଟି କୋଟି ଗରୀବ ଏବଂ ପଛୁଆ ବର୍ଗଙ୍କର ଜୀବନ ସମୃଦ୍ଧିଶାଳୀ ହେଉ, ସୁରକ୍ଷିତ ହେଉ, ହସଖୁସୀରେ ଭରି ରହୁ, ଏହି ସଂକଳ୍ପ ସହିତ ବର୍ତ୍ତମାନର ସରକାର ନିରନ୍ତର ପ୍ରେଚେଷ୍ଟା କରି ଆସୁଛି ଏବଂ ଏହି ପ୍ରଚେଷ୍ଟା ସମ୍ପୂର୍ଣ୍ଣ ସଫଳତା ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ବନ୍ଦ ହେବାକୁ ଯାଉନାହିଁ । ♦



ଗ୍ରାମୀଣ ଭାରତର ନବୋଦୟ

# ଜିପିଡିପି ଯୋଗୁଁ ହୋଇଥିବା ଅସୁବିଧା ଦୂର ହୋଇ ସହଜ ଏବଂ ସମୃଦ୍ଧ ଗ୍ରାମର ସ୍ୱପ୍ନ ସାକାର ହେଉଛି





**ଅମରଜୀତ ସିହ୍ନା**

ସଚୀବ, ପଞ୍ଚାୟତି ରାଜ ମନ୍ତ୍ରଣାଳୟ ଏବଂ
ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର

ଦେଶର ନିମ୍ନ ସ୍ତରରେ ସର୍ବ ଦିଗୀୟ ବିକାଶ ସୁନିଶ୍ଚିତ କରିବାର ଉଦ୍ଦେଶ୍ୟ ନେଇ ପଞ୍ଚାୟତି ରାଜ ମନ୍ତ୍ରଣାଳୟ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିଡିପିସି)ର ଶୁଭାରମ୍ଭ କରାଯାଇଥିଲା। ଗ୍ରାମର ମଙ୍ଗଳ ପାଇଁ ଏହି ଅଭିନବ ପ୍ରୟାସର ଅନେକ ଲକ୍ଷ୍ୟ ରହିଛି, ଯେପରିକି ଗରୀବୀ କମ୍ କରିବା, ମାନବ ବିକାଶ, ସାମାଜିକ ବିକାଶ, ଆର୍ଥିକ ବିକାଶ, ସାର୍ବଜନୀନ ସେବାର ଉପଲବ୍ଧତା, ସୁଶାସନ ଇତ୍ୟାଦି। ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିଡିପିସି)ର ବିଚାର ଧାରା ରାଷ୍ଟ୍ରୀୟ ସ୍ତରରେ ଫେବୃଆରୀ 2015 ରେ ଆସିଥିଲା ଯେତେବେଳେ ଚଉଦତମ ଆର୍ଥିକ ଆୟୋଗ 2015 ରୁ 2020 ଭିତରେ 2,00,292.20 କୋଟି (13ତମ ଆର୍ଥିକ ଆୟୋଗ ଅପେକ୍ଷା ତିନିଗୁଣ ରୁ ଅଧିକ ଧନ ରାଶି) ଟଙ୍କା ଧନରାଶି ଅନୁଦାର କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଏହା ସୁନିଶ୍ଚିତ କରାଯାଇଛି ଗ୍ରାମ ପଞ୍ଚାୟତ ହାତରେ ଅଧିକ ଆର୍ଥିକ ଅଧିକାର ଦିଆଯିବା ଉଚିତ ଏବଂ ଏହାର ଉପଯୋଗ କଲାବେଳେ ଅତ୍ୟାବଶ୍ୟକ ସେବା ଉପଲବ୍ଧ କରାଇବାର ମଧ୍ୟ ଅନୁମତି ମିଳିବା ଉଚିତ।

ସାଧାରଣ ଭାବରେ କାର୍ଯ୍ୟକାରୀ କରିବାର କାର୍ଯ୍ୟ ବହୁତ ଟେକ୍‌ନିକ୍ ପ୍ରକାର ହୋଇଥାଏ। ତେଣୁ ଏହା ଆବଶ୍ୟକ ଯେ ଯେଉଁ ମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି, ସେ ବିଷୟରେ ଉପଯୁକ୍ତ ଜ୍ଞାନ ଆହରଣ ପାଇଁ ସହାୟତା କରାଯିବା ଉଚିତ। ଏହି ଅନୁସାରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଜଡିତ ଥିବା ସମସ୍ତ ବ୍ୟକ୍ତିଙ୍କୁ ୱାର୍କସପ ଏବଂ ରାଇଟ୍‌ସପ୍ ମାଧ୍ୟମରେ ପ୍ରଶିକ୍ଷଣର ଆୟୋଜନ କରୁଛି ଏବଂ ପାରସ୍ପରିକ ସହଯୋଗରେ କିପରି ଲାଭାର୍ଥୀଙ୍କୁ ସମସ୍ତ ଲାଭ ପ୍ରଦାନ କରାଯାଇ ପାରିବ ସେ ବିଷୟରେ ମଧ୍ୟ ଶିକ୍ଷା ପ୍ରଦାନ କରାଯାଉଛି। ଆରମ୍ଭରେ ରାଜ୍ୟରେ ରାଜ୍ୟ ସ୍ତରୀୟ କୋର ଗ୍ରୁପ୍ ଗଠନ ପାଇଁ କୁହାଯାଇଥିଲା, ଯେଉଁମାନେ ଜିପିଡିପି ର କାର୍ଯ୍ୟଦିଗ ପ୍ରସ୍ତୁତ କରିବାରେ ସହାୟକ ହେବେ। ଜୁଲାଇ, 2015 ରେ, ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ପାଇଁ ପାଞ୍ଚ ଦିନର କାର୍ଯ୍ୟଶାଳା ଆୟୋଜନ କରିଥିଲା। ଏହାପରେ ବିଗତ ତିନି ବର୍ଷରେ ପଞ୍ଚାୟତି ରାଜ ମନ୍ତ୍ରଣାଳୟ ପୁରା ଦେଶରେ ବିସ୍ତାରିତ ସ୍ତରରେ ପ୍ରଶିକ୍ଷଣ କିମ୍ବା ଅଭ୍ୟାସ କାର୍ଯ୍ୟକ୍ରମ ନିଜ ହାତରେ ନେଇଛି। ଏହାର ଆୟୋଜନ ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତ ରାଜର ରାଜ୍ୟ ସ୍ତରୀୟ ସଂସ୍ଥା ମାଧ୍ୟମରେ କରାଯାଇଛି। ଏହାର ଅନ୍ତର୍ଗତ ଅନେକ ୱାର୍କସପ୍/ରାଇଟ୍‌ସପ୍ ର ଆୟୋଜନ କରାଯାଇଛି।

ଭାରତ ସରକାର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କର ଏଭଳି ସମସ୍ତ ଯୋଜନାଗୁଡ଼ିକ ପରସ୍ପର ଯୋଡ଼ିବା ଉପରେ ଧ୍ୟାନ ଦେଇଛନ୍ତି, ଯାହାକି ଗ୍ରାମର ସର୍ବଦିଗୀୟ କିକାଶ ଏବଂ ପଞ୍ଚାୟତର ସଶକ୍ତିକରଣ ପାଇଁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ରଭାବ ରହିଛି। ଚଉଦତମ ଆର୍ଥିକ ଆୟୋଗ (ଏଫ୍‌ଏଫ୍‌ସି) ପଞ୍ଚାୟତ ସ୍ତରରେ ସମସ୍ତ ଯୋଜନାଗୁଡ଼ିକୁ ପରସ୍ପର ସହିତ ଯୋଡ଼ି ସର୍ବ-ସାଧାରଣଙ୍କୁ ମୁଖ୍ୟ ଏବଂ ଅନ୍ୟ ସେବା ପହଞ୍ଚାଇବାର ଲକ୍ଷ୍ୟ ରଖିଛି। ପଞ୍ଚାୟତି ରାଜ ମନ୍ତ୍ରଣାଳୟ ପଞ୍ଚାୟତ ଅଧିନସ୍ଥ ସମସ୍ତ ମୌଳିକ ସୁବିଧା ଗୁଡ଼ିକୁ ଗୋଟିଏ ସୂତ୍ରରେ ବାନ୍ଧିବା ଉଦ୍ଦେଶ୍ୟରେ ବିଭିନ୍ନ ରାଜ୍ୟର ଉପଯୁକ୍ତ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) ଗୁଡ଼ିକୁ ଯଥାସମ୍ଭବ ସାହାଯ୍ୟ ଏବଂ

ସହାୟତା ପ୍ରଦାନ କରୁଛି। ଏହି ମୌଳିକ ସୁବିଧାରେ ଚଉଦତମ ଆର୍ଥିକ ଆୟୋଗର ଫଣ୍ଡ, ମନରେଗା ଫଣ୍ଡ, ସ୍ୱଚ୍ଛ ଭାରତ ଫଣ୍ଡ ମଧ୍ୟ ସାମିଲ ହୋଇଛି। ସମସ୍ତ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ସହିତ ସ୍ଥାନୀୟ ବିକାଶର ଲକ୍ଷ୍ୟ ସ୍ଥିର କରିବା ପାଇଁ ଏବଂ ବିକାଶ କରିବା ପାଇଁ ସ୍ଥାନୀୟ ମୂଳସାଧନର ଉପଯୋଗ କରାଯିବାର ବ୍ୟବସ୍ଥା ରହିଛି।

ଏହା କହିବା ଅତିରଞ୍ଜିତ ହେବ ନାହିଁ ଯେ ଚଉଦତମ ଆର୍ଥିକ ଆୟୋଗ (ଏଫ୍‌ଏଫ୍‌ସି)ର ଅନୁଦାନ ଗ୍ରାମ ପଞ୍ଚାୟତ ଗୁଡ଼ିକ ପାଇଁ ଜୀବନରକ୍ଷକ ଅମ୍ଳଜାନ ଭଳି କାର୍ଯ୍ୟ କରୁଛି ଏବଂ ଗ୍ରାମ ପଞ୍ଚାୟତଗୁଡ଼ିକ ନୂଆ ଜୀବନ ପାଇଲା ଭଳି ଜୀବନ୍ତ ହୋଇ ଉଠିଛନ୍ତି। କେନ୍ଦ୍ରର ବର୍ତ୍ତମାନ ସରକାରଙ୍କ ସ୍ୱୀକୃତ ଅନୁସାରେ ଏଫ୍‌ଏଫସିର ଧନରାଶି ବର୍ଣ୍ଟନ ପ୍ରକ୍ରିୟା ଅନୁସାରେ ଆର୍ଥିକ ବର୍ଷ 2015-2020 ମଧ୍ୟରେ 2,00,292.20 କୋଟି ଟଙ୍କାର ଅନୁଦାନ ସିଧାସଳଖ ଗ୍ରାମ ପଞ୍ଚାୟତ ଗୁଡ଼ିକୁ ଦିଆଯିବ, ଯାହାର ବଣ୍ଟନ ସମ୍ବିଧାନର ଭାଗ IX ଅନୁସାରେ କରାଯିବ। ଏଥିରେ 26 ରାଜ୍ୟ ପାଇଁ 1,80,262.98 କୋଟି ଟଙ୍କା (90%) ର ମୁଖ୍ୟ ଅନୁଦାନ ଏବଂ 20,029.22 କୋଟି ଟଙ୍କା (10%) କାର୍ଯ୍ୟ ପ୍ରଦର୍ଶନ ଅନୁସାରେ ଅନୁଦାନ ଦେବାର ବ୍ୟବସ୍ଥା ରହିଛି। ଏଫ୍‌ଏଫସିର ଏହି ଅନୁଦାନ ତେରତମ ଆର୍ଥିକ ଆୟୋଗ ତୁଳନାରେ ତିନିଗୁଣରୁ ଅଧିକ ଅଟେ। ଏହାର ଉପଯୋଗ ଗ୍ରାମ ପଞ୍ଚାୟତର ମୁଖ୍ୟ ସେବାରେ ଉନ୍ନତି ଆଣିବା ପାଇଁ ଉଦ୍ଦିଷ୍ଟ ହୋଇଥାଏ। ଅର୍ଥ ମନ୍ତ୍ରଣାଳୟ ଏଥିପାଇଁ ଆବଶ୍ୟକ ନୀତି ନିୟମ ଜାରି କରିଛନ୍ତି ଏବଂ ଏହି ଅର୍ଥ ଉପଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା କୁହାଯାଇଛି ଯେ ଏଫ୍‌ଏଫ୍‌ସି ଅନୁଦାନ ଉପଯୋଗ କରିବା ପୂର୍ବରୁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) ପ୍ରସ୍ତୁତ କରିବା ଅନ୍ୟନ୍ତ ଆବଶ୍ୟକ। ଏଥିପାଇଁ, ଚଉଦତମ ଆର୍ଥିକ ଆୟୋଗ ଗ୍ରାମ ପଞ୍ଚାୟତ ବିକାଶ ଯୋଜନାକୁ ଅଧିକ ମହତ୍ତ୍ୱ ଦେଇଛନ୍ତି। ଏଥିରେ ଆର୍ଥିକ ଦୃଢ଼ତା ଉପରେ ଜୋର ଦିଆ ହୋଇଛି ଏବଂ ଏହା ସୁନିଶ୍ଚିତ କରାଯାଇଛି ଯେ ନ୍ୟୁନ ସ୍ତରରେ ଏହାର ପ୍ରଭାବ ପରିଲକ୍ଷିତ ହେବ।

ଏହାର ଦୂରଦୃଷ୍ଟି ହେଉଛି ଗ୍ରାମ ପଞ୍ଚାୟତ ନିଜେ ହିଁ ନିଜର ସର୍ବଦିଗୀୟ ବିକାଶ ପାଇଁ ପଞ୍ଚବାର୍ଷିକ ଏବଂ ବାର୍ଷିକ ଯୋଜନା ପ୍ରସ୍ତୁତ କରିବ। ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ସହଯୋଗିତା ଏବଂ ବିଭିନ୍ନ ମୂଳସୁବିଧା ଗୁଡ଼ିକର ପରସ୍ପର ଭିତରେ ଯୋଡ଼ିବା ଉପରେ ଆଧାରିତ ହେବ। ଜିପିଡିପିର 14ତମ ଆର୍ଥିକ ଆୟୋଗ, ରାଜ୍ୟ ଆର୍ଥିକ ଆୟୋଗ, ମନରେଗା ଏବଂ ଏନ୍‌ଆର୍‌ଏଲ୍‌ଏମ୍ ରୁ ପ୍ରାପ୍ତ ହୋଇଥିବା ଧନରାଶି ଏକତ୍ରିତ କରାଯିବ ଏବଂ ତା ସଙ୍ଗେ ସଙ୍ଗେ ମାନବ ସଂସାଧନ ମଧ୍ୟ ଏକତ୍ରିତ କରାଯିବାର ବ୍ୟବସ୍ଥା ରହିଛି। ଏଥିରେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ), ପଞ୍ଚାୟତ ଭବନ, ଅନ୍ତେଷ୍ଟି ସ୍ଥଳ ଏବଂ ପଞ୍ଚାୟତ ସ୍ୱୟଂ ଆୟ ମଧ୍ୟ ଏକତ୍ରିତ କରାଯିବ। ଜିପିଡିପିର ମୁଖ୍ୟ ଉଦ୍ଦେଶ୍ୟ ନିମ୍ନଲିଖିତ ପ୍ରକାର ଅଟେ:

**(କ)** ଗ୍ରାମ ପଞ୍ଚାୟତର ସର୍ବଦିଗୀୟ ବିକାଶ କରିବା ଯେଉଁଥିରେ କେବଳ ମୁଖ୍ୟ ସୁବିଧା ଗୁଡ଼ିକ ବିକାଶ କରାଯିବ ତାହା ନୁହେଁ , ସାମାଜିକ, ଆର୍ଥିକ ଏବଂ ସର୍ବଦିଗୀୟ ବିକାଶ ମଧ୍ୟ ସାମିଲ ଅଟେ।

**(ଖ)** ନିର୍ଣ୍ଣୟ ପ୍ରକ୍ରିୟାର ବିକେନ୍ଦ୍ରିକରଣ, ସମୁଦାୟର ନିର୍ଣ୍ଣୟ କରିବା ପାଇଁ ସକ୍ଷମ କରିବା।

**(ଗ)** ଆବଶ୍ୟକତା ଗୁଡ଼ିକର ଚିହ୍ନଟ ପଞ୍ଚାୟତ ସ୍ତରରେ ହିଁ କରିବା, ପରସ୍ପର ସହଯୋଗରେ ଯୋଜନା ପ୍ରସ୍ତୁତ କରିବା ଏବଂ ସମସ୍ତ ସଂଶାଧନଗୁଡ଼ିକ ପରସ୍ପର ଯୋଡ଼ିବା ଉପରେ ପ୍ରାଥମିକତା ଦେବା।

**(ଘ)** ଜିପିଡିପିର ଯୋଜନା ଏବଂ କାର୍ଯ୍ୟପ୍ରଣାଳୀରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିମାନଙ୍କୁ ଜନମଙ୍ଗଳ କାର୍ଯ୍ୟରେ ପ୍ରାଥମିକତା ଦେବା।

ଏହାର ଅନ୍ତର୍ଗତ ମୁଖ୍ୟ ସୁବିଧା ଦେବା ସଙ୍ଗେ ସଙ୍ଗେ ଜୀବନଧାରଣର ସାଧନ, ଗରୀବୀ କମ୍ କରିବା ଏବଂ ସାମାଜିକ ସୁରକ୍ଷା ପ୍ରଭୃତି ମୁଖ୍ୟ ବିଷୟ ଗୁଡ଼ିକରେ ବିଶେଷ ଧ୍ୟାନ ଦିଆଯିବ।

ଏଫ୍‌ଏଫସି ଆୱାର୍ଡ୍ ତରଫରୁ ଗ୍ରାମ ପଞ୍ଚାୟତ ସ୍ତରରେ ସମସ୍ତ ଯୋଜନା ପ୍ରସ୍ତୁତ କରିବାର ସୁଯୋଗ ପ୍ରାପ୍ତ ହୋଇଛି ଏବଂ ଏହା ସଙ୍ଗେ ସଙ୍ଗେ ଏହାର ନେତୃତ୍ୱ ମଧ୍ୟ ଗ୍ରାମ ପଞ୍ଚାୟତ ହାତରେ ରହିଛି ଯେପରିକି ସାଧାରଣ ଜନତା ପର୍ଯ୍ୟନ୍ତ ମୌଳିକ ସୁବିଧା ଏବଂ ଅନ୍ୟ ସୁବିଧା ସହଜରେ ପହଞ୍ଚିପାରିବ। ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ସମ୍ବନ୍ଧିତ ସମସ୍ତ ଯୋଜନାରେ ସ୍ଥାନୀୟ ବିକାଶ ନିର୍ଦ୍ଧାରଣ କରିବା ପାଇଁ ସ୍ଥାନୀୟ ସାଧନର ଉପଯୋଗ କରିବାର ମଧ୍ୟ ସୁଯୋଗ ମିଳିବ।

ପଞ୍ଚାୟତି ରାଜ ମନ୍ତ୍ରଣାଳୟ ଏଫ୍‌ଏଫ୍ ସି ଫଣ୍ଡ, ରାଜ୍ୟ ଅନୁଦାନ, ନିଜ ଆୟର ଉତ୍ସ, ମନରେଗା ଫଣ୍ଡ ଇତ୍ୟାଦି ପଞ୍ଚାୟତ ଅଧୀନରେ ଏକତ୍ରିତ କରିବା ପାଇଁ ବିଭିନ୍ନ ରାଜ୍ୟର ଉପଯୁକ୍ତ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି)ଏକତ୍ରିତ କରିଛି ଏବଂ ଏହାଦ୍ୱାରା କ୍ଷମତା କରିବା ପାଇଁ ମଧ୍ୟ କାର୍ଯ୍ୟ କରୁଛି। ରାଷ୍ଟ୍ରୀୟ ସଂସାଧନ ସମୂହର ମଧ୍ୟ ଗଠନ କରାଯାଇଛି ଯାହାର ଉଦ୍ଦେଶ୍ୟ ହେଉଛି ରାଜ୍ୟର ଅଂଶିଦାର ନିୟୋଜନରେ ସହାୟତା କରିବା। ରାଜ୍ୟର ଜିପିଡିପି ପ୍ରଶିକ୍ଷଣ ଉପରେ ପୁରା ଧ୍ୟାନ ଦେବା ପାଇଁ ମନ୍ତ୍ରଣାଳୟ ପ୍ରଚେଷ୍ଟା କରୁଛି। ଏଥିପାଇଁ ମନ୍ତ୍ରାଳୟ ପ୍ରୟାସ କରୁଛି ଯେ କ୍ଲଷ୍ଟର, ବ୍ଲକ୍ ଏବଂ ଜିଲ୍ଲା ସ୍ତରରେ ନିୟୋଜନରେ ଭାଗିଦାରୀରେ ସାମିଲ ହୋଇଥିବା ଭୂମିକା ପାଇଁ ଜନ ଅନୁକୂଳ ବାତାବରଣ ପ୍ରସ୍ତୁତ କରାଯାଇ ପାରିବ। ସମସ୍ତ ଭାଗିଦାର ରାଜ୍ୟ ନିଜନିଜର କାର୍ଯ୍ୟଦିଗ ପ୍ରସୁତ କରିସାରିଲେଣି - ଏହି ବିଷୟରେ ରାଜ୍ୟଗୁଡ଼ିକ ଭଲ ଉତ୍ସାହ ପ୍ରଦର୍ଶନ କରିଛନ୍ତି। ଆବଣ୍ଟନ ସୂଚନାଙ୍କ ଉପରେ ନିଜ ସ୍ତରରେ ରାଜ୍ୟ ଜିପିଡିପି ଗ୍ରାମ ପଞ୍ଚାୟତ ଗୁଡ଼ିକ ସହାୟତା କରିବାରେ ଅଧିକ ଉତ୍ସାହ ପ୍ରଦର୍ଶନ କରିଛି। ଏଠାରେ ବିଶେଷ ଉଲ୍ଲେଖଯୋଗ୍ୟ ଯେ,



ଆସାମ, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ତ୍ରିପୁରା, ସିକିମ, ମଧ୍ୟପ୍ରଦେଶ, ଗୋଆ, ମହାରାଷ୍ଟ୍ର, ଗୁଜୁରାଟ୍ ପ୍ରଭୃତି ରାଜ୍ୟ ବିଶେଷ ଆଗ୍ରହ ପ୍ରଦର୍ଶନ କରିଛନ୍ତି। ନିମ୍ନସ୍ତରରେ କାର୍ଯ୍ୟର ଗତି ବୃଦ୍ଧି କରିବା ଏବ କ୍ଷମତା ବୃଦ୍ଧି ପାଇଁ ସେମାନଙ୍କର କାର୍ଯ୍ୟ ପ୍ରଶଂସନୀୟ। ଏହା ମଧ୍ୟ ଦେଖା ଯାଇଛି ନିମ୍ନ ସ୍ତରରେ ଗ୍ରାମର ଲୋକ ଚିନ୍ତା କରିପାରୁଛନ୍ତି ଯେ ସ୍ଥାନୀୟ ସମସ୍ୟା ଏବଂ ବହୁଦିନ ଧରି ସମାଧାନ ହୋଇପାରୁ ନଥିବା ସମସ୍ୟା ଗୁଡ଼ିକ ଶୀଘ୍ର ସମାଧାନ ହୋଇପାରିବ। କେତେକ ଗ୍ରାମ ପଞ୍ଚାୟତ ନୂଆ ନୂଆ ଚିନ୍ତାଧାରା ସହିତ ଆଗଭର ହୋଇଛନ୍ତି। ଜିପିଡିପି ର ପରିକଳ୍ପନା ଏବଂ ରୂପରେଖା ପ୍ରସ୍ତୁତ କରିବାରେ ନୂଆ ଦୃଷ୍ଟିକୋଣ ଦେଖିବାକୁ ମିଳିଛି।

ବର୍ଷ 2015-16 ଅନ୍ତର୍ଗତ, ପାଖାପାଖି 1.32 ଲକ୍ଷ ଜିପିଡିପି ପ୍ରସ୍ତୁତ କରାଯାଇଛି,

ଯେତେବେଳେ ବର୍ଷ 2016-17ରେ ପାଖାପାଖି 2.44 ଲକ୍ଷ ଜିପିଡିପି ପ୍ରସ୍ତୁତ କରାଯାଇଛି।

ବର୍ଷ 2017-18 ସମୟରେ ଦେଶର ବିଭିନ୍ନ ଭାଗର ଗ୍ରାମ ପଞ୍ଚାୟତରେ ପାଖାପାଖି 2.42 ଲକ୍ଷ ଜିପିଡିପି ପ୍ରସ୍ତୁତ କରାଯାଇସାରିଲାଣି। ଏହି ବର୍ଷ, ଗ୍ରାମ ପଞ୍ଚାୟତକୁ ପ୍ରୋତ୍ସାହନ ଦେବା ପାଇଁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) ନାମରେ ଏକ ନୂଆ ପୁରସ୍କାର ଆରମ୍ଭ କରାଯାଇଥିଲା। ପଞ୍ଚାୟତି ରାଜ ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ମଡେଲ ନିର୍ଦ୍ଦେଶାବଳୀ ସହିତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ବିଶେଷ ନିର୍ଦ୍ଦେଶାବଳୀ ଅନୁସାରେ ନିଜର ଜିପିଡିପି ବିକଶିତ କରିଥିଲେ। ଏହି ବର୍ଷ ରାଷ୍ଟ୍ରୀୟ ପଞ୍ଚାୟତି ରାଜ ଦିବସ ଅବସରରେ 3 ସର୍ବଶ୍ରେଷ୍ଠ ଗ୍ରାମ ପଞ୍ଚାୟତକୁ ଜିପିଡିପି ପୁରସ୍କାର ଦିଆଯାଇଥିଲା। ଜିପିଡିପି ପାଖରେ, ମୂଲ୍ୟ (ବଂଶାନୁକ୍ରମିକ, ବିବିଧତା, ରଚନାତ୍ମକ ଏବଂ ଜ୍ଞାନ)କୁ ମହତ୍ତ୍ୱ ଦେବାରେ ସ୍ଥାନୀୟ ଅଂଶିଦାର କ୍ରମାଗତ ଏବଂ ସର୍ବଦିଗୀୟ ବିକାଶର ବାହକ ରୂପରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଅଭିନୟ କରିଥାନ୍ତି। ଏହି ଉଦ୍ଦେଶ୍ୟଗୁଡ଼ିକୁ ହାସିଲ କରିବାରେ ଏବଂ ସ୍ଥାନୀୟ ସଙ୍ଗଠନ, ନାଗରିକ ସମାଜ ସଂଗଠନ, ସ୍ୱୟଂ କ୍ଷେତ୍ର, ଶୈକ୍ଷଣିକ ସଂସ୍ଥା ଏବଂ ଅନ୍ୟ ସମସ୍ତ ଅଂଶିଦାରମାନଙ୍କ ମଧ୍ୟରେ ଭାଗୀଦାରୀ ଏବଂ ଦାୟିତ୍ୱକୁ ମହତ୍ତ୍ୱ ଦେବାରେ ସର୍ବ ଦିଗୀୟ ସ୍ଥାନୀୟ ବିକାଶ ଯୋଜନା ଏକ ବଢ଼ିଆ ବିକଳ୍ପ।

ଫଳରେ, ଗ୍ରାମ ପଞ୍ଚାୟତ ଦ୍ୱାରା ବ୍ୟାପକ ଏବଂ ପ୍ରଭାବୀ ଜିପିଡିପିର ନିର୍ମାଣ ପାଇଁ ଆବଶ୍ୟକ ଅଟେ କି ବଣ୍ଟନ କରାଯାଇଥିବା ଫଣ୍ଡକୁ ପ୍ରତ୍ୟେକ ପଞ୍ଚାୟତର କ୍ଷେତ୍ରାଧିକାର ଭିତରେ ଖର୍ଚ୍ଚ କରିବାରେ ଏବଂ ତାଙ୍କର କାର୍ଯ୍ୟକଳାପ ସହ ସମ୍ବନ୍ଧିତ ସୂଚନା ବିଷୟରେ ସାର୍ବଜନୀନ ପ୍ରକଟିକରଣ ଅନୁସାରେ ପ୍ରତ୍ୟେକ ପଞ୍ଚାୟତକୁ ସୂଚୀତ କରାଯାଉ। ଏହି ଦୃଷ୍ଟିରୁ ପ୍ରସ୍ତାବ ଦିଆଯାଏ କି ଅଲଗା-ଅଲଗା ମନ୍ତ୍ରଣାଳୟ ଦ୍ୱାରା ସଞ୍ଚାଳିତ ଯୋଜନା ମାଧ୍ୟମରେ ଆବଣ୍ଟିତ ଧନ, ସମ୍ବନ୍ଧିତ ରାଜ୍ୟର ବିଭାଗର ପରାମର୍ଶରେ ଅଲଗା-ଅଲଗା ପଞ୍ଚାୟତକୁ ଦିଆଯାଉ ଏବଂ ଏହି ବିଷୟରେ ସମ୍ବନ୍ଧିତ ଗ୍ରାମ ପଞ୍ଚାୟତକୁ ସୂଚିତ କରାଯାଉ। ଗ୍ରାମ ପଞ୍ଚାୟତକୁ ମଧ୍ୟ ଏହି ବିଶିଷ୍ଟ କାର୍ଯ୍ୟକ୍ରମ ବିଷୟରେ ବ୍ୟାପକ ରୂପରେ ସମ୍ବେଦନଶୀଳ ହେବା ଜରୁରୀ ଅଟେ, ଯେଉଁମାନେ ତାଙ୍କ ତରଫରୁ ବିଶେଷ ଯୋଜନା ପାଇଁ ଆବଶ୍ୟକ ସମର୍ଥନ ସୁନିଶ୍ଚିତ କରିବା ପାଇଁ ପୂରା କରିବା ଆବଶ୍ୟକ। ପଞ୍ଚାୟତି ରାଜ ପ୍ରଣାଳୀ, ତିନି ସ୍ତର ଉପରେ ବଛାଯାଇଥିବା 31 ଲକ୍ଷରୁ ଅଧିକ ପ୍ରତିନିଧିମାନଙ୍କ ସହିତ ଜନ-କେନ୍ଦ୍ରିକ ବିକାଶର ନେତୃତ୍ୱ କରୁଅଛି। ଭାରତରେ ବିଶ୍ୱ ସ୍ତରରେ ସବୁଠୁ ଅଧିକ, 14 ଲକ୍ଷ ରୁ ଅଧିକ ମହିଳା ପ୍ରତିନିଧି ଅଛନ୍ତି। ଜିପିଡିପି ପ୍ରକ୍ରିୟାରେ ସୁଶାସନ ଜରିଆରେ ଲିଙ୍ଗଭେଦ ଉପରେ ଅଙ୍କୁଶ ପଡ଼ିବ। ଏହା ଦ୍ୱାରା ପାରଦର୍ଶିତା, ଉତ୍ତରଦାତା ଏବଂ ସମାନ ନାଗରିକ ହିସାବରେ ମହିଳା ଅଧିକାରକୁ ମହତ୍ତ୍ୱ ମିଳିବ। ସାର୍ବଜନୀନ ସେବାର କୁଶଳତା ଏବଂ ଦକ୍ଷତାରେ ବୃଦ୍ଧି ହେବ ଏବଂ ବର୍ଷ 2030 ପର୍ଯ୍ୟନ୍ତ ବିଶ୍ୱ ସମ୍ବନ୍ଧୀୟ ଏସ୍‌ଡିଜି ଏଜେଣ୍ଡା ପ୍ରାପ୍ତ କରିବା ପାଇଁ ସଂସ୍ଥାଗତ, ବ୍ୟକ୍ତିଗତ ଏବଂ ପରିଚାଳନ କ୍ଷମତାଗୁଡ଼ିକର ନିର୍ମାଣ ହୋଇପାରିବ। ଏହା ଧ୍ୟାନ ଦେବା ଆବଶ୍ୟକ ଯେ ଲିଙ୍ଗ ଆଧାରିତ ଯୋଜନା ଏବଂ ଲୈଙ୍ଗିକ ବିଶ୍ଳେଷଣକୁ ଏକ ଅଲଗା କାର୍ଯ୍ୟ ଭାବରେ ଗ୍ରହଣ ନ କରି, ନିୟମିତ ଜିପିଡିପି ଯୋଜନା ପ୍ରକ୍ରିୟାର ଅଂଶୀଦାର କରିବା ଜରୁରୀ ଅଟେ। ଜିପିଡିପି, ସରକାରୀ ଯୋଜନାସମୂହ ଏବଂ ପ୍ରମୁଖ କାର୍ଯ୍ୟକ୍ରମ, ପଞ୍ଚାୟତ ପ୍ରକ୍ରିୟା ଏବଂ ସଂସାଧନ ତଥା ଉତ୍ତରଦାତା ଉପାୟ ଉପରେ ଜାଗରଣର ସୃଷ୍ଟିରୁ ବଞ୍ଚିତ ସମ୍ପ୍ରଦାୟ ଏବଂ ମହିଳାମାନଙ୍କ ଉପରେ ଧ୍ୟାନ ଦେବା ଆବଶ୍ୟକ ଅଟେ। ରାଜ୍ୟଗୁଡ଼ିକୁ ବଜେଟ ଯୋଜନା ନିର୍ମାଣ, କାର୍ଯ୍ୟାନ୍ୱୟନ ଏବଂ ଜିପିଡିପିର ନଜରରେ ମହିଳାମାନଙ୍କ ସକ୍ରିୟ ଭାଗୀଦାରୀ ସୁନିଶ୍ଚିତ କରିବା ଦରକାର।

ବ୍ୟାପକ ସ୍ତରରେ ଜିପିଡିପି ନିର୍ମାଣ ଏବଂ ତାଙ୍କର କାର୍ଯ୍ୟକ୍ରମ ସୁନିଶ୍ଚିତ କରିବା ତଥା ଗ୍ରାମୀଣ ଭାରତରେ ପରିବର୍ତ୍ତନର ବିପ୍ଳବ ଆଣିବା ପାଇଁ ପଞ୍ଚାୟତି ରାଜ ମନ୍ତ୍ରଣାଳୟ, ଭାରତ ସରକାର 2 ଅକ୍ଟୋବର ରୁ 31 ଡିସେମ୍ବର, 2018 ପର୍ଯ୍ୟନ୍ତ ଅଭିଯାନ - 'ସବକୀ ଯୋଜନା ସବ୍‌କା ବିକାଶ' ଆରମ୍ଭ କରିବା ପାଇଁ ଯାଉଅଛି। ଏହି ସମୟରେ, ପ୍ରତ୍ୟେକ ପଞ୍ଚାୟତ ଦ୍ୱାରା ବିସ୍ତୃତ ଜିପିଡିପି ପ୍ରସ୍ତୁତ ହୋଇଯିବ। ଛଅଟି ଅନୁସୂଚୀତ କ୍ଷେତ୍ରରେ, ଗ୍ରାମ ବିକାଶ ଯୋଜନା (ଜିପିଡିପି) ସମ୍ବନ୍ଧିତ ଗ୍ରାମ ପରିଷଦ ଏବଂ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ କରାଯିବ। ଏହି ଯୋଜନା ସହ ସମ୍ବନ୍ଧିତ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକର ସୂତ୍ରଗୁଡ଼ିକର ସମର୍ଥନ ଦ୍ୱାରା ପଞ୍ଚାୟତର ବିକାଶ ସମ୍ବନ୍ଧୀୟ ଆବଶ୍ୟକତାକୁ ସାମିଲ କରାଯିବ। ଜିପିଡିପି ଅଭିଯାନ, ନା କେବଳ ଦେଶର ଗ୍ରାମ ସଭାଗୁଡ଼ିକର ନେତୃତ୍ୱ କରୁଥିବା 31 ଲକ୍ଷ ନିର୍ବାଚିତ ପ୍ରତିନିଧିମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବ, ତାହା ନୁହେଁ ବରଂ ତାଙ୍କୁ ତାଙ୍କୁ ଦିନଦୟାଲ ଅନ୍ତୋଦୟ ଯୋଜନା ଏନ୍‌ଆର୍‌ଏଲ୍‌ଏମ୍ ଜରିଆରେ ଜିପିଡିପି ମାଧ୍ୟମରେ ଗ୍ରାମର ବିକାଶ ଯୋଜନାର ରୂପରେଖା ପ୍ରସ୍ତୁତ କରିବାରେ ଏବଂ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରାୟ 5.25 କୋଟି ମହିଳା ସ୍ୱ-ସହାୟତା ସମୂହଗୁଡ଼ିକ ରୁ ମଧ୍ୟ ସମର୍ଥନ ଏକାଠି କରିବାରେ ସାହାଯ୍ୟ କରିବ।♦



ଭାଗୀଦାରୀ ଯୋଜନାରେ ଯୋଗଦାନ କରି ଏବଂ ମୂଳସ୍ତରରେ ଲୋକତନ୍ତ୍ରକୁ ସଂସ୍ଥାଗତ କରିବାର କ୍ଷମତା ଅଛି। ଏହା ହେଉଛି ସବୁଠାରୁ ଉପଯୁକ୍ତ ସମୟ, ଯେତେବେଳେ ଆମେ ଆଲୋଚନା କରି ଏହି ନିର୍ଣ୍ଣୟ ଉପରେ ପହଞ୍ଚିବା ଦରକାର କି କେଉଁ ପ୍ରକାରରେ ଜିପିଡିପିକୁ କ୍ରମାଗତ ବିକାଶର ଲକ୍ଷ୍ୟ ହାସିଲ କରିବାର ମହତ୍ତ୍ୱପୂର୍ଣ୍ଣ ତନ୍ତ୍ର ସଠିକ୍ ଅର୍ଥରେ ପସ୍ତୁତ କରାଯାଉ ଏବଂ ଗ୍ରାମ ପଞ୍ଚାୟତକୁ ସ୍ଥାନୀୟ ଶାସନର ପ୍ରଭାବୀ ସଂସ୍ଥା ତିଆରି କରିବାରେ ସେମାନଙ୍କର ସହାୟତା କରାଯାଉ। ଏହା ସହିତ ଯୋଜନା ସମୂହ, ଅଧିକାର ଏବଂ ବାହାର ବଣ୍ଟନରୁ ଆଗକୁ କଥା ଭାବନ୍ତୁ ଏବଂ ସେ ଅନୁସାରେ କାର୍ଯ୍ୟ କରାଯାଉ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ଏହା ଯେ ଆମେ ଗ୍ରାମ ପଞ୍ଚାୟତର ବର୍ତ୍ତମାନ ସ୍ୱରୂପକୁ ପରିବର୍ତ୍ତନ କରିବାରେ ଏବଂ କ୍ଷମତା ନିର୍ମାଣ କରିବାରେ ଧ୍ୟାନ କେନ୍ଦ୍ରିତ କରାଯାଉ। ସାମାଜିକ-ଆର୍ଥିକ ବିକାଶ ସହିତ ସାଂସ୍କୃତିକ

# ଗ୍ରାମର ବିକାଶ, ସରକାରଙ୍କ ସଂକଳ୍ପ - ପ୍ରଧାନମନ୍ତ୍ରୀ

## ରାଷ୍ଟ୍ରୀୟ ପଞ୍ଚାୟତି ରାଜ ଦିବସ, 24 ଏପ୍ରିଲ, 2018






24 ଏପ୍ରିଲ, 2018 ଦିନ ପଞ୍ଚାୟତି ରାଜ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନର ଶୁଭାରମ୍ଭ କରିଥିଲେ। ସେ ଦେଶର 2.5 ଲକ୍ଷ ପଞ୍ଚାୟତକୁ ଅଭିନନ୍ଦନ କଲେ ଏବଂ ଶୁଭକାମନା କଲେ। ସେ କହିଲେ ଯେ ଆଦରଣୀୟ ବାପୁଙ୍କର ସ୍ୱପ୍ନ ଅନୁଭବ କରିବାର ଏକ ମହତ୍ତ୍ୱପୂର୍ଣ୍ଣ ଅବସର ଥିଲା, କାରଣ ମହାତ୍ମା ଗାନ୍ଧୀ ଭାରତର ପରିଚୟ ତାଙ୍କର ଗ୍ରାମ ସହିତ କରିବାକୁ ଚାହିଁଥିଲେ। ଏହି ଅବସରରେ ସର୍ବଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର ଯୋଜନା ଅନ୍ତର୍ଗତ ରାଷ୍ଟ୍ରୀୟ ଇ-ପଞ୍ଚାୟତ ପୁରସ୍କାର ଏବଂ ଗ୍ରାମ ପଞ୍ଚାୟତ ବିକାଶ ପୁରସ୍କାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବର୍ଷ ରାଷ୍ଟ୍ରୀୟ ପଞ୍ଚାୟତି ରାଜ ଦିବସର ମହତ୍ତ୍ୱପୂର୍ଣ୍ଣ ଅବସରରେ, ମାନନୀୟ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ (ଆର୍‌ଜିଏସ୍‌ଏ)ର ପୁର୍ନଗଠନ ଯୋଜନା ସହିତ ସ୍ଥାନୀୟ ସରକାର ନିର୍ଦ୍ଦେଶିକା (ଏଲଜିଡି)ର ମଧ୍ୟ ଶୁଭାରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ଇ-ପଞ୍ଚାୟତ ପୁରସ୍କାର ଏବଂ ଗ୍ରାମ ପଞ୍ଚାୟତ ବିଷୟରେ ଉତ୍ତମ ପ୍ରଦର୍ଶନ କରିଥିବା ରାଜ୍ୟ ଗୁଡ଼ିକୁ ଜିପିଡିପି ପୁରସ୍କାର ପ୍ରଦାନ କରିଥିଲେ। ମାନନୀୟ ପ୍ରଧାନମନ୍ତ୍ରୀ ଜନସମୂହର ସହିତ ସାରା ଦେଶର ଗ୍ରାମ ସଭାକୁ ସମ୍ବୋଧିତ କରିଥିଲେ।

ପଶ୍ଚିମ ବଙ୍ଗ, କର୍ଣ୍ଣାଟକ ଏବଂ ସିକିମ୍ ରୁ ଏକ ଏକ ଗ୍ରାମ ପଞ୍ଚାୟତକୁ ଜିପିଡିପି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଭାବୀ ଗ୍ରାମ ସଭା ମାଧ୍ୟମରେ ଗ୍ରାମର ସାମାଜିକ ଏବଂ ଆର୍ଥିକ ପରିସ୍ଥିତିରେ ବଡ଼ ଧରଣର ଉନ୍ନତି କରିଥିବା 21ଟି ଗ୍ରାମ ପଞ୍ଚାୟତକୁ ନାନାଜି ଦେଶମୁଖ ରାଷ୍ଟ୍ରୀୟ ଗୌରବ ଗ୍ରାମ ସଭା ପୁରସ୍କାର (ଏନଡିଆର୍‌ଜିଜିଏସ୍‌ପି)ରେ ସମ୍ମାନିତ କରିଥିଲେ। ସାମାନ୍ୟ ଏବଂ ନୂଆ ଚିନ୍ତାଧାରା ଆଧାରିତ ଶ୍ରେଣୀ, ସ୍ୱଚ୍ଛତା, ନାଗରୀକ ସେବା (ପାନୀୟ ଜଳ, ଷ୍ଟ୍ରିଟ୍ ଲାଇଟ୍, ଆଧାରଭୁତ ଚିନ୍ତାଧାରା), ପ୍ରାକୃତିକ ସଂସାଧନ ପ୍ରବନ୍ଧନ, ଉପେକ୍ଷିତ ବର୍ଗ (ମହିଳା, ଏସ୍‌ସି/ଏସ୍‌ଟି, ଦିବ୍ୟାଙ୍ଗ, ବୃଦ୍ଧ)ଙ୍କର ସେବା, ସାମାଜିକ କ୍ଷେତ୍ରରେ ପ୍ରଦର୍ଶନ, ବିପଦକାଳୀନ ବ୍ୟବସ୍ଥା, ଗ୍ରାମ ପଞ୍ଚାୟତକୁ ସମର୍ଥନ ଦେବା ପାଇଁ ସ୍ୱେଚ୍ଛାକୃତ ଭାବରେ କାର୍ଯ୍ୟ କରୁଥିବା ସିବିଓ/ବ୍ୟକ୍ତି ବିଶେଷ, ରାଜସ୍ୱ ସଂଗ୍ରହରେ ଆଧୁନିକକରଣ ଏବଂ ଇ-ଶାସନ କ୍ଷେତ୍ରରେ ସେବା ଏବଂ ନାଗରିକ ସୁବିଧା ଉପଲବ୍ଧ କରାଇବାରେ ସହାୟତା କରୁଥିବା 191 ପଞ୍ଚାୟତ (ଜିଲ୍ଲା, ମାଧ୍ୟମିକ ଏବଂ ଗ୍ରାମ ପଞ୍ଚାୟତଗୁଡ଼ିକୁ ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର (ଡିଡିୟୁପିଏସ୍‌ପି) ମଧ୍ୟ ପ୍ରଦାନ କରାଯାଇଥିଲା।

**ମହାତ୍ମା ଗାନ୍ଧୀ - 'ଗ୍ରାମୋଦୟ ଠାରୁ ରାଷ୍ଟ୍ରୋଦୟ' ର ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ପ୍ରୋତ୍ସାହିତ କରିଥିଲେ। ଭାରତ ସରକାର ସେହି ଲୋକଙ୍କ ନିଜ ଗ୍ରାମରେ ବିକାଶ, ନିଜ ଗ୍ରାମର ଲୋକଙ୍କୁ ସଶକ୍ତ କରିବା ଏବଂ ସଂକଳ୍ପକୁ ପୁରା କରିବା ପାଇଁ ସହଯୋଗ କରିବ।**

ପଞ୍ଚାୟତି ରାଜ ଦିବସ ଅବସରରେ ଦେଇଥିବା ତାଙ୍କ ଭାଷଣ କିଛି ମହତ୍ତ୍ୱପୁର୍ଣ୍ଣ ଅଂଶ ନିମ୍ନ ପ୍ରକାର ଅଟେ:

● ପଞ୍ଚାୟତି ରାଜ ଦିବସ ସଂକଳ୍ପକୁ ସ୍ୱୀକାର କରିବା ଦିବସ ହେବା ଉଚିତ। ଲୋକମାନଙ୍କର ସେବା କରିବା ପାଇଁ ଲୋକମାନେ ହିଁ ଆମକୁ ନିର୍ବାଚନ କରି ସରକାର ଗଠନ କରିବାରେ ସମର୍ଥ କରିଛନ୍ତି। ଏଥିପାଇଁ ଯଦି ଆମର କ୍ଷମତା ଏବଂ ଆମର ସମୟ ଏହି କାର୍ଯ୍ୟ ପାଇଁ ନିୟୋଜିତ ହୁଏ, ତେବେ ଆମେ ଗ୍ରାମର ପ୍ରତିଛବି ମଧ୍ୟ ବଦଳାଇ ପାରିବା।

● ଆଜି ସୁଚିନ୍ତିତ ନିର୍ଦ୍ଦିଷ୍ଟ ସମୟ ଭିତରେ ପ୍ରକୃତ ଲାଭାର୍ଥୀ କିପରି ମିଳିଥିବା ଅର୍ଥ କିପରି ସଦୁପଯୋଗ କରିପାରିବେ, ତାହା ଉପରେ ଅଧିକ ଧ୍ୟାନ ଦିଆହେଉଛି। ଗ୍ରାମରେ ଏଭଳି କୌଣସି ପରିବାର ନାହାନ୍ତି ଯାହାଙ୍କ ପାଖରେ ଜନଧନ ବ୍ୟାଙ୍କ୍ ଖାତା ଏବଂ ନ୍ୟୁନତମ 90 ପଇସାରେ ବୀମା ଉପଲବ୍ଧ ନାହିଁ। ଯଦି ସେହି ପରିବାର କୌଣସି ଦୁର୍ଘଟଣାର ସମ୍ମୁଖୀନ ହୁଏ, ତେବେ ତାଙ୍କୁ 2 ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଉପଲବ୍ଧ ହେବ।

● ଆମର ଏହି ଭାବନା ହେବା ଉଚିତ ଯେ ଦେଶରେ ପରିବର୍ତ୍ତନ ଆଣିବା ପାଇଁ ପ୍ରଥମେ ଗ୍ରାମକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରିବା। ଆମ ସମସ୍ତଙ୍କୁ ଗ୍ରାମର ଫଣ୍ଡର ସଠିକ ଉପଯୋଗ କରିବା ଉଚିତ। ମୁଁ ଚାହୁଁଛି ଯେ ଆମେ ସମସ୍ତ ଗ୍ରାମରେ 'ଜୟ ଜବାନ, ଜୟ କିଷାନ, ଜୟ ବିଜ୍ଞାନ' ମନ୍ତ୍ର ସହିତ ଆଗକୁ ଅଗ୍ରସର ହେବା ଉଚିତ। ♦



# ଗ୍ରାମ ପଞ୍ଚାୟତ ମାଧ୍ୟମରେ ଗ୍ରାମୀଣ ମହିଳାଙ୍କ ସଶକ୍ତିକରଣ

## ଗ୍ରାମୀଣ ମହିଳାଙ୍କ ସ୍ଥିତିର ଅବଲୋକନ

**ଗ୍ରାମୀଣ ଉପାର୍ଜନଶୀଳ ମହିଳା-ପୁରୁଷର ବର୍ଗୀକରଣ:** ରାଷ୍ଟ୍ରୀୟ ଗ୍ରାମୀଣ ଆଜିବୀକା ମିଶନର ଲିଙ୍ଗ ଆଧାରିତ କାର୍ଯ୍ୟକ୍ରମକୁ ସମର୍ଥନ ଶୀର୍ଷକ ଦ୍ୱାରା ଜାରି କରାଯାଇଥିବା ସଂଯୁକ୍ତ ରାଷ୍ଟ୍ର ମହିଳା ରିପୋର୍ଟ ଅନୁସାରେ ଭାରତର 79 ପ୍ରତିଶତ ଗ୍ରାମୀଣ ମହିଳା କୃଷି କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ଏମାନଙ୍କୁ ପୁରୁଷ ତୁଳନାରେ କେବଳ 50 ରୁ 75 ପ୍ରତିଶତ ମଜୁରୀ ମିଳୁଛି। କେବଳ 9 ପ୍ରତିଶତ ଗ୍ରାମୀଣ ମହିଳାଙ୍କ ନିଜ ନାମରେ ସମ୍ପତ୍ତି ଅଛି। ଏହାର ପରିଣାମସ୍ୱରୂପ ଅଳ୍ପ କିଛି ମହିଳା ହିଁ ସଂସ୍ଥାଗତ ଭାବରେ ଋଣ ନେବାରେ ସମର୍ଥ ହୋଇଛନ୍ତି କାରଣ ସେମାନଙ୍କ ପାଖରେ କୌଣସି ଜମି ନାହିଁ କିମ୍ବା ଉତ୍ପାଦନମୂଳକ ଅନ୍ୟ କୌଣସି ସମ୍ପତ୍ତି ନାହିଁ। ଗ୍ରାମର ଚାଷ ଜମିରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ମଧ୍ୟରୁ 80 ପ୍ରତିଶତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କିମ୍ବା ଅନ୍ୟ ପଛୁଆ ଜାତିର ବ୍ୟକ୍ତି ହିଁ ହୋଇଥାନ୍ତି। ଭାରତରେ ମହିଳା ଶ୍ରମିକମାନେ ଅତି ଅଳ୍ପ ମଜୁରୀରେ କାର୍ଯ୍ୟ କରିଥାନ୍ତି ଏବଂ ସମାନ ମଜଦୁରୀ, କାର୍ଯ୍ୟକରିବାର ଉତ୍ତମ ଅବସ୍ଥା ଏବଂ ସମାନ ସୁଯୋଗ ଏମାନଙ୍କ ପାଇଁ ବହୁତ କମ୍



ଉପଲବ୍ଧ ହୋଇଥାଏ। ଯଦିଓ, ଗ୍ରାମୀଣ ଭାରତର କୃଷିରେ ଶ୍ରମିକ ଏବଂ ଚାଷୀମାନଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ଅଧିକ ଅଟେ, ରକ୍ଷଣାବେକ୍ଷଣ ଭଳି ପ୍ରାଥମିକ କାର୍ଯ୍ୟ ପାଇଁ ବିନା ପାରିଶ୍ରମିକରେ ମଧ୍ୟ କାର୍ଯ୍ୟ କରିବାକୁ ପଡ଼ିଥାଏ। ଏହିପରି ଭାବରେ ମହିଳାମାନେ ହେଉଛନ୍ତି ସମାଜ ସ୍ୱୀକାର ନକଲା ଭଳି କାର୍ଯ୍ୟବଳ। ଲିଙ୍ଗ ଆଧାରିତ ସମାନତା ସୂଚନାଙ୍କ ଅନୁସାରେ ବିଶ୍ୱର 188 ଦେଶ ମଧ୍ୟରେ ଭାରତର ସ୍ଥାନ 125 ଅଟେ ଏବଂ ମହିଳାମାନେ ସବୁଠାରୁ କମ୍ ପାରିଶ୍ରମିକ ପାଉଥିବା ଦେଶ ମଧ୍ୟରେ ଅନ୍ୟତମ।

ଗ୍ରାମୀଣ ମହିଳାଙ୍କ ଦୁର୍ବଳ ସ୍ଥିତି, ଗରୀବୀ ଏବଂ ସାମାଜିକ ଅନ୍ୟାୟର ସମାଧାନ ପାଇଁ ଭାରତ ସରକାର ପ୍ରଚେଷ୍ଟା କରୁଛନ୍ତି। ସରକାର ଗ୍ରାମୀଣ ମହିଳାଙ୍କ ସଶକ୍ତିକରଣ ଏବଂ ବିକାଶ ପାଇଁ ଅନେକ ମହତ୍ୱକାଂକ୍ଷୀ କାର୍ଯ୍ୟକ୍ରମ ଏବଂ କେନ୍ଦ୍ର ଆୟୋଜିତ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେଗୁଡ଼ିକ ମଧ୍ୟରେ 'ବେଟି ବଚାଓ ବେଟି ପଢ଼ାଓ', ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ମହିଳା ଶକ୍ତି କେନ୍ଦ୍ର, ଉଜ୍ଜ୍ୱଳା, ଏମଜିନରେଗା, ଆଇସିଡିଏସ୍, ମଧ୍ୟାହ୍ନ ଭୋଜନ ଯୋଜନା ଏବଂ ଅନ୍ୟ ଯୋଜନା ସାମିଲ ଅଟେ। 73ତମ ସମ୍ବିଧାନ ସଂଶୋଧନ (ଅନୁଚ୍ଛେଦ 243 ଡି) ମାଧ୍ୟମରେ ପଞ୍ଚାୟତି ରାଜ ସଂସ୍ଥା ଗୁଡ଼ିକରେ (ପିଆର୍ଆଇ) ଏକ ତୃତୀୟାଂଶ ଆରକ୍ଷଣର ବ୍ୟବସ୍ଥା ରହିଛି। ଏଥିରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଆରକ୍ଷଣ ସିଟ୍ ମଧ୍ୟ ସାମିଲ୍ ଅଟେ। ବର୍ତ୍ତମାନରେ 20 ରାଜ୍ୟ ପଞ୍ଚାୟତି ରାଜ ସଂସ୍ଥା ଗୁଡ଼ିକରେ 50 ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ମଧ୍ୟ ରହିଛି। ପଞ୍ଚାୟତି ରାଜ ସଂସ୍ଥା ଗୁଡ଼ିକର ବିଭିନ୍ନ ସ୍ତରରେ 15 ଲକ୍ଷରୁ ଅଧିକ ମହିଳା ନିର୍ବାଚିତ ହୋଇଛନ୍ତି। ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ଏହି ସଂଖ୍ୟାର ପ୍ରତିନିଧିତ୍ୱ ସାରା ଦୁନିଆଁରେ ସବୁଠାରୁ ଅଧିକ ଅଟେ। ପଞ୍ଚାୟତି ରାଜ ମନ୍ତ୍ରଣାଳୟର ହିସାବ ଅନୁସାରେ 1 ଜାନୁଆରୀ, 2018 ସୁଦ୍ଧା ପଞ୍ଚାୟତି ରାଜ ସଂସ୍ଥା ଗୁଡ଼ିକରେ ମୋଟ 31,00,804 ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ 14,26,000 ମହିଳା ନିର୍ବାଚିତ ପ୍ରତିନିଧି ଅଟନ୍ତି, ଯାହାକି ମୋଟ ନିର୍ବାଚିତ ପ୍ରତିନିଧିଙ୍କର 46 ପ୍ରତିଶତ ଅଟେ। ଦେଶରେ 1,05,676 ମହିଳା ସରପଞ୍ଚ ଅଛନ୍ତି। ରାଜନିତିକ ପ୍ରତିନିଧିତ୍ୱ ଏବଂ ଭାଗିଦାରୀ ମାଧ୍ୟମରେ ମହିଳା ସଶକ୍ତିକରଣ ଏହି କିର୍ତ୍ତୀମାନ କାହାଣୀ ସ୍ୱତ୍ତ୍ୱେ ମଧ୍ୟ ଆଜିର ଗ୍ରାମୀଣ ମହିଳା ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତି ରାଜ ସଂସ୍ଥା ଗୁଡ଼ିକରେ ମହିଳା ମାନଙ୍କ ପ୍ରତିନିଧିତ୍ୱ କମ୍ ନୁହେଁ (ନିୟମ ଅନୁସାରେ ଏକ ତୃତୀୟାଂଶ) କିନ୍ତୁ ସ୍ଥାନୀୟ ଶାସନରେ ମହିଳା ମାନଙ୍କ ଭାଗିଦାରୀ ଯଥେଷ୍ଟ ନୁହେଁ। ବିଶେଷ ସଂସ୍ଥା, ନାଗରିକ ସମାଜ, ଅନ୍ତରାଷ୍ଟ୍ରୀୟ ସଂସ୍ଥା, ଦାନକର୍ତ୍ତା ସଂଗଠନ ଏବଂ ମୂଳସ୍ତରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ବ୍ୟାପକ ତଥ୍ୟଗତ ଅନୁସନ୍ଧାନ, ଅଧ୍ୟୟନରୁ ଗ୍ରାମୀଣ ମହିଳା ନେତା ଏବଂ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ଅସୁବିଧା ଏବଂ ବାଧାବିଘ୍ନ ସମସ୍ତ ଜଣା ପଡୁଛି।

ସେଥି ମଧ୍ୟରୁ ଏହି ପ୍ରକାରର ଯେ ପରମ୍ପରା ଗତ ପିତୃକେନ୍ଦ୍ରିକ ଏବଂ ପୁରୁଷବାଦୀ ମାନସିକତା ଏବଂ ଲିଙ୍ଗ ଆଧାରିତ ଭେଦଭାବ କାରଣରୁ ନିର୍ବାଚିତ ମହିଳା ପ୍ରତିନିଧିମାନେ ନିଜର ଉଦ୍ଦେଶ୍ୟ ପୂର୍ଣ୍ଣ ଭାଗିଦାରୀ ମାଧ୍ୟମରେ ଦାୟିତ୍ୱ ତୁଲାଇବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ, ସାର୍ବଜନୀନ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଆବଶ୍ୟକ ସହାୟତା ଏବଂ ସମର୍ଥନ ମିଳିପାରୁନାହିଁ। ତା ସହିତ ନିର୍ବାଚିତ ମହିଳା ପ୍ରତିନିଧି ମାନଙ୍କ ପ୍ରତି ରାଜ୍ୟ ସଂସ୍ଥାର

ଅଧିକାରୀଗଣର ଅସହଯୋଗ ଚିନ୍ତାଧାରା ଏବଂ ଦୃଷ୍ଟିକୋଣ ରହୁଥିବାରୁ ବିପରିତ ପ୍ରଭାବ ପଡୁଛି। ସାମାଜିକରଣ ପ୍ରକ୍ରିୟା, ଶିକ୍ଷା ଏବଂ ଟେକ୍‌ନିକ୍ ଜ୍ଞାନ ଉପଯୁକ୍ତ ଭାବରେ ପ୍ରାପ୍ତ ହେବାରେ ସେମାନେ ବଞ୍ଚିତ ହେଉଛନ୍ତି, ଫଳରେ ଗ୍ରାମ ପଞ୍ଚାୟତ ପାଇଁ ଯୋଜନା ପ୍ରସ୍ତୁତ ପ୍ରକ୍ରିୟା, ସଂସାଧନର ବଣ୍ଟନ, ଯୋଜନା କାର୍ଯ୍ୟକାରୀ କରିବା ଏବଂ ସେଗୁଡ଼ିକ ଉପରେ ପର୍ଯ୍ୟବେକ୍ଷଣ କରିବା ପ୍ରଭୃତି କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ସମାଜରେ ସେମାନଙ୍କ ପ୍ରତି ହୀନତା ମନୋଭାବ ସୃଷ୍ଟି କରୁଛି ଏବଂ ମହିଳା ପ୍ରମୁଖଙ୍କ ନାମରେ ଖରାପ ଏବଂ ଦକ୍ଷତାହୀନର ଚିହ୍ନ ଲାଗିଯାଉଛି। ଗ୍ରାମରେ ମହିଳା ପ୍ରତିନିଧି ଘରର ସମସ୍ତ ଦାୟିତ୍ୱ ସହିତ ଜାତି, ନିଜର ପରିଚୟ, ଶକ୍ତି ଏବଂ ସେମାନଙ୍କ ପ୍ରତି ଅସମାନତା ମନୋଭାବ ପ୍ରଭୃତି ସମ୍ମୁଖୀନ ହେବାକୁ ପଡୁଛି। ମୂଳସ୍ତରରୁ ପ୍ରାପ୍ତ ହୋଇଥିବା ତଥ୍ୟ ଅନୁସାରେ ଏହା ସ୍ପଷ୍ଟ ହେଉଛି ଯେ ଅଧିକତର ଭାବରେ ପଞ୍ଚାୟତର ମହିଳା ପ୍ରତିନିଧିଙ୍କର କାମକାର୍ଯ୍ୟରେ ସଫଳ ଭାଗିଦାରୀ ହୋଇପାରୁ ନାହିଁ। ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ଗ୍ରାମର ମହିଳାମାନଙ୍କ ଉପଯୁକ୍ତ ଭାଗିଦାରୀ ପାଇଁ ଉଚିତ ସ୍ଥିତି ଏବଂ ଅନୁକୂଳ ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ବଡ଼ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି (ଆଇସିଆର୍‌ଡବଲ୍ୟୁ, ୟୁଏନ୍ ଓମେନ, ଏନ୍‌ଏ)। କାହିଁକି ଗ୍ରାମୀଣ ମହିଳାଙ୍କ ଉପରେ ବିପରିତ ପ୍ରଭାବ ପକାଉଥିବା ବିଷୟରେ ବ୍ୟାପକ ଭାବରେ ଆଲୋଚନା ହେଉଛି। ତେଣୁ ଗ୍ରାମୀଣ ମହିଳାଙ୍କ ରାଜନିତୀକ ଭାଗିଦାରୀ ଏବଂ ଆର୍ଥିକ ବିକାଶ ସମ୍ବନ୍ଧିତ ସମସ୍ୟା ସମାଧାନ ହୋଇପାରିବ ଏବଂ ପରବର୍ତ୍ତୀ ଭାଗରେ ବିସ୍ତୃତ ବ୍ୟାଖ୍ୟା ସମ୍ଭବ ହୋଇପାରିବ। ଏହି ବିଚାର ବିମର୍ଷର ମୁଖ୍ୟ ଲକ୍ଷ୍ୟ ହେଉଛି ଗ୍ରାମୀଣ ମହିଳାଙ୍କ ସଶକ୍ତିକରଣ କରିବାପାଇଁ ରଣନୀତି ପ୍ରସ୍ତୁତ କରିବା ଏବଂ ବର୍ତ୍ତମାନର ସୁଯୋଗର ପ୍ରଭାବଶୀଳ ଉପଯୋଗ କରିବା।

## ଗ୍ରାମୀଣ ମହିଳାଙ୍କ ସଶକ୍ତିକରଣ ପାଇଁ ଏକ ମଞ୍ଚ ରୂପରେ ଜିପି

ଆର୍ଥିକ ବିକାଶ ଏବଂ ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ପିଆରଆଇ ପାଖରେ ସାମ୍ବିଧାନିକ ଅଧିକାର ରହିଛି। ପଞ୍ଚାୟତକୁ ଶକ୍ତି ହସ୍ତାନ୍ତର ପାଇଁ ସମ୍ବିଧାନର ଅନୁଚ୍ଛେଦ 243ଜି, ଭାଗ ୨ ର ବ୍ୟବସ୍ଥା ରହିଛି। ଏଥିରେ ରାଜ୍ୟମାନଙ୍କୁ ଆଦେଶ ଦିଆ ହୋଇଛି ଯେ ସେମାନେ କୁଶଳତା ସହିତ କାର୍ଯ୍ୟ କରିବା ପାଇଁ ପଞ୍ଚାୟତ ଗୁଡ଼ିକୁ ଶକ୍ତି ଏବଂ ଅଧିକାର ପ୍ରଦାନ କରିବେ। ଏହି ସାମ୍ବିଧାନିକ ଆଦେଶ ଯୋଗୁଁ ଗ୍ରାମର ବିକାଶ ପାଇଁ ପଞ୍ଚାୟତ ପାଖରେ ରାଜ୍ୟର ଅର୍ଥ ଅନୁଦାନ, ଚଉଦତମ ଆର୍ଥିକ ଆୟୋଗ ଦ୍ୱାରା ଦିଆଯାଇଥିବା ଫଣ୍ଡ, ସରକାରୀ ଫ୍ଲାଗସିପ୍ ଯୋଜନାରୁ ପ୍ରାପ୍ତ ଫଣ୍ଡ ହୋଇଥାଏ ଏବଂ ତା ସହିତ ନିଜ ଉତ୍ସରୁ ଆୟ କରିଥିବା ଫଣ୍ଡ ମଧ୍ୟ ହୋଇଥାଏ। ପିଆରଆଇ ମଧ୍ୟ ସ୍ଥାନୀୟ ସଂସ୍ଥା ଯେ କି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଭାଗିଦାରୀ ଯୋଜନା, ସଂସାଧନ ଆବଣ୍ଟନ, କାର୍ଯ୍ୟ ବଣ୍ଟନ ପ୍ରଭୃତି କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିଥାଏ ଏବଂ ସମସ୍ତ ସରକାରୀ ଯୋଜନା ପାଇଁ ଉତ୍ତରଦାୟୀ ରହିଥାଏ। ଏହା ଯୋଗୁଁ ପଞ୍ଚାୟତକୁ ଲୋକଙ୍କ ପ୍ରତି ଲିଙ୍ଗ ଆଧାରିତ ଉତ୍ତରଦାୟୀ ହେଉଥିବା ପ୍ରଶାସନ ଏବଂ କାର୍ଯ୍ୟବଣ୍ଟନ ପାଇଁ ଏକ ଅଭୁତପୂର୍ବ ମଞ୍ଚ ମିଳିଥାଏ। ଏକ ମହତ୍ୱପୂର୍ଣ୍ଣ ବିଷୟ ହେଉଛି ଗ୍ରାମ ଲାଭଦାୟକ ସ୍ଥିତିରେ ଅଛି, ଯେଉଁଠାରେ ପିଆରଆଇର ସକ୍ରିୟ ଭୁମିକା ସହାୟତାରେ ଏସ୍‌ଡିଜିର ସ୍ଥାନୀୟକରଣ ଏବଂ ବାସ୍ତବିକରଣ ସମ୍ଭବ ହୋଇପାରିବ। ଏଠାରେ ଏଭଳି କାରକ





ଅଛନ୍ତି, ଯେଉଁମାନେ ଗ୍ରାମୀଣ ମହିଳାଙ୍କୁ ସଶକ୍ତିକରଣ କରିବା ପାଇଁ ଗ୍ରାମ ପଞ୍ଚାୟତକୁ ରଣନୀତିର ମଞ୍ଚ ଭାବରେ ବ୍ୟବହାର କରନ୍ତି।ଗ୍ରାମ ସଭା, ମହିଳାଙ୍କ ସାମୂହିକ ମଞ୍ଚ (ଏସ୍‌ଏଚ୍‌ଜି, ସଂଘ, ପର୍ଯ୍ୟବେକ୍ଷଣ ସମିତି) ଏବଂ ମୂଳ ସ୍ତରର ସଂଗଠନରେ ମହିଳାଙ୍କ ଭାଗିଦାରୀ ମଜଭୁତ କରିବା ସହିତ ଇଡବ୍ଲ୍ୟୁଆର ର ସମର୍ଥନ ଏବଂ କ୍ଷମତା ବୃଦ୍ଧି, ସମ୍ଭାବିତ ମହିଳା ପ୍ରାର୍ଥୀ ଏବଂ ଯେଉଁ ମହିଳାମାନେ ଆଉଥରେ ନିର୍ବାଚନରେ ଭାଗ ନେବାକୁ ଚାହୁଁଛନ୍ତି, କାର୍ଯ୍ୟକ୍ରମର ନିର୍ମାଣ ଏବଂ କାର୍ଯ୍ୟବଣ୍ଟନ ପାଇଁ ପ୍ରୋତ୍ସାହନ ଏବଂ ସମାବେଶର ଆବଶ୍ୟକତା ହୋଇଥାଏ। ଗ୍ରାମ ପଞ୍ଚାୟତ ଦ୍ୱାରା ଲୋକ ମାନଙ୍କ ମଧ୍ୟରେ ଲିଙ୍ଗ ଆଧାରିତ ସମାନତା ଏବଂ ସଶକ୍ତିକରଣ ପାଇଁ ଚାଲୁ କରାହୋଇଥିବା ଯୋଜନା ଏବଂ କାର୍ଯ୍ୟକ୍ରମ ଗୁଡ଼ିକର ସମ୍ମେଳନର ବହୁତ ଆବଶ୍ୟକତା ହୋଇଥାଏ। ପଞ୍ଚାୟତର ସମସ୍ତ ଗତିବିଧି ଏବଂ କାର୍ଯ୍ୟକ୍ରମରେ ଲୋକମାନଙ୍କ ଲିଙ୍ଗ ଆଧାରିତ ହିତ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିବା ଆବଶ୍ୟକ ଏବଂ ଏଗୁଡ଼ିକ ଏଭଳି ଭାବରେ ପ୍ରସ୍ତୁତ କରିବା ଆବଶ୍ୟକ ଯେପରିକି ଅସମାନତା କମ୍ ହୋଇପାରିବ। ଗତିବିଧି ଏବଂ କାର୍ଯ୍ୟକ୍ରମ ପଞ୍ଚାୟତ ସ୍ତରରେ ଲଗାତାର ଭାବରେ ହିସାବ ରଖାଯିବା ଉଚିତ ଏବଂ କ୍ରମାଗତ ଉନ୍ନତି ପାଇଁ ସବୁବେଳେ ପ୍ରଚେଷ୍ଟା କରିବା ଉଚିତ।

ଆଉ ଏକ ପ୍ରକ୍ରିୟା ଯାହା କି ରଣନୀତି ଭାବରେ ବ୍ୟବହାର କରିବା ଆବଶ୍ୟକ ତାହା ହେଉଛି ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) ଯାହାକି ଗ୍ରାମ ପଞ୍ଚାୟତ ଦ୍ୱାରା କରାଯାଉଥିବା ଏକିକୃତ ବିକେନ୍ଦ୍ରିକୃତ ଯୋଜନାର ଦୃଷ୍ଟିକୋଣ ଅଟେ। ଜିପିଡିପି ପାଇଁ ଲିଙ୍ଗ ଆଧାରିତ ହିତ ଦୃଷ୍ଟିରୁ ସ୍ଥାନୀୟ ପ୍ରଶାସନରେ ଗ୍ରାମୀଣ ମହିଳାଙ୍କ ସଫଳ ଭାଗିଦାରୀ, ସଂସ୍ଥାଗତ ଋଣର ଉପଲବ୍ଧତା, ବଜାର ଏବଂ ଜିବୀକା ନିର୍ବାହ ହେଉଥିବା ଭଳି କାର୍ଯ୍ୟ ପ୍ରଣାଳୀ ମହିଳା ମାନଙ୍କ ପାଇଁ ସୁନିଶ୍ଚିତ କରିବା ଉଚିତ। ଜିପିଡିପି ରେ

ଲିଙ୍ଗ ଆଧାରରେ ଏକତ୍ରିକରଣ ଏକ ଅଲଗା ପ୍ରକାର କିମ୍ବା ଏକ ସମାନାନ୍ତର ପ୍ରକ୍ରିୟା ନୁହେଁ ବରଂ ଏହା ପ୍ରଚଳିତ ଜିପିଡିପି କାର୍ଯ୍ୟଧାରାରେ ବାସ୍ତବ ମୁଖ୍ୟଧାରା ହୋଇଥାଏ। ଏକ ଲୋକ ମଙ୍ଗଳକାରୀ ଏବଂ ସମ୍ବେଦନଶୀଳ ଜିପିଡିପି ଏହା ପ୍ରତି ବିଶେଷ ଧ୍ୟାନ ଦିଏ ଯେ ପୁରୁଷ ଏବଂ ମହିଳାଙ୍କ ଭିତରେ ସାମାଜିକ, ଧାର୍ମିକ ଏବଂ ସାଂସ୍କୃତିକ ଆଧାରରେ ଭେଦଭାବ କରିବ ନାହିଁ କିମ୍ବା ସଂସାଧନ ଉପଲବ୍ଧ କରାଇବାରେ ପାତରଅନ୍ତର କରିବ ନାହିଁ। ଜିପିଡିପି ମଧ୍ୟ ବିଭିନ୍ନ ବର୍ଗର ଅଲଗା ଅଲଗା ଆବଶ୍ୟକତାକୁ ମଧ୍ୟ ଧ୍ୟାନ ରଖିବା ଉଚିତ। ଯୋଜନା ଏବଂ ଖର୍ଚ୍ଚ ଅଟକଳକୁ ପୁରୁଷ ଏବଂ ମହିଳାଙ୍କ ଭିନ୍ନ ଭିନ୍ନ ଆବଶ୍ୟକତା ସହିତ ଯୋଡ଼ିବା ଉଚିତ ଏବଂ ଲିଙ୍ଗ ଆଧାରିତ ଅସମାନତା ଦୂର କରିବା ପାଇଁ ବ୍ୟବହାର କରିବା ଉଚିତ। ଜିପିଡିପି କାର୍ଯ୍ୟକଳାପରେ ଲିଙ୍ଗଭିତ୍ତିକ ସମାନତା ରହିବା ଉଚିତ ଏବଂ ଯୋଜନା ପ୍ରସ୍ତୁତ କରିବା, ବଜେଟ୍ ଅଟକଳ କରିବା, କାର୍ଯ୍ୟକଳାପ ପର୍ଯ୍ୟବେକ୍ଷଣ କରିବା ଏବଂ ବିକାଶ କାର୍ଯ୍ୟକଳାପ ପ୍ରସ୍ତୁତ କରିବାରେ ଗ୍ରାମୀଣ ମହିଳାମାନଙ୍କର ସଫଳ ଭାଗିଦାରୀ ରହିବା ଉଚିତ। ଏମଆଇଏସ ବଜେଟ୍, ଅଂଶଗ୍ରହଣ, ଗ୍ରାମୀଣ କୌଶଳ ଏବଂ ବିକାଶଶୀଳ ଲିଙ୍ଗ ଆଧାରିତ କାର୍ଯ୍ୟକଳାପ ଯୋଜନା, ଭଲ ଭାବରେ ପରିଭାଷିତ ଲିଙ୍ଗ ଆଧାରିତ ସମ୍ବେଦନଶୀଲ ସଂକେତକ ଏବଂ ଜିପିଡିପି ପାଇଁ ଚେକଲିଷ୍ଟ ଏକ ଲିଙ୍ଗ ଆଧାରିତ ସମ୍ବେଦନଶୀଳ ଜିପିଡିପି ବିକଶିତ କରିବା ପାଇଁ ଏକ ମହତ୍ୱପୂର୍ଣ୍ଣ ପ୍ରଚେଷ୍ଟା ହେବ। ଏହାର ପରିଣାମ ଗ୍ରାମ ପଞ୍ଚାୟତରେ ପରିଲକ୍ଷିତ ହେବ। ଗ୍ରାମୀଣ ମହିଳାମାନେ ମହତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିବା କିମ୍ବା ମହିଳା ସଂସ୍ଥାକୁ ଉତ୍ତମ ଭାବରେ ଉପଯୋଗ କରିବା ପାଇଁ ଅନୁକୂଳ ଏବଂ ସମ୍ବେଦନଶୀଳ ପରିବେଶ ଆବଶ୍ୟକ। ଏହା ହେଲେ ହିଁ ମହିଳା ମାନେ ପଞ୍ଚାୟତ ସମସ୍ତ ଗତିବିଧି ଏବଂ କାର୍ଯ୍ୟକଳାପରେ ମହିଳାମାନେ ସଫଳ ଭାବରେ ଅଂଶଗ୍ରହଣ କରିପାରିବେ। ଗ୍ରାମୀଣ ମହିଳା ଦୁର୍ବଳ ହେବା ଏବଂ ହାସ୍ୟାସ୍ପଦ ହେବା ସମସ୍ୟା ଅତି ଜଟିଳ। ତେଣୁ ବହୁ କ୍ଷେତ୍ରୀୟ



ଲିଙ୍ଗ ଆଧାରିତ ଉତ୍ତରଦାୟୀ ଦୃଷ୍ଟିକୋଣର ଅତ୍ୟନ୍ତ ଆବଶ୍ୟକତା ରହିଛି। ଚିନ୍ତାଧାରା ଏବଂ ସମ୍ଭାବିତ ସମାଧାନ ଦ୍ୱାରା ଗ୍ରାମୀଣ ମହିଳାମାନଙ୍କ ସଶକ୍ତିକରଣ ହୋଇପାରିବ ଏବଂ ଏହିପାଇଁ ଏହି କ୍ଷେତ୍ରରେ ନିତୀନିୟମ ଏବଂ ଅନୁସନ୍ଧାନର ଅତ୍ୟନ୍ତ ଆବଶ୍ୟକତା ରହିଛି।

ଗ୍ରାମ ପଞ୍ଚାୟତରେ ମହିଳାମାନଙ୍କୁ ଘର ଚାରିପାଖେ ବାନ୍ଧି ହୋଇ ରହିବା, କେବଳ ହୋମ୍ ମେକର ହେବା, ପରିବାରର ସଦସ୍ୟଙ୍କ ସେବା ଯତ୍ନ ନେବା ଏବଂ ଘର କାର୍ଯ୍ୟ କରିବା ଭୂମିକାରେ ଦେଖାଯାଇ ଥାଏ। ଗ୍ରାମ ପଞ୍ଚାୟତର ଅଶେଷ କ୍ଷମତା ରହିଛି ଯେ ଏହି ଐତିହାସିକ ଭାବନା ଏବଂ ଚିନ୍ତାଧାରାର ସମାପ୍ତ କରିଦେବ। ପିଆରଆଇ କର୍ମୀମାନଙ୍କୁ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ପ୍ରୟାସର ଅନୁସନ୍ଧାନ, ନୀତି ଏବଂ ସରକାରୀ ସଂସ୍ଥା ଗୁଡ଼ିକର ସହଯୋଗ ଆବଶ୍ୟକ।

ନୀତିଗତ ସ୍ତରରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ପିଆରଆଇରେ ମହିଳାଙ୍କ ପାଇଁ 50 ପ୍ରତିଶତ ଆରକ୍ଷଣ ରହିଛି। କ୍ଷମତା ନିର୍ମାଣ ପାଇଁ ଅଧିକରୁ ଅଧିକ ଫଣ୍ଡ ଆବଣ୍ଟନ, ଅଭିଜ୍ଞତା ପ୍ରାପ୍ତ କରିବା ଏବଂ ଇଡବ୍ଲ୍ୟୁଆର ର ପ୍ରଶିକ୍ଷଣ, ସରକାରୀ ସଂସ୍ଥାରେ ଲିଙ୍ଗ ଆଧାରିତ ବଜେଟ ସେଲର ଅନୁପାଳନ ଆବଶ୍ୟକତା ରହିଛି। ସାର୍ବଜନୀନ ସଂସ୍ଥା ଗୁଡ଼ିକରେ ଲିଙ୍ଗଗତ ଲେଖା ପରୀକ୍ଷା ପ୍ରତି ଧ୍ୟାନ ଦେବା ଉଚିତ। ସରକାର ନିଜର ଯୋଜନା, ଖର୍ଚ୍ଚ ଅଟକଳ ଏବଂ କାର୍ଯ୍ୟ ବଣ୍ଟନରେ ଖୋଲାପଣତା ଅବଲମ୍ବନ କରିବା ଉଚିତ ଏବଂ ସେ ଲିଙ୍ଗ ଆଧାରିତ ପ୍ରତି ଉତ୍ତରଦାୟୀ ରହିବା ଉଚିତ। ଅନୁସନ୍ଧାନ ହସ୍ତକ୍ଷେପର ଅନ୍ୟ ଏକ ମହତ୍ୱପୂର୍ଣ୍ଣ କ୍ଷେତ୍ର, ଏଠାରେ ମହିଳାଙ୍କ ବିକାଶ ଏବଂ ସାମାଜିକ ନ୍ୟାୟ, ରାଜନୀତିକ ଭାଗିଦାରୀ ଉପରେ ଜୋର ଦିଆଯିବା ଉଚିତ। ସରକାରୀ ସଂସ୍ଥା ହସ୍ତକ୍ଷେପ କରିବାରେ ଲିଙ୍ଗ ଆଧାରିତ ଦୃଷ୍ଟିକୋଣ ରହିବା ଉଚିତ ଏବଂ ଏହା ଦ୍ୱାରା ପିଆରଆଇ ର କ୍ଷମତା ମଜଭୁତ ହେବାର ରାସ୍ତା ପ୍ରସ୍ତୁତ ହୋଇଯିବ। ମହିଳାଙ୍କ ଭାଗିଦାରୀ ସୁନିଶ୍ଚିତ କରିବା, ପର୍ଯ୍ୟବେକ୍ଷଣ କରିବା, ବିକେନ୍ଦ୍ରିକରଣ କରିବା, ଉତ୍ତରଦାୟୀ ଚିନ୍ତାଧାରାରେ ବୃଦ୍ଧି କରିବା ପାଇଁ ଆବଶ୍ୟକତା ରହିଛି। ଏକ ବିକଶିତ ଏବଂ ସାମାଜିକ ଭାବରେ ଏକ ବିକଶିତ ସମାଜ କେବଳ ମହିଳାଙ୍କ ସକ୍ରିୟ ଭାଗିଦାରୀ ଏବଂ ଯୋଗଦାନ ଦ୍ୱାରା ହିଁ ସମ୍ଭବ ହୋଇପାରିବ। ବିଶେଷ ଭାବରେ ଭାରତ ପାଇଁ ଏହା ପ୍ରଜୁଯ୍ୟ କାରଣ ଗ୍ରାମୀଣ ଜନସଂଖ୍ୟାରେ ମହିଳାଙ୍କ ଜନସଂଖ୍ୟା 48 ପ୍ରତିଶତରୁ ମଧ୍ୟ ଅଧିକ ଅଟେ। ଗ୍ରାମ ପଞ୍ଚାୟତ ଗୁଡ଼ିକ ସାମାଜିକ ନ୍ୟାୟ ଏବଂ ଆର୍ଥିକ ବିକାଶ ର ସାମ୍ବିଧାନିକ ଆଦେଶକୁ କେବଳ ଗ୍ରାମୀଣ ମହିଳାଙ୍କ ସଫଳ ଭାଗିଦାରୀରେ ହିଁ ସମ୍ଭବ କରିପାରିବ। ♦



Reference: Aajeevika & UN Women. (2014). Engendering Rural Livelihoods: Supporting Gender Responsive Implementation of the National Rural livelihoods Mission. Accessed on 5 April 2018. Retrieved from http://aajeevika.gov.in/sites/default/files/nrlp_repository/Engendering-Rural-Livelihoods-Final.pdf
Bhattacharyya, A. (undated). Rural Women in India: The Invisible Lifeline of RuralCommunity.

**ନିଷ୍ଠା ସତ୍ୟମ**
ଡେପୁଟି କଣ୍ଟ୍ରି ରିପ୍ରେଜେଣ୍ଟେଟିଭ୍
ୟୁଏନ୍ ବୁମେନ୍ ଇଣ୍ଡିଆ (ଏମ୍.ସି.ଓ)
**ଶାଶ୍ୱତୀ ମିଶ୍ର**
ପ୍ରୋଗ୍ରାମ୍ ଆନାଲିଷ୍ଟ୍ ଏମ୍ଓପିଆର୍ - ୟୁଏନ୍ ବୁମେନ୍

# କୋବଇ ଗ୍ରାମ ପଞ୍ଚାୟତ ନିଜ ସୂତ୍ରରୁ ନିଜକୁ ପ୍ରସ୍ତୁତ କଲା ଆତ୍ମନିର୍ଭରଶୀଳ

## ଗ୍ରାମର ପାର୍କ, ପୋଖରୀ, ଦୋକାନରୁ ପ୍ରସ୍ତୁତ କଲା ରେଭେନ୍ୟୁ ମଡେଲ



ଆର୍ଥିକ ରୂପରେ ଆତ୍ମନିର୍ଭରଶୀଳ ହେବ ଯେତେ ଲୋକଙ୍କ ପାଇଁ ଜରୁରୀ ଅଛି ସେତିକି ଅଛି ଗ୍ରାମ ପଞ୍ଚାୟତ ପାଇଁ ମହତ୍ୱପୂର୍ଣ୍ଣ। ଏହା ଦ୍ୱାରା ଗ୍ରାମର ପ୍ରଗତି ସୁନିଶ୍ଚିତ ହୋଇଥାଏ। ଏହି କଠିନ ପରିସ୍ଥିତିରେ ସବୁଠାରୁ ପ୍ରଥମ ଗ୍ରାମ ପାଖରେ ଥିବା ଆୟକୁ ଜାଣିବାର ସବୁଠାରୁ ବଡ଼ ଆବଶ୍ୟକତା ହୋଇଥାଏ। ତାପରେ ସେହି ସୂତ୍ରକୁ ସଠିକ୍ ଦିଗରେ ପ୍ରୟୋଗ କରି ରେଭେନ୍ୟୁର ମଡେଲ ପ୍ରସ୍ତୁତ କରାଯାଇପାରେ। ଏହି ପରି ସଫଳ ମଡେଲର ଭଲ ଉଦାହରଣ ପ୍ରସ୍ତୁତ କଲା ତ୍ରିପୁରାର କୋବଇ ଗ୍ରାମ ପଞ୍ଚାୟତ ସମିତି। କୋବଇ ଗ୍ରାମ ପଞ୍ଚାୟତ ନିଜକୁ ଆର୍ଥିକ ରୂପରେ ଆତ୍ମନିର୍ଭରଶୀଳ କରିବା ପାଇଁ ପାଖରେ ସୂତ୍ରକୁ ଜାଣିଲା ଏବଂ ବ୍ୟବହାର କଲା। ଏହି କାରଣଟି କ୍ରମାଗତ ଉଦାହରଣ ହିସାବରେ କୋବଇ ଗ୍ରାମ ନିଜର ପରିଚୟ ପ୍ରସ୍ତୁତ କରିପାରିଲା। ପଞ୍ଚାୟତ ନିଜ ସୂତ୍ର ଯେପରିକି ପାର୍କ, ମାଛ ଚାଷ, ସାମ୍ପ୍ରଦାୟିକ ଭବନ, ଆମ୍ବ ବଗିଚାକୁ ଆୟର ସୂତ୍ର ଭାବରେ ପ୍ରସ୍ତୁତ କଲା। ତାକୁ ବିକଶିତ କଲା। କୋବଇର ବନାବିଥି ଇକୋ ପାର୍କକୁ ଲୋକମାନେ ଦୂର ଦୂରରୁ ପିକ୍‌ନିକ୍ କରିବା ଆସନ୍ତି। ପାର୍କକୁ ସୁନ୍ଦର କରି ଏହାକୁ ଏକ ଦର୍ଶନୀୟ ସ୍ଥଳ ଭାବରେ ପଞ୍ଚାୟତ ବିକଶିତ କରିଛି। ବିଶେଷ କରି ପାର୍କକୁ ଦୁଇ ସ୍ଥଳକୁ ଦେଖିବା ପାଇଁ ଅନେକ ଲୋକ ଆସନ୍ତି। ପଞ୍ଚାୟତ ଏହି ଦୁଇ ସ୍ଥାନରେ ପ୍ରବେଶ ପାଇଁ ଶୁଳ୍କ ଲଗାଇବା ଆରମ୍ଭ କରିଦେଲା ପାର୍କରେ ପ୍ରବେଶ କରିବା ପାଇଁ ବ୍ୟକ୍ତି ପିଛା 10 ଟଙ୍କା ଦରରେ ଶୁଳ୍କ ଲଗାଯାଇଥିଲା। ପାର୍କରେ ଆୟୋଜିତ ବିଶେଷ ମନୋରଞ୍ଜନ କାର୍ଯ୍ୟକ୍ରମର ଲାଭ ଉଠାଇବା ପାଇଁ 500 ଟଙ୍କା ଟିକଟ ରଖାଯାଇଅଛି ଏହି ଦୁଇ ଉପାୟ ଦ୍ୱାରା ପଞ୍ଚାୟତକୁ ଭଲ ଆୟ ମିଳିପାରିଥିଲା। ଗ୍ରାମରେ ମାଛ ଚାଷର ବ୍ୟବସାୟ ପରିଚାଳନ ମଧ୍ୟରେ ଅଛି। ବହୁତ ସାରା ଲୋକ ଏହି ବ୍ୟବସାୟରେ ଭଲ ଆୟ କରି ପାରୁଛନ୍ତି। କୋବଇ ଗ୍ରାମ ପଞ୍ଚାୟତ ପାଖରେ ତିନୋଟି ପୋଖରୀ ଅଛି। ପଞ୍ଚାୟତ ଏହି ତିନୋଟି ପୋଖରୀକୁ ସ୍ଥାନୀୟ ଲୋକଙ୍କୁ ଭଡ଼ାରେ ଦେଇ ଆୟର ସୂତ୍ର ବିକଶିତ କରିଥିଲା। ପୋଖରୀରୁ ସନ୍ତୋଷଜନକ ଆୟ ହେଉଅଛି। ପ୍ରଥମ ପୋଖରୀରୁ 55,000 ଟଙ୍କା, ଦ୍ୱିତୀୟ ପୋଖରୀରୁ 52,000 ଟଙ୍କା ଏବଂ ତୃତୀୟ ପୋଖରୀରୁ 32 ହଜାର ଟଙ୍କାର ଆୟ ହୋଇଛି। ଏହା ବ୍ୟତୀତ ସାମୂହିକ କାର୍ଯ୍ୟ ପାଇଁ ତିଆରି କରାଯାଇଥିବା ସାମ୍ପ୍ରଦାୟିକ ଭବନକୁ ଆୟର ସୂତ୍ର କରାଗଲା। ଯେଉଁଠି ଆୟୋଜିତ ହେବାକୁ ଥିବା ମେଳା, ତିଜ୍ ପର୍ବରେ ଭାଗ ନେବା ନେବା ପାଇଁ 500 ଟଙ୍କା ଚାନ୍ଦାର ପ୍ରାବଧାନ କରାଗଲା। ସାମୁହିକ ସହଯୋଗ ଦ୍ୱାରା ଏହି କାର୍ଯ୍ୟକ୍ରମରେ ଭଲ ଆୟ ହେଉଅଛି। ଏହା ବ୍ୟତୀତ ଗ୍ରାମ ପଞ୍ଚାୟତର ଅଧିନରେ 12ଟି ଦୋକାନ ଅଛି। ଏହି ଦୋକାନ ଗୁଡ଼ିକୁ ପଞ୍ଚାୟତ ଭଡ଼ାରେ ଦେଇଦେଲା ଯେଉଁଥିରୁ କି ପ୍ରତି ମାସକୁ 2,000 ଟଙ୍କା ଭଡ଼ା ଅସୁଅଛି। ଗ୍ରାମ ପଞ୍ଚାୟତରେ ଆମ୍ବ ବଗିଚା ହେଉଛି ଧନ ସୂତ୍ରର ଅନ୍ୟ ଏକ ସାଧନ। ଯଦିଓ ଏହା ତିନି ମାସ ପର୍ଯ୍ୟନ୍ତ ଚାଲେ। ଆମ୍ବ ବଗିଚାରୁ ମଧ୍ୟ ଭଲ ଆମଦାନୀ ହୋଇଯାଏ ବର୍ଷ 2015-16 ରେ ପଞ୍ଚାୟତ 10 ଲକ୍ଷ ଟଙ୍କା ଅର୍ଜନ କରି ପାରିଥିଲା।

ଏହିପରି ଭାବରେ ଗ୍ରାମ ପଞ୍ଚାୟତ ନା ଯେ କେବଳ ନିଜକୁ ଆତ୍ମନିର୍ଭରଶୀଳ ପ୍ରସ୍ତୁତ କଲା ତାହା ନୁହେଁ ବରଂ ଏହା ସ୍ଥାନୀୟ ଲୋକମାନଙ୍କର ମଧ୍ୟ ଆୟ ବଢ଼ାଇବାର ସୁଯୋଗ ଦେଇଛି। କିଛି ବର୍ଷ ମଧ୍ୟରେ କୋବଇ ଗ୍ରାମ ପଞ୍ଚାୟତ ସମିତି ନିଜର ସଫଳ ଆର୍ଥିକ ମଡେଲ ପ୍ରସ୍ତୁତ କଲା। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ବିକାଶ ଯୋଜନା ସାହାଯ୍ୟରେ ଗ୍ରାମର ଅନେକ ବିକାଶ କାର୍ଯ୍ୟ କରାଗଲା। ଏବେ ଗ୍ରାମ ନିଜ ଗୋଡରେ ଛିଡ଼ା ହୋଇଛି ଏବଂ ଅନ୍ୟ ଗ୍ରାମକୁ ଆତ୍ମନିର୍ଭରଶୀଳ କରିବାର ପ୍ରେରଣା ଦେଉଅଛି। ♦

# ସଠିକ୍ ସମୟରେ ପେୟ କରିବାର ମୂଲ୍ୟବୋଧକୁ ବୁଝିଲେ

## 100% କର ପେୟ କରିବା ସହିତ ଏଲ୍‌କେପି ବନ୍ଦଲାବୁରୁ ହୋଇଲା ଆତ୍ମନିର୍ଭରଶୀଳ



ଯେ କୌଣସି କ୍ଷେତ୍ରର ବିକାଶରେ ଫଣ୍ଡର ଉପଲବ୍ଧତା ମୁଖ୍ୟ ଭୂମିକା ଦର୍ଶାଇଥାଏ। ଫଣ୍ଡ ବିନା ବିକାଶ ସମ୍ଭବ ନାହିଁ। ଏହି ସତ୍ୟକୁ ଭଲ ଭାବରେ ବୁଝି ଆନ୍ଧ୍ର ପ୍ରଦେଶର ଚିତ୍ତୁର ଜିଲ୍ଲାର ଏଲ୍‌କେପି ବନ୍ଦଲାବୁରୁ ଗ୍ରାମ ପଞ୍ଚାୟତ ସବୁଠାରୁ ପ୍ରଥମେ ନିଜର ଆୟର ସୂତ୍ର ଖୋଜିଲେ। ସରକାରୀ ସହାୟତାକୁ ଅପେକ୍ଷା କରିବା ପରିବର୍ତ୍ତେ ଗ୍ରାମ ପଞ୍ଚାୟତ ନିଜକୁ ଆତ୍ମନିର୍ଭରଶୀଳ କରିବାର ଦିଗରେ କାର୍ଯ୍ୟ କରିଲେ। ଗ୍ରାମରେ ଥିବା ସମ୍ବଳକୁ ଖୋଜିଲେ ଏବଂ ତାକୁ କାର୍ଯ୍ୟରେ ଲଗାଇଲେ। ଯୋଜନା ପ୍ରସ୍ତୁତ କଲେ ଏବଂ ଗ୍ରାମକୁ ସ୍ୱାବଲମ୍ବନର ରାସ୍ତାରେ ନେଇ ଗଲେ।

**ଫଳାଫଳ-** ପଞ୍ଚାୟତର ଅକଥନୀୟ ପ୍ରଚେଷ୍ଟା ଏବଂ ପରିଶ୍ରମ ଦ୍ୱାରା ଆର୍ଥିକ ରୂପରେ ଆତ୍ମନିର୍ଭରଶୀଳ ହୋଇଗଲା। ଗ୍ରାମ ନିଜର ରାଜସ୍ୱ ମଣ୍ଡଳ ପ୍ରସ୍ତୁତ କଲା, ସ୍ଥାନୀୟ ସମ୍ବଳକୁ ଚିହ୍ନିଲା ଯାହା ଦ୍ୱାରା ବିକାଶ କାର୍ଯ୍ୟ ସମ୍ଭବ ହୋଇପାରିବ। ଏହା ସହିତ ଗ୍ରାମରେ ରୋଜଗାରର ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିଥିଲା।

**କିପରି ହେଲା-** ରାଜସ୍ୱର ସୂତ୍ର ସାଧନ ଭାବରେ ଗ୍ରାମର ସମ୍ବଳ, ସାଧାରଣ କାର୍ଯ୍ୟଗୁଡ଼ିକର ଫଣ୍ଡ, ପିଇବା ପାଣିର ଟ୍ୟାଙ୍କ୍, ଗଳିର ବିଜୁଳୀ କର, ସ୍ୱଚ୍ଛତା ପାଇଁ ଆବଣ୍ଟିତ ବିଶେଷ ଫଣ୍ଡ, ରାଜ୍ୟ ତରଫରୁ ଆସୁଥିବା ଗ୍ରାଣ୍ଟ୍, କେନ୍ଦ୍ର କିମ୍ବା ରାଜ୍ୟ ସରକାର ଦ୍ୱାରା ସଞ୍ଚାଳିତ ବିକାଶ ଯୋଜନା ମାଧ୍ୟମରେ ନିର୍ଦ୍ଧାରିତ ଫଣ୍ଡ ଏବଂ ବ୍ୟାଙ୍କରେ ଜମା ରାଶିର ସୁଧ ମଧ୍ୟ ସାମିଲ ଅଛି। ଏହି ସମସ୍ତ ସୂତ୍ର ମାଧ୍ୟମରୁ ଗ୍ରାମକୁ ଫଣ୍ଡ ଆସିଥାଏ। ଗ୍ରାମର ସ୍ଥାନୀୟ ସମ୍ବଳ ମଧ୍ୟରେ ଗୃହ କର, ବ୍ୟବସାୟିକ କର, ଭବନ ନିର୍ମାଣ ଅନୁମତି ଶୁଳ୍କ, ବିଜୁଳୀ କର, ପାଣି କର, ନର୍ଦ୍ଦମା ସେଟଲ୍‌ମେଣ୍ଟ୍ କର, ଲାଇସେନ୍‌ସ ଶୁଳ୍କ ବହୁତ ବଡ଼ ଭୂମିକା ନେଇଅଛି। ଗ୍ରାମର ଲୋକମାନଙ୍କଠାରୁ ସଠିକ ସମୟରେ ପେୟ କରିବାର ଅନୁରୋଧ କରାଗଲା। କରର ପେୟକୁ ସହଜ କରିବା ପାଇଁ ଗ୍ରାମ ପଞ୍ଚାୟତ ଡିଜିଟାଲ ମାଧ୍ୟମର ଆରମ୍ଭ କରିଥିଲେ। ଏହି ସମସ୍ତ ଚେଷ୍ଟା ଫଳପ୍ରଦ ହୋଇଥିଲା, ଗ୍ରାମ ପଞ୍ଚାୟତକୁ କରରୁ ହେଉଥିବା ଆୟ ତିନି ଗୁଣା ବଢ଼ିଯାଇଥିଲା। ବର୍ଷ 2014-15 ରେ ଗ୍ରାମ ପଞ୍ଚାୟତର ଆୟ 13,602 ଟଙ୍କା ହୋଇଥିଲା ଯାହା ବର୍ଷ 2015-16ରେ ତାହା ବୃଦ୍ଧି ପାଇଁ 42 ହଜାର ହୋଇଯାଇଥିଲା। ଏବେ ଏଥାରେ ଲୋକମାନେ 100 ପ୍ରତିଶତ ଲୋକ କର ପେୟ କରୁଛନ୍ତି। ଏହା ବ୍ୟତୀତ ଗ୍ରାମରେ ସ୍ୱଚ୍ଛତା ଆଡ଼କୁ ମଧ୍ୟ ଧ୍ୟାନ ଦିଆଗଲା। ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) ମାଧ୍ୟମରେ ଦିଆଯାଇଥିବା ଫଣ୍ଡରୁ ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍, ସଡ଼କ ତଥା ଭବନ ନିର୍ମାଣ କରାଗଲା। ♦

# ଇ-ଗଭର୍ଣ୍ଣେନ୍‌ସ ରୁ କେଦାରୱାଲା ଗ୍ରାମ ପଞ୍ଚାୟତ ଧରିଲା ବିକାଶର ଗତି

ସାମୂହିକ ଚେଷ୍ଟା ଫଳରେ କାମ ସହଜ ହେବା ସହିତ ତାହାର ସଫଳତା ମଧ୍ୟ ସୁନିଶ୍ଚିତ ହୋଇଯାଇଥାଏ। ପୁଣି ଲକ୍ଷ୍ୟ ଯେତେ କଠିନ ହେଉ ପଛକେ ରାସ୍ତା ଦୂର ହୁଏ ନାହିଁ। ଏହି ପ୍ରକାରରେ ସମ୍ବଳକୁ ବଣ୍ଟନ କରି ପ୍ରଗତିଶୀଳ ସମାଜର ପରିକଳ୍ପନା ସାକାର ହୋଇପାରିଥାଏ। ନୂଆ ଦୁନିଆଁର ଟେକ୍‌ନିକ୍‌ର ବ୍ୟବହାରରେ ବିକାଶ ତୀବ୍ର ଗତିରେ ସମ୍ଭବ ହୋଇଯାଇଥାଏ। ଉତ୍ତରାଖଣ୍ଡର କେଦାରୱାଲା ଗ୍ରାମ ପଞ୍ଚାୟତ ଇ-ଗଭର୍ଣ୍ଣେନ୍‌ସ ମାଧ୍ୟମରେ ଗ୍ରାମର ଲୋକମାନଙ୍କର ଜୀବନ ସହଜ କରିଦେଲା। ଇଣ୍ଟରନେଟ୍ ନାମକ ଝରକାରୁ ଗ୍ରାମକୁ ବିଶ୍ୱ ସହ ଯୋଡ଼ିବାର ଚେଷ୍ଟା ରଙ୍ଗିନ୍ କରି ଦେଇଥିଲା। ଗ୍ରାମ ପଞ୍ଚାୟତ ନିଜକୁ ଟେକ୍‌ନିକ୍ ରୂପରେ ଗଢ଼ିଲା ଏବଂ ସରକାରୀ ଯୋଜନାଗୁଡ଼ିକୁ ଇଣ୍ଟରନେଟ୍ ମାଧ୍ୟମରେ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ପାରିଲା। ଗ୍ରାମ ପଞ୍ଚାୟତ ଏବ ନିଜର ୱେବ୍‌ସାଇଟ୍ www.kedarwalagramapanchayat.org ଏବଂ ଫେସ୍‌ବୁକ୍ ପେଜ୍ ମଧ୍ୟ ତିଆରି କଲା। ଗ୍ରାମ ପଞ୍ଚାୟତ ବେରୋଜଗାର ଯୁବକମାନଙ୍କୁ ସ୍କିଲ ଟ୍ରେନିଂ ଦେବାର ଆରମ୍ଭ କରାଇଲା। ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଗ୍ରାମ ପଞ୍ଚାୟତ ଅନେକ ପ୍ରକାର ପ୍ରଭାବଶାଳୀ ପଦକ୍ଷେପ ନେଲା। ସ୍ୱଚ୍ଛତାର ମହତ୍ତ୍ୱକୁ ବୁଝାଇବା ପାଇଁ ଗ୍ରାମରେ ବାଦବିବାଦ ପ୍ରତିଯୋଗୀତାର ଆୟୋଜନ କରାଗଲା। ଏହି ପ୍ରତିଯୋଗୀତାର ଜାଗରଣକୁ ସମ୍ମାନ ଦେବାରୁ ଏହା ପ୍ରଭାବଶୀଳ ପ୍ରମାଣିତ ହୋଇଗଲା। ଏହି ସମସ୍ତ ପ୍ରକାର ପଦକ୍ଷେପ ଦ୍ୱାରା ଗ୍ରାମ ଅତିଶୀଘ୍ର ସ୍ୱଚ୍ଛମୁକ୍ତ ଘୋଷିତ ହୋଇଯିବ। ଏହି ସବୁ ମଧ୍ୟରେ ଗ୍ରାମର ସବୁଠାରୁ ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳର ଅଭାବ। ପାଣି ଆଣିବା ପାଇଁ ମହିଳାମାନଙ୍କୁ କୋଶ ଦୂର ଯିବାକୁ ପଡୁଛି। ସେଥିପାଇଁ ଘଣ୍ଟା ଘଣ୍ଟା ସମୟ ଖର୍ଚ୍ଚ କରିବାକୁ ପଡୁଛି। ଏହି ସମସ୍ୟାକୁ ଆଖି ଆଗରେ ରଖି ଗ୍ରାମ ପଞ୍ଚାୟତ ସମ୍ପର୍କିତ ବିଭାଗରୁ ଆର୍ଥିକ ଏବଂ ଟେକ୍‌ନିକ୍ ସହଯୋଗର ଚାହିଦା ଦର୍ଶାଇଥିଲେ। ଏହି ସମସ୍ୟାକୁ ଦୂର କରିବା ପାଇଁ ଦିଆଯାଇଥିବା ରାଶିରୁ ଗ୍ରାମରେ ଓଭରହେଡ୍ ଟ୍ୟାଙ୍କର ନିର୍ମାଣ କରାଇଥିଲେ ଏବଂ ସମସ୍ତଙ୍କ ଘରକୁ ପାଇପ୍‌ଲାଇନ୍ ବିଛାଗଲା। ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ଗୋଷ୍ଠି, ସ୍ୱାସ୍ଥ୍ୟ ଶିବିର, ବାଦବିବାଦ ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। ନିୟମ ଅନୁସାରେ କଠିନ ପଦକ୍ଷେପ ଉଠାଯାଇଥିଲା। ଗ୍ରାମ ପଞ୍ଚାୟତ ଅଙ୍ଗନାୱାଡ଼ିର କାମକାର୍ଯ୍ୟ ମଧ୍ୟ ଦେଖାରଖା କରେ। ଗର୍ଭବତୀ ମହିଳାଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟ ସେବା, ଟୀକାକରଣର ମଧ୍ୟ ସମୟ ସମୟ ଉପରେ ଯାଞ୍ଚ କରାଯାଇଥାଏ। ବାଳିକା ମାନଙ୍କ ପାଠପଢ଼ାକୁ ସବୁବେଳେ ଗ୍ରାମାଞ୍ଚଳରେ ଅଣଦେଖା କରିଥାନ୍ତି, କିନ୍ତୁ ଗ୍ରାମ ପଞ୍ଚାୟତ 6-14 ବର୍ଷ ପର୍ଯ୍ୟନ୍ତ ସମସ୍ତ ବାଳିକା ମାନଙ୍କୁ ସ୍କୁଲରେ ନାମ ଲେଖାଇଲେ। ବୃଦ୍ଧ ଏବଂ ଦିବ୍ୟାଙ୍ଗ ଲୋକମାନଙ୍କ ପର୍ଯ୍ୟନ୍ତ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ମଧ୍ୟ ବିଶେଷ ସୁବିଧା କରାଗଲା। ଅତି ଆବଶ୍ୟକ କରିଥିବା ଲୋକମାନଙ୍କର ରାଶନ୍ କାର୍ଡ ତିଆରି କରିବା ପାଇଁ ପଞ୍ଚାୟତ ଖାଦ୍ୟ ସୁରକ୍ଷା ବିଭାଗ ସହିତ ମିଶି କାମ କଲେ। ଏହା ବ୍ୟତୀତ ଗ୍ରାମରେ ପଞ୍ଚାୟତ ଘରର ନିର୍ମାଣ କରାଗଲା। ବେରୋଜଗାର ଯୁବକମାନଙ୍କ ପାଇଁ ଇଂରାଜୀ ପାଠର ସ୍ୱତନ୍ତ୍ର ପାଠ୍ୟକ୍ରମ ଆୟୋଜିତ କରାଗଲା। ଏହି ସମସ୍ତ ପ୍ରଚେଷ୍ଟା ଦ୍ୱାରା ଗ୍ରାମର ପଞ୍ଚାୟତକୁ ପରିଚୟ ମିଳିଲା। ରାଜ୍ୟ ସରକାର ଏହି ସରକାରକୁ ମଡେଲ ପଞ୍ଚାୟତର ସମ୍ମାନ ଦେଲେ। ♦




### ଥ୍ରୀ ପଣ୍ଡ ସିଷ୍ଟମ ଦ୍ୱାରା ଗ୍ରାମ ହେଲା ସ୍ୱଚ୍ଛ, ଅନ୍ୟ ଗ୍ରାମକୁ କରାଗଲା ପ୍ରେରିତ

# ସାମୁହିକ ପ୍ରଚେଷ୍ଟା ହେତୁ ଚମକିଲା ଚାନ୍ଦସମନ୍ଦ ଗ୍ରାମ

ହରିୟାଣାର କର୍ଣ୍ଣାଲ ଜିଲ୍ଲାରେ ଚାନ୍ଦସମନ୍ଦ ଗ୍ରାମ ଅନ୍ୟ ଗ୍ରାମମାନଙ୍କ ପାଇଁ ଏକ ଜ୍ୱଳନ୍ତ ଉଦାହରଣ। ଗ୍ରାମର ସଡ଼କ ଏବଂ ଗଳି ସଫା ରହୁଛି, ପ୍ରତି ଘରେ ଶୌଚାଳୟ ଅଛି, ଅଳିଆ ଆବର୍ଜନାକୁ ଫୋପାଡ଼ିବା ପାଇଁ ଥ୍ରୀ ପଣ୍ଡ ସିଷ୍ଟମ ଭଲ ଭାବରେ ପରିଚାଳିତ ହେଉଅଛି। ଗ୍ରାମ ଭିତରେ ରୋଜଗାର କରିବାର ସୁବିଧା ମଧ୍ୟ ଅଛି। ଏହା ସବୁ ସମ୍ଭବ ହୋଇପାରିଲା ଗ୍ରାମର ଲୋକ ଏବଂ ପଞ୍ଚାୟତର କଠୋର ପ୍ରଚେଷ୍ଟା ଯୋଗୁଁ। 2248 ଲୋକସଂଖ୍ୟା ବିଶିଷ୍ଟ ଚାନ୍ଦସମନ୍ଦ ଗ୍ରାମରେ 415 ପରିବାର ରୁହନ୍ତି। ଜନ ପ୍ରତିନିଧିଙ୍କ ଦୂରଦର୍ଶିତା ଏବଂ ବ୍ୟବହାରିକ ଯୋଜନା ଏହି ଗ୍ରାମକୁ ପ୍ରଗତି ପଥରେ ନେଇ ଛିଡ଼ା କରାଇ ଦେଇଥିଲା। ଏବେ ସେହି ଗ୍ରାମ ଅନ୍ୟ ମାନଙ୍କ ପାଇଁ ଉଦାହରଣ। ଏହି ବିକାଶର କାହାଣୀର ସୂତ୍ରଧର ଗ୍ରାମର ସରପଞ୍ଚ ବବଲୀ ରାଣୀ ଯେ କି ଗ୍ରାମର ଦାୟିତ୍ୱ ନେଲା, ଚକଚକ୍ କରାଇଲା ଏବଂ ଆତ୍ମନିର୍ଭରଶୀଳ ତିଆରି କଲା। ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର, କ୍ଷେତ୍ରରେ ବବଲୀ ରାଣୀ ଅନେକ ପଦକ୍ଷେପ ଉଠାଇଥିଲେ, ଯାହାର କାରଣରୁ ଗ୍ରାମର ଲୋକମାନଙ୍କ ଜୀବନ ବଢ଼ିଆ ହୋଇଥିଲା। ବବଲୀ ରାଣୀ ଯେତେବେଳେ ସରପଞ୍ଚ ହେଲେ ସେତେବେଳକୁ ଗ୍ରାମରେ ନାଳ ମାନଙ୍କରେ ପାଣି ନାଳରୁ ଉପରକୁ ଆସି ରାସ୍ତା ମାନଙ୍କରେ ବହୁଥିଲା। ସିଭରେଜ ଏବଂ ଅପରିଷ୍କାର ପାଣିର ନିକାଶ ବ୍ୟବସ୍ଥା ନଥିବା ହେତୁ ସଡ଼କ ଏବଂ ଗଳିଗୁଡ଼ିକରେ ଅପରିଷ୍କାର ପାଣି ଜମା ହୋଇ ରହିଥିଲା। ଲୋକମାନେ ନର୍କ ସଦୃଶ ଜୀବନ ବିତାଇବା ପାଇଁ ବାଧ୍ୟ ହେଉଥିଲେ। ଏହି ସମସ୍ୟା ଥ୍ରୀ ପଣ୍ଡ ସିଷ୍ଟମ କିମ୍ବା ତିନି ପୋଖରୀ ପ୍ରଣାଳୀ ଦୂର କରିଥିଲା। ଗ୍ରାମରେ ନିର୍ମଳ ଭାରତ ଅଭିଯାନ ଯାହା ଆଜି ସ୍ୱଚ୍ଛ ଭାରତ ଅଭିଯାନ ନାମରେ ଜଣାଶୁଣା, ତାହା ମାଧ୍ୟମରେ ଥ୍ରୀ ପଣ୍ଡ ସିଷ୍ଟମକୁ ତିଆରି କରିବାର ମଞ୍ଜୁରୀ ସରକାରଙ୍କ ଠାରୁ ନିଆଗଲା। ଥ୍ରୀ ପଣ୍ଡ ସିଷ୍ଟମର ଡିଜାଇନ ପଞ୍ଚାୟତି ରାଜ ମନ୍ତ୍ରଣାଳୟର ଇଞ୍ଜିନିୟର ପ୍ରସ୍ତୁତ କଲେ। ଯୋଜନାର ସ୍ତରରେ ଇଞ୍ଜିନିୟର ମୂଖ୍ୟ ଭୂମିକା ଗ୍ରହଣ କରିଥିଲେ ଏବଂ ତାକୁ କ୍ରିୟାନ୍ୱିତ ସରପଞ୍ଚ ନିଜର ଦାୟୀତ୍ୱରେ କରାଇଲେ। ମହାତ୍ମା ଗାନ୍ଧୀ ନେସନାଲ ରୁରାଲ ଏମ୍ପ୍ଲୋୟମେଣ୍ଟ ଗ୍ୟାରେଣ୍ଟି ସ୍କିମ୍ (ମନରେଗା) ମାଧ୍ୟମରେ ତିନିଟିଯାକ ପୋଖରୀର ନିର୍ମାଣ କରାଗଲା। ଗ୍ରାମ ପଞ୍ଚାୟତର ଏହି ପଦକ୍ଷେପରେ ନା କେବଳ ଗ୍ରାମବାସୀଙ୍କ ସମସ୍ୟା ଦୂର ହେଲା ତାହା ନୁହେଁ ବରଂ ମନରେଗା ମାଧ୍ୟମରେ ଲୋକମାନଙ୍କ ରୋଜଗାର ମଧ୍ୟ ମିଳିଲା। ଏହି ପ୍ରକାରରେ ଥ୍ରୀ ପଣ୍ଡ ସିଷ୍ଟମ ଦ୍ୱାରା ଚାନ୍ଦସମନ୍ଦ ଗ୍ରାମର ସବୁଠୁ ବଡ଼ ସମସ୍ୟାର ସମାଧାନ ମଧ୍ୟ ହୋଇଯାଇଥିଲା। ଏହି ଥ୍ରୀ ପଣ୍ଡ ସିଷ୍ଟମ ସମୁଦାୟ ତିନି ଏକର ଜମିରେ ତିଆରି ହୋଇଥିଲା। ପ୍ରଥମ ପୋଖରୀ ଏକ ଏକରରେ, ଦ୍ୱିତୀୟ ପୋଖରୀ ଅଧା ଏକରରେ ଏବଂ ତୃତୀୟ ପୋଖରୀଟି ଦେଢ଼ ଏକର ପୋଖରୀରେ ତିଆରି ହୋଇଥିଲା। ତିନି ପୋଖରୀକୁ ତିଆରି କରିବାରେ 15-20 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହା ବ୍ୟତୀତ ଗ୍ରାମରୁ ଅପରିଷ୍କାର ପାଣିର ନିଷ୍କାସନ ପାଇଁ ୱେଷ୍ଟ ଷ୍ଟେବିଲାଇଜେସନ୍ ପଣ୍ଡ (ଡବ୍ଲ୍ୟୁଏସ୍‌ପି) ମଧ୍ୟ ଏକ ବଢ଼ିଆ ବିକଳ୍ପ ପ୍ରମାଣିତ ହେଉଅଛି। ଏହି ଟେକ୍‌ନିକ୍‌କୁ ବ୍ୟବହାର କରିବା ପାଇଁ ଗ୍ରାମରେ ସହଜରେ ଭୂମି ଏବଂ ଶ୍ରମିକ ମିଳିଯାଉଛନ୍ତି। ଏହି ଟେକ୍‌ନିକ୍ ଦ୍ୱାରା ଗ୍ରାମାଞ୍ଚଳର ଓଦା ଅଳିଆ ଏବଂ ରୋଷେଇ ଘରର ପାଣିର ନିଷ୍କାସନ ସହଜରେ ହେଉଅଛି। ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ କଠିନ ଏବଂ ଓଦା ଅଳିଆକୁ ମଧ୍ୟ ନିଷ୍କାସନ କରିବା ଦିଗରେ ମଧ୍ୟ ସରକାର ଗ୍ରାମ ପଞ୍ଚାୟତର ସାହାଯ୍ୟ କରୁଛି। ଏଥିପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଜନ ଜାଗରଣ କରାଯାଉଅଛି। ଅନେକ ପଞ୍ଚାୟତ ଏହି ପ୍ରଣାଳୀକୁ ମାନିଲେ କାରଣ ଡବ୍ଲ୍ୟୁଏସ୍‌ପିରେ ବହୁତ କମ୍ ଖର୍ଚ୍ଚ ଆସୁଛି। ତାହାର ତାହାର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ନ ହେଲା ସମାନ ଟଙ୍କା ଖର୍ଚ୍ଚ ହେଉଛି। ତା ସହିତ ପରିବେଶ ପାଇଁ ମଧ୍ୟ ଅନୁକୂଳ ହୋଇଛି। ସବୁଠାରୁ ବିଶେଷ କଥା ଏହି କି ଯେ ଏହି ପ୍ରଣାଳୀରେ ବିଜୁଳୀ ପରିବର୍ତ୍ତେ ସୌର ଶକ୍ତିର ବ୍ୟବହାର ହେଉଅଛି।

## କିପରି କାମ କରେ ଥ୍ରୀ ପଣ୍ଡ ସିଷ୍ଟମ

ଥ୍ରୀ ପଣ୍ଡ ସିଷ୍ଟମରେ ତିନିଟି ପୋଖରୀ ସମାନ୍ତର ଭାବରେ ତିଆରି କରାଯାଇଥାଏ। ପ୍ରଥମ

ପୋଖରୀରେ ଘରମାନଙ୍କର ନାଳୀକୁ ପାଇପ୍ ସହ ଯୋଡ଼ାଯାଇଥାଏ। ପ୍ରଥମ ପୋଖରୀରେ ପଡୁଥିବା ପାଣି ଥିବା ଅଳିଆ, ଭୂମିର ସ୍ତରରେ ଜମା ହୋଇଯାଏ। ପୋଖରୀ ପୁରା ହୋଇଗଲା ପରେ ପାଣି ଦ୍ୱିତୀୟ ପୋଖରୀକୁ ବହିଥାଏ। ଏଠାରେ ପାଣି ପୁଣି ଥରେ ସଫା ହୋଇଥାଏ ଏବଂ ପାଣିରେ ଥିବା ଅଳିଆ ପୋଖରୀର ତଳ ସ୍ତରରେ ଜମା ହୋଇ ରହିଥାଏ। ଏହି ପ୍ରକ୍ରିୟାରେ ବ୍ୟାକ୍ଟେରିଆ ଏବଂ ଅଲ୍‌ଗୀ ପରି ଜୀବାଣୁ ମଧ୍ୟ ନିଜ ନିଜର ଭୂମିକା ଦେଖାଇଥାନ୍ତି। ଏହି ପ୍ରକାରରେ ଜୈବିକ ପ୍ରକାରରେ ନଷ୍ଟ ଅଳିଆକୁ ନିଷ୍କାସନ କରିବା ସୁରକ୍ଷିତ ଭାବରେ ସମ୍ଭବ ହୋଇଥାଏ। ଏଠାରେ ସଂଶୋଧିତ ହୋଇ ତୃତୀୟ ପୋଖରୀକୁ ଯାଇଥାଏ। ଏହି ପାଣିକୁ ଗୋରୁ ଗାଈ ମାନଙ୍କ ପିଇବା ଏବଂ ଗଛ ପତ୍ରରେ ପକାଇବା କାମରେ ଲଗା ଯାଇପାରିଥାଏ। ଏହି ପ୍ରଣାଳୀର ମହତ୍ୱପୂର୍ଣ୍ଣ ଲକ୍ଷ୍ୟ ଏହି କି ଯେ ଏଥିରେ ଭୂଜଳ ମଧ୍ୟ ରିଚାର୍ଜ ହୋଇଥାଏ।

## 70 ପ୍ରତିଶତ ଘରର ସମସ୍ୟାର ସମାଧାନ ସମ୍ଭବ ହୋଇପାରିଲା

ଥ୍ରୀ ପଣ୍ଡ ସିଷ୍ଟମ ଦ୍ୱାରା ଗ୍ରାମର 70 ଭାଗ ଘରର ସିଭରେଜ ପାଣିର ନିଷ୍କାସନ ହୋଇପାରିଛି। ଏହି ପୋଖରୀର ଆଖପାଖର ଭୂମିରେ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଗଛ ଲତା ଲଗାଇ ଦିଆଯାଇଅଛି। ଆଖପାଖରେ ସବୁଜ ଭରା ହୋଇଥିବା ହେତୁ ଏଠାରେ ପାର୍କର ବିକଶିତ କରାଯାଇଅଛି। ଯେଉଁଠାରେ କି ପିଲାମାନେ ଖେଳି ପାରୁଛନ୍ତି। ଏହି ପୋଖରୀର ଆଖପାଖ କ୍ଷେତ୍ରକୁ ଆଲୋକିତ କରିବା ପାଇଁ ସୌର ଶକ୍ତିର ପ୍ରୟୋଗ କରାଯାଉଅଛି। ସୌର ପ୍ୟାନେଲ ଲଗାଇଦିଆଯିବା ଫଳରେ ଷ୍ଟ୍ରିଟ୍ ଲାଇଟ୍‌ରେ ଖର୍ଚ୍ଚ ହେବାକୁ ଥିବା ବିଜୁଳୀ ଏବଂ ତାହାର ଉପକରଣ ରକ୍ଷଣାବେକ୍ଷଣ ଉପରେ ଲଗାଇବାକୁ ଥିବା ରାଶିର ସଞ୍ଚୟ ହେଉଅଛି। ଏହି ପୋଖରୀରେ ଗଦା ହେଉଥିବା ଅଳିଆକୁ ସାର ରୂପରେ ବ୍ୟବହୃତ ହୋଇଥାଏ। ଅପରିଷ୍କାର ପାଣିର ନିଷ୍କାସନର ଏହି ସାର୍ଥକ ମଡେଲ ଅନ୍ୟ ଗ୍ରାମ ମାନଙ୍କ ପ୍ରତି ପ୍ରେରଣାର ଉତ୍ସ ହୋଇପଡ଼ିଛି।

## ଥ୍ରୀ ପଣ୍ଡ ସିଷ୍ଟମର ରାସ୍ତାରେ ଆସିଥିବା ଚ୍ୟାଲେଞ୍ଜ ଗୁଡ଼ିକ

ଏହି ପରିଯୋଜନାକୁ ଅମଳିଜାମା ପହନାଣା ଚାନ୍ଦସମନ୍ଦ ଗ୍ରାମ ପଞ୍ଚାୟତ ପାଇଁ ସହଜ ନ ଥିଲା। ଗ୍ରାମରେ ତିନୋଟି ପୋଖରୀ ତିଆରି କରିବା ଦିଗରେ ଶ୍ରମିକ ଏବଂ ମେସିନାରୀର ଅଭାବର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏଥିପାଇଁ ପୋଖରୀ ତିଆରି କରିବାରେ ଏକ ବର୍ଷ ଲାଗିଯାଇଥିଲା। ମନରେଗା ମାଧ୍ୟମରେ ଏହି ପୋଖରୀ ତିଆରି ହୋଇପାରିଲା। ପ୍ରଚୁର ଫଣ୍ଡର ଅଭାବ ଯୋଗୁଁ ମଧ୍ୟ ଏହି ଯୋଜନାରେ ଅସୁବିଧା ହେଲା କିନ୍ତୁ ପଞ୍ଚାୟତ ନିଜର ରାଜସ୍ୱରୁ ଏହି କାମକୁ ପୁରା କରିଲା। ନିର୍ମାଣ ପାଇଁ ଇଟା, ସିମେଣ୍ଟ୍, ତାର, ପାଇପ୍, ଖମ୍ବ ପରି ଜରୁରୀ ଜିନିଷ ଗୁଡ଼ିକୁ ମଧ୍ୟ ଠିକ ସମୟରେ ଯୋଗାଇ ଦିଆଯାଇଥିଲା। ଜମିରେ 180 ଫୁଟରେ ବୋରିଙ୍ଗ କରାଗଲା ଯାହାଦ୍ୱାରା ସିଞ୍ଚନ ବ୍ୟବସ୍ଥା ମଜଭୂତ ହୋଇପାରିଲା। ସରପଞ୍ଚ ଏବଂ ଇଞ୍ଜିନିୟର ଏହି ପ୍ରୋଜେକ୍ଟର ଦେଖାରଖା କରିବାର ଦାୟୀତ୍ୱ ନିଜେ ନେଇଥିଲେ। ଏହି ପ୍ରକାରରେ ଗ୍ରାମ ପଞ୍ଚାୟତର ଏବଂ ଲୋକମାନଙ୍କର ଅଂଶୀଦାରତା ଏହି ଲକ୍ଷ୍ୟକୁ ଫଳପ୍ରଦ କରିଥିଲା। ଗ୍ରାମ ପୂର୍ବ ଅପେକ୍ଷା ସଫା ସୁତରା ହୋଇଗଲା ଏବଂ ଯୁବକମାନଙ୍କୁ ରୋଜଗାର କରିବାର ମଧ୍ୟ ସୁଯୋଗ ମିଳିଲା।

## ଗ୍ରାମୀଣ ଜୀବନ ହେଲା ଅଧିକ ଉନ୍ନତ

ଏହା ବ୍ୟତୀତ ଗ୍ରାମରେ ମଧ୍ୟ ଅନେକ ପ୍ରଶଂସନୀୟ ପଦକ୍ଷେପ ଉଠାଯାଇଅଛି ଯାହା ଦ୍ୱାରା ଲୋକମାନଙ୍କ ଜୀବନ ପୂର୍ବ ଅପେକ୍ଷା ଅଧିକ ଉନ୍ନତ ହୋଇଯାଇଅଛି। ପଞ୍ଚାୟତର ରାଜସ୍ୱ ମଡେଲକୁ ମଧ୍ୟ ସୁଧାରି ଦିଆଗଲା। ଗ୍ରାମରେ ପାଞ୍ଚୋଟି କାର୍ଯ୍ୟକାରୀ ଚଉପାଟି ଘର ଅଛି, ଯେଉଁଠି ଲୋକମାନେ ସର୍ବଦା ବୈଠକ କରିଥାନ୍ତି। ଏହି ସ୍ଥାନ ଗୁଡ଼ିକରେ ସବୁବେଳେ ପକ୍‌କା ଘରର ଆବଶ୍ୟକତା ଥାଏ। ବିବାହ ଏବଂ ତିଜ୍ ପର୍ବପର୍ବାଣୀ ପାଳନ କରିବାରେ ମଧ୍ୟ ସୁବିଧା ହୋଇଥାଏ। ଏଥିପାଇଁ ପଞ୍ଚାୟତ ଚଉପାଟିରେ ପଞ୍ଚାୟତ ଘର ଏବଂ ବରାତ ଘରର ନିର୍ମାଣ କରିବା ପାଇଁ ସିଦ୍ଧାନ୍ତ ନେଲା। ଏବେ ଏହି କାମ ତୀବ୍ର ଗତିରେ କରାଯାଉଅଛି। ଗ୍ରାମ ସଭା ମଧ୍ୟ ଗ୍ରାମର ସଡ଼କ ଏବଂ ଗଳିଗୁଡ଼ିକୁ ପକ୍‌କା କରିବାର ପଦକ୍ଷେପ ନେଇଛି। ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଗ୍ରାମରେ ଅନେକ ପ୍ରଚେଷ୍ଟା କରାଯାଇଅଛି। ପଞ୍ଚାୟତ ଭବନରେ ମହିଳା ଏବଂ ପୁରୁଷମାନଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ତିଆରି କରାଯାଉଛି। ସ୍ୱେଚ୍ଛାଗ୍ରହର କମାଣ୍ଡ ନିଜେ ସରପଞ୍ଚ ଦେଖାରଖା କରୁଥିଲେ। ଗ୍ରାମରେ ସମସ୍ତଙ୍କ ଘରେ ଶୌଚାଳୟର ନିର୍ମାଣ କରିବା ପାଇଁ ଲୋକମାନଙ୍କୁ ପ୍ରେରିତ କରାଗଲା। ଖୋଲାରେ ଶୌଚ କରିବା ଅଭ୍ୟାସକୁ ସମାପ୍ତ କରିବା ଦିଗରେ ଏକ କଠୋର ପଦକ୍ଷେପ ଉଠାଗଲା। ଏହାର ପରିଣାମ ମଧ୍ୟ ଭଲ ରହିଲା, ଏବେ ଗ୍ରାମ ଖୋଲାରେ ଶୌଚମୁକ୍ତ ହୋଇଛି। ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଗ୍ରାମରେ ପିଇବା ପାଇଁ ନିର୍ମଳ ପାଣିର ମଧ୍ୟ ବ୍ୟବସ୍ଥା କରାଯାଇଅଛି। ଚାନ୍ଦସମନ୍ଦ ଗ୍ରାମରେ ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନେକ ପ୍ରଭାବଶାଳୀ ପଦକ୍ଷେପ ଉଠାଯାଇଥିଲା।

ଶିକ୍ଷାର ଅଧିକାର ମାଧ୍ୟମରେ ଗ୍ରାମର ପ୍ରତି ପିଲାକୁ ସ୍କୁଲ ପଠାଇବାକୁ ସୁନିଶ୍ଚିତ କରାଇଲା। ଗ୍ରାମରେ 8ମ ପର୍ଯ୍ୟନ୍ତ ଥିବା ସ୍କୁଲକୁ 12ଦଶ ପର୍ଯ୍ୟନ୍ତ ତିଆରି କରାଗଲା। ଏବେ ହାଇ ସ୍କୁଲ ପାଇଁ ପିଲାମାନଙ୍କୁ ଅନ୍ୟ ଗ୍ରାମକୁ ଯିବାକୁ ପଡୁନାହିଁ। ଏହା ସହିତ ସ୍କୁଲରେ କମ୍ପ୍ୟୁଟର, ପ୍ରୟୋଗଶାଳା ତିଆରି କରାଗଲା। ସ୍କୁଲ ପରିସରରେ ଆର.ଓ ପାଣି, ହ୍ୟାଣ୍ଡ ପମ୍ପ, ଇନ୍‌ଭରଟର, ସୋଲାର ପ୍ୟାନେଲ, ମଧ୍ୟ ଲଗାଇ ଦିଆଗଲା। ଉତ୍ତମ ହାଇଜିନ ପାଇଁ ଛାତ୍ର ଏବଂ ଛାତ୍ରୀମାନଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ତିଆରି କରାଗଲା।

ସ୍କୁଲ ପରିସରକୁ ରୋଗମୁକ୍ତ ରଖିବା ପାଇଁ ଏହାକୁ ସଫା ରଖିବା ଦେଗରେ ଅନେକ ପଦକ୍ଷେପ ଉଠାଗଲା। ସ୍କୁଲରେ ଶ୍ରେଣୀଗୃହର ଅଭାବକୁ ଦେଖି ପଞ୍ଚାୟତ ନିଜର ଜମିରେ ସ୍କୁଲର ବଡ଼ ବିଲ୍‌ଡିଙ୍ଗର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ କରାଗଲା। ଖେଳକୁଦକୁ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ପିଲାମାନଙ୍କ ପାଇଁ ଷ୍ଟାଡିଅମ ତିଆରି କରିବା ପାଇଁ 8 ଏକର ଜମି ମଧ୍ୟ ଦେଲେ। ଏହି ଜମି ଉପରେ ଷ୍ଟାଡିଅମ ତିଆରି ହେଉଅଛି। ଷ୍ଟାଡିଅମ ତିଆରି ହେବା ପରେ ଗ୍ରାମର ପିଲାମାନଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ।

ଏହା ବ୍ୟତିତ ଗ୍ରାମରେ ସହକାରୀ ବ୍ୟାଙ୍କର ଶାଖା ଖୋଲାଗଲା। ଏହା ଲୋକମାନଙ୍କୁ ନିଜର ପଇସା ଜମା କରିବା କିମ୍ବା ବାହାର କରିବା ପାଇଁ କୋଶ ଦୂରକୁ ଯିବାକୁ ପଡୁନାହିଁ। ପ୍ରଚୁର ପରିମାଣରେ ପାଣିର ଯୋଗାଣ ପାଇଁ ଅନେକ ଜାଗାରେ ହ୍ୟାଣ୍ଡ ପମ୍ପ ଲଗାଇ ଦିଆଗଲା। ସାରା ଗ୍ରାମରେ ଷ୍ଟ୍ରିଟ ଲାଇଟ ଲଆଇ ଦିଆଗଲା କ୍ଷେତଗୁଡ଼ିକୁ ପାଣି ଦେବା ପାଇଁ ସବମର୍ସିବଲ ମୋଟର ଲଗାଗଲା ଏବଂ ପାଇପଲାଇନ ବିଛାଗଲା। ଏହାଦ୍ୱାରା କ୍ଷେତରେ ସିଞ୍ଚନର ସମସ୍ୟା ଶେଷ ହୋଇଗଲା। ଠିକ୍ ସମୟରେ ସିଞ୍ଚନ ହୋଇଥିବା ହେତୁ କ୍ଷେତ ଫସଲରେ ହସୁଛି। ♦

ସଂସଦ ଆଦର୍ଶ ଗ୍ରାମ ଯୋଜନା

# ଚପ୍‌କା ଗ୍ରାମ ପଞ୍ଚାୟତ: ସଂସଦଙ୍କ ପ୍ରଚେଷ୍ଟାରେ ଜମିରେ ପ୍ରଚୁର ଫସଲ ଏବଂ ଲୋକମାନଙ୍କ ପ୍ରଚେଷ୍ଟାରେ ଜଳସେଚନ ମଣ୍ଡଳ ପ୍ରସ୍ତୁତ

**ଛତିଶଗଡ଼ର ବସ୍ତାର ଜିଲ୍ଲାରେ ଚପ୍‌କା ଗ୍ରାମ ଅବସ୍ଥିତ। ସେହି ଗ୍ରାମର ଜଳସେଚନ ବ୍ୟବସ୍ଥା ଯୋଗୁଁ ଚାଷୀମାନଙ୍କର ଚେହେରାରେ ଖୁସି ଦେଖାଯାଉଛି। ଜଳସେଚନର ଏହି ମଣ୍ଡଳରେ ଜମିରେ ଫସଲ ପ୍ରଚୁର ହୋଇପାରିଛି।**



ଚପ୍‌କା ଗ୍ରାମ ପଞ୍ଚାୟତ ଭବନ

ଚପ୍‌କା ଗ୍ରାମ ମାର୍କଣ୍ଡେୟ ନଦୀ ଉପକୂଳରେ ଅବସ୍ଥିତ। ଜଳସେଚନ ବ୍ୟବସ୍ଥା ଆଗରୁ ପ୍ରାୟ ନଥିଲା। ପ୍ରତିବର୍ଷ ପ୍ରାୟ 1500 ସେମି ବର୍ଷା ହେଉଥିଲା। ମୂଳ ସୁବିଧା ଅଭାବରୁ ଏହି ଅଞ୍ଚଳର 90 ପ୍ରତିଶତ ଜମି ଚାଷ ନ ହୋଇ ରହୁଥିଲା। ସଂସଦ ଦିନେଶ କାଶ୍ୟପ ଏହି ସମସ୍ୟାର ସମାଧାନ ବାହାର କଲେ। ଏହି ଗ୍ରାମକୁ ଆଦର୍ଶ ଗ୍ରାମ ବିକାଶ ଯୋଜନା ଅନ୍ତର୍ଭୁକ୍ତ କଲେ। ଏହା ପରେ ପ୍ରଥମେ ଜଳସେଚନ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆହେଲା। ସରକାରୀ ଯୋଜନା ସହିତ ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମରେ ଜଳସେଚନ ମଣ୍ଡଳ ପ୍ରସ୍ତୁତ କରାଗଲା।

## ଜଳସେଚନ ମଣ୍ଡଳ କିପରି ପ୍ରସ୍ତୁତ କରାଗଲା?

ସଂସଦ ଆଦର୍ଶ ଗ୍ରାମ ଯୋଜନା (ଏସ୍‌ଜିଵାଇ) ଅନ୍ତର୍ଗତ ସଂସଦ ଗ୍ରାମର ବିକାଶ ଯୋଜନା



ପ୍ରସ୍ତୁତ କରିବା ପାଇଁ ଜଳସେଚନ କମିଟି ଗଠନ କଲେ। ସେହି କମିଟିରେ ଚାଷୀ, କୃଷି ବିଶେଷଜ୍ଞ, ନେରେଗା ଟିମ୍ ଏବଂ ଜଳସେଚନ ବିଭାଗର ଇଞ୍ଜିନିୟର ସାମିଲ ହୋଇଥିଲେ। ଏହା ପରେ କୃଷିଯୋଗ୍ୟ ଜମିର ସର୍ଭେ କରାଗଲା। ସର୍ଭେ ଏହିପରି କରାଯାଇଥିଲା ଯେପରିକି ପ୍ରଭାବଶୀଳ ଯୋଜନା ପ୍ରସ୍ତୁତ କରାଯାଇ ପାରିବ। ଏହା ବ୍ୟତୀତ ବର୍ଷା ଜଳକୁ ସଂରକ୍ଷଣ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆହେଲା ଏବଂ ଏଥିପାଇଁ ମଧ୍ୟ ସ୍ଥାନ ଚିହ୍ନଟ କରାହେଲା। ନାରେଗା ଅନ୍ତର୍ଗତ ଏହି ଉଦ୍ଦେଶ୍ୟରେ ଛୋଟଛୋଟ ପୋଖରୀ ପ୍ରସ୍ତୁତ କରାହେଲା। ପ୍ରଥମରୁ ଅବସ୍ଥିତ ଥିବା କୂଅ, ବନ୍ଧ, ପୋଖରୀ ଗୁଡ଼ିକୁ ଖୋଳେଇ ଏବଂ ମରାମତି କରି ନୂଆ ଜୀବନ ଦିଆଗଲା
ଜଳସେଚନ ମଣ୍ଡଳ ଅନ୍ତର୍ଗତ ପରବର୍ତ୍ତୀ ବଡ଼ କାର୍ଯ୍ୟ ସମସ୍ତେ ମିଶି ହିଁ କରିବାର ଥିଲା। ସାକମ୍ଭରୀ ଯୋଜନା ଏବଂ ପଛୁଆ କ୍ଷେତ୍ର ଅନୁଦାନ ରାଶି ସହାୟତାରେ ମାର୍କଣ୍ଡେୟ ନଦୀକୂଳରେ 20ଟି ଡିଜେଲ ଚାଳିତ ଏବଂ ବିଦ୍ୟୁତ ଚାଳିତ ପମ୍ପସେଟ୍ ଲଗା ହେଲା। ଏହା ଦ୍ୱାରା 156 ହେକ୍ଟର ଜମି ଜଳସେଚିତ ହେବାକୁ ଲାଗିଲା। 200 ହେକ୍ଟର ଜମିରେ ଟ୍ୟୁବ୍‌ୱେଲ ପାଣି ପହଞ୍ଚାଇବା ପାଇଁ ଛୋଟଛୋଟ କେନାଲ ପ୍ରସ୍ତୁତ କରାହେଲା। ଅଳ୍ପ ଖର୍ଚ୍ଚ ବିଶିଷ୍ଟ ଛିଞ୍ଚା ଜଳସେଚନ ପ୍ରଣାଳୀ ଲଗାହେଲା। 10ଟି ଗରୀବ ପରିବାରକୁ 32000 ଟଙ୍କା ଖର୍ଚ୍ଚରେ ଛିଞ୍ଚା ଜଳସେଚନ ମେସିନ ଯୋଗାଇ ଦିଆହେଲା। କୃଷି ବିଭାଗ 15ଟି ସ୍ଥାନରେ ଜଳସେଚନ କେନ୍ଦ୍ର ପ୍ରସ୍ତୁତ କଲେ ଏବଂ ସେଠାରେ ଚାଷୀମାନଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କଲେ। 200 ଜଣ ଚାଷୀଙ୍କୁ ଆଧୁନିକ କୃଷି ପ୍ରଣାଳୀ ବିଷୟରେ ମଧ୍ୟ ପ୍ରଶିକ୍ଷଣ ଦିଆ ହେଲା।

## ସଫଳ ହେଲା ପ୍ରଚେଷ୍ଟା

ଏହି ସଫଳ ଜଳସେଚନ ମଣ୍ଡଳ ପାଇଁ ଚପ୍‌କା ଗ୍ରାମର ଚାଷୀମାନେ ବର୍ଷକୁ ଏକାଧିକ ଫସଲ ଗୋଟିଏ ଜମିରୁ ପ୍ରାପ୍ତ କରୁଛନ୍ତି। କୃଷି ବିଜ୍ଞାନ କେନ୍ଦ୍ରରେ କୃଷି କ୍ଷେତ୍ରରେ ହେଉଥିବା ଆଧୁନିକ ପ୍ରୟୋଗ ବିଷୟରେ ଚାଷୀ ମାନଙ୍କୁ ଟ୍ରେନିଙ୍ଗ୍



ଦିଆ ଯାଉଛି ଏବଂ ଚାଷୀମାନେ ମଧ୍ୟ ସେଥିରୁ ଲାଭ ଉଠାଉଛନ୍ତି। ଜଳସେଚନ ସମସ୍ୟା ଦୂର ହେଲା ପରେ ଏହି ଗ୍ରାମ ଅନ୍ୟ ଗ୍ରାମ ଗୁଡ଼ିକରେ ମଧ୍ୟ ନଜର କରୁଛି। ଏହି ସମସ୍ତ କାର୍ଯ୍ୟ ସଂସଦ ଶ୍ରୀ ଦିନେଶ କାଶ୍ୟପଙ୍କ ପ୍ରୟାସ ଯୋଗୁଁ ହିଁ ସମ୍ଭବ ହୋଇପାରିଛି। ♦

# ଗ୍ରାମ ପଞ୍ଚାୟତ ବିକାଶ ଯୋଜନା

## ସମସ୍ତଙ୍କ ଯୋଜନା, ସମସ୍ତଙ୍କ ବିକାଶ

### ଜନ ଯୋଜନା ଅଭିଯାନ

### 2 ଅକ୍ଟୋବର ରୁ 31 ଡିସେମ୍ବର, 2018

## ଗରୀବୀ ମୁକ୍ତ ଗ୍ରାମ ପଞ୍ଚାୟତ




**ଉଦ୍ଦେଶ୍ୟ:**

- କ୍ରିୟାଶୀଳ ଗ୍ରାମ ସଭାରେ ଡିଏୱାଇ-ଏନ୍‌ଆର୍‌ଏଲ୍‌ଏମ୍ ଅନ୍ତର୍ଗତ 31 ଲକ୍ଷ ନିର୍ବାଚିତ ହୋଇଥିବା ପଞ୍ଚାୟତ ନେତା ଏବଂ 5.25 କୋଟି ଏସ୍‌ଏମ୍‌ଜି ମହିଳାଙ୍କ ଭୂମିକା ସଶକ୍ତିକରଣ କରିବା।
- 2018-19 ରେ କରାଯାଇଥିବା ପ୍ରଗତିର ତଥ୍ୟ ଆଧାରିତ ହିସାବ ଏବଂ XI ଅନୁସୂଚୀରେ ସମସ୍ତ 29 ବିଷୟରେ 1919-20 ରେ ପ୍ରଭାବ।
- ଜନସୂଚନା ଅଭିଯାନ - ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଗ୍ରାମ ସମ୍ବାଦ ଆପ୍ ରେ ସମସ୍ତ କାର୍ଯ୍ୟକ୍ରମର ଯୋଜନା/ବିଲ ଆଦି ଗ୍ରାମ ଡିସ୍‌ପ୍ଲେ ବୋର୍ଡରେ ପୂର୍ଣ୍ଣ ସାର୍ବଜନୀନ ପ୍ରକଟିକରଣ।
- XI ଅନୁସୂଚୀରେ ସମସ୍ତ 29 କ୍ଷେତ୍ର ଅଗ୍ରଣୀ କାର୍ଯ୍ୟକର୍ତ୍ତା/ସୁପରଭାଇଜରଙ୍କ ଦ୍ୱାରା ପ୍ରସ୍ତୁତିକରଣ କରାଯିବା ଉଚିତ ଏବଂ ବ୍ୟକ୍ତିଗତ ଉପସ୍ଥିତି ସହିତ 2 ଅକ୍ଟୋବର - 31 ଡିସେମ୍ବର ପର୍ଯ୍ୟନ୍ତ ସର୍ବବ୍ୟାପି ଗ୍ରାମ ସଭା ବୈଠକ (ସଂଗୋଷ୍ଠି)
- ବ୍ୟବହାରିକ ଏବଂ ସମଗ୍ର ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରଦାନ କରିବା ପାଇଁ ସଶକ୍ତ ପ୍ଲାନ୍ ପ୍ଲସ୍ ଯୋଜନା

## ସମ୍ବିଧାନର XI ଅନୁସୂଚୀରେ ସମସ୍ତ 29 ବିଷୟକୁ ଜିପିଡିପିରେ ସାମିଲ କରିବା ଯୋଜନା ରହିଛି ।

| XI ଅନୁସୂଚୀରେ 29 କ୍ଷେତ୍ର | ସମ୍ବନ୍ଧିତ ମନ୍ତ୍ରଣାଳୟ | ଯୋଜନା/ନୀତି |
|---|---|---|
| ଭୂମି ସୁଧାର | ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ<br>ଭୂମି ସଂସାଧନ ବିଭାଗ | SHC, DILRMP |
| ଗ୍ରାମୀଣ ଆବାସ | ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ | PMAY(G) |
| ପାନୀୟ ଜଳ | ପାନୀୟ ଜଳ ଏବଂ ସ୍ୱଚ୍ଛତା ମନ୍ତ୍ରଣାଳୟ | NRDWP |
| ସଡ଼କ | ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ | PMGSY, SAGY, MGNREGA |
| ଗ୍ରାମୀଣ ବିଦ୍ୟୁତିକରଣ | ବିଦ୍ୟୁତ ମନ୍ତ୍ରଣାଳୟ | UJALA, IPDS, DDUGJY, Saubhagya |
| ଶିକ୍ଷା | ମାନବ ସଂସାଧନ ବିକାଶ ମନ୍ତ୍ରଣାଳୟ | ICDS, SSM, SSA, SBM, MDMS |
| ବ୍ୟବସାୟିକ ଶିକ୍ଷା | କୌଶଳ ବିକାଶ ଏବଂ ଉଦ୍ୟୋମିତା ମନ୍ତ୍ରଣାଳୟ | PMKVY |
| ବଜାର ଏବଂ ମେଳା | ବସ୍ତ୍ର ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ | NRLM |
| ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ପାନୀୟ ଜଳ ଏବଂ ସ୍ୱଚ୍ଛତା ମନ୍ତ୍ରଣାଳୟ | NRHM/NHM, NRDWP, Mission Indradhanush, ICDS, SBM |
| ମହିଳା ଏବଂ ବାଳ ବିକାଶ | ମହିଳା ଏବଂ ବାଳ ବିକାଶ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ | BBBP, ICDS, OSTC, UJJAWALA, Swadhar Greh, Mahila E-Haat, MSK, STEP |
| ସାମାଜିକ କଲ୍ୟାଣ | ସାମାଜିକ ନ୍ୟାୟ ଏବଂ ଅଧିକାରତା ମନ୍ତ୍ରଣାଳୟ | IPOP, Scholarship Programmes, SRMS |
| ସାର୍ବଜନୀନ ବିତରଣ ପ୍ରଣାଳୀ | | |

| XI ଅନୁସୂଚୀରେ 29 କ୍ଷେତ୍ର | ସମ୍ବନ୍ଧିତ ମନ୍ତ୍ରଣାଳୟ | ଯୋଜନା/ନୀତି |
|---|---|---|
| କୃଷି | କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ | PKVY, PMKSY, PMFBY, MMAS, NFSM, MIDH, NMAET, NLM, e-NAM |
| ପଶୁପାଳନ | | |
| ଅପାରମ୍ପରିକ ଶକ୍ତି | ନବୀନ ଏବଂ ନବୀକରଣ ଶକ୍ତି ମନ୍ତ୍ରଣାଳୟ | |
| ଗରୀବୀ ହଟାଅ କାର୍ଯ୍ୟକ୍ରମ | ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ | MDMS, MGNEGS, DAY-NRLM, NSAP |
| ସାମୁଦାୟିକ ସମ୍ପତ୍ତିର ରକ୍ଷଣା ବେକ୍ଷଣ | ପଞ୍ଚାୟତି ରାଜ ମନ୍ତ୍ରଣାଳୟ | FFC |
| ପରିବାର କଲ୍ୟାଣ | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ | PMUY |
| ଦୁର୍ବଳ ବର୍ଗ କଲ୍ୟାଣ | ଅର୍ଥ ମନ୍ତ୍ରଣାଳୟ | PMSBY, PMJBY, HKKP |
| ମତ୍ସ୍ୟ ପାଳନ | | |
| ସାମାଜିକ ୱାନିକି | | |
| ଲଘୁ ଉଦ୍ୟୋଗ | ବସ୍ତ୍ର ମନ୍ତ୍ରଣାଳୟ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ | PMEGP |
| ଖଦି ଗ୍ରାମ ଏବଂ କୁଟୀର ଉଦ୍ୟୋଗ | | PMEGP |
| ଇନ୍ଧନ ଏବଂ ଚାରା | | |
| ବୟସ୍କ ଏବଂ ଅନୌପଚାରିକ ଶିକ୍ଷା | | |
| ପୁସ୍ତକାଳୟ | | |
| ସାଂସ୍କୃତିକ ଗତିବିଧି | | |

## ଜିଲ୍ଲା ପଞ୍ଚାୟତ ବିକାଶ ଯୋଜନା







**Public Information Board**

## ଭାଗିଦାର ମନ୍ତ୍ରଣାଳୟ ଏବଂ ବିଭାଗ

- ପଞ୍ଚାୟତି ରାଜ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ
- କୃଷି ସହକାରିତା ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
- ପଶୁପାଳନ, ଦୁଧ ଏବଂ ମତ୍ସ୍ୟ ବିଭାଗ
- ପର୍ଯ୍ୟାବରଣ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
- ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ
- ପାନୀୟ ଜଳ ଏବଂ ସ୍ୱଚ୍ଛତା ମନ୍ତ୍ରଣାଳୟ
- ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ମନ୍ତ୍ରଣାଳୟ
- ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ
- ମହିଳା ଏବଂ ବାଳ ବିକାଶ ମନ୍ତ୍ରଣାଳୟ
- ଖାଦ୍ୟ ଏବଂ ସାର୍ବଜନିନ ବିତରଣ ବିଭାଗ
- ଜନଜାତୀୟ ସମସ୍ୟା ଏବଂ ସାମାଜିକ ନ୍ୟାୟ ଏବଂ ଅଧିକାରତା ମନ୍ତ୍ରଣାଳୟ
- ଆର୍ଥିକ ସେବା ବିଭାଗ
- ବିଦ୍ୟୁତ ମନ୍ତ୍ରଣାଳୟ
- ପେଟ୍ରୋଲିଅମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ

## ଜନ ଯୋଜନା ଅଭିଯାନ: କ୍ରିୟା ମନ୍ତ୍ରଣାଳୟ ଏବଂ କାର୍ଯ୍ୟବାହୀ ସାମଗ୍ରୀ

- ଅଭିଯାନ ହେତୁ ନୋଡାଲ ଅଧିକାରୀଙ୍କ ନିଯୁକ୍ତି ଏବଂ ୱେବପୋର୍ଟାଲ (www.gpdp.nic.in) ରେ ପଞ୍ଜିକରଣ
- ପ୍ରତ୍ୟେକ ଗ୍ରାମ ପଞ୍ଚାୟତ/ଗ୍ରାମ ସ୍ଥାନୀୟ ନିକାୟ ପାଇଁ ସୁବିଧା ପ୍ରଦାରକ ନିଯୁକ୍ତି
- ଗ୍ରାମ ସଭାର ଅଧିକାର ଯୋଗୁଁ ଗ୍ରାମ ପଞ୍ଚାୟତର ବାର କ୍ୟାଲେଣ୍ଡରକୁ ଅନ୍ତିମ ରୂପ ଦେବା (ନିକର୍ଷଣ)
- ନିର୍ଦ୍ଦିଷ୍ଟ ଦିନରେ ଗ୍ରାମ ସଭା ବସିବା ଯୋଗୁଁ ପ୍ରସ୍ତୁତିକରଣ ଉଦ୍ଦେଶ୍ୟରେ ଅନୁସୂଚୀର 29 ବିଷୟ ସହିତ ସମ୍ବନ୍ଧ ଥିବା ସମସ୍ତ ବିଭାଗରେ ଅଗ୍ରଣୀ ଭିତ୍ତିରେ କାର୍ଯ୍ୟକର୍ତ୍ତାଙ୍କ ନିଯୁକ୍ତି
- ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଜନ ସୂଚନା ବୋର୍ଡର ପ୍ରଦର୍ଶନ ଏବଂ ୱେବ ପୋର୍ଟାଲ ସହିତ ଏହାର ଜିଓ-ଟ୍ୟାଗ ଫଟୋଗ୍ରାଫର ଅପଲୋଡିଙ୍ଗ
- କ୍ରିୟାଶୀଳ ଗ୍ରାମ ସଭା ସମଗୋଷ୍ଠିର ଜିଓ-ଟ୍ୟାଗ ଫଟୋଗ୍ରାଫର ଅପଲୋଡିଙ୍ଗ
- ପ୍ଲାନ୍ ପ୍ଲସ୍ ଆପ୍ଲିକେସନ ରେ ଅନୁମୋଦିତ ଯୋଜନାର ପ୍ରକାଶନ

## ସମନ୍ୱୟର ଭୂମିକା :

- ଏମଏ ପ୍ରାରୂପର ଉପଯୋଗ କରୁଥିବା ମିଶନ ଆନ୍ତୋଦୟ (ଏମଏ) ଅନ୍ତର୍ଗତ ପର୍ଯ୍ୟବେକ୍ଷଣ କରନ୍ତୁ
- ନିର୍ଦ୍ଦିଷ୍ଟ ଦିନରେ ଜିପିଡିପି ପାଇଁ ବିଶେଷ ଗ୍ରାମ ସଭା ପାଇଁ ସୁବିଧା ପ୍ରଦାନ କରିବା
- ଗ୍ରାମ ସଭା ଅନ୍ତର୍ଗତ ଏସ୍‌ସି/ଏସ୍‌ଟି ମହିଳା ଭଳି ଦୁର୍ବଳ ବର୍ଗ ସହିତ ସାମୁଦାୟିକ ଆନ୍ଦୋଳନ ସୁନିଶ୍ଚିତ କରନ୍ତୁ
- ପୋର୍ଟାଲ ରେ ଗ୍ରାମ ସଭାର ଆଚରଣ ବିଷୟରେ ଏକ ରିପୋର୍ଟ ଜମା କରନ୍ତୁ

ଓଡିଶା

# 'ବୀଜ ମାତା' ବନନ କ୍ଷେତର ପାରମ୍ପରିକ ଜ୍ଞାନରୁ କରାଉଛନ୍ତି ଲୋକଙ୍କୁ ଅବଗତ

**ବୀଜର ଚୟନ ଏବଂ ସଞ୍ଚୟର ପାରମ୍ପାରିକ ଜ୍ଞାନର ବ୍ୟବହାର କରୁଛନ୍ତି ଆଦିବାସୀ ମହିଳାମାନେ । ଓଡିଶା ନାମର ଏକ ଏନ୍‌ଜିଓ ଏପରି ମହିଳା ମାନଙ୍କର ଗ୍ରୁପ୍ ପ୍ରସ୍ତୁତ କରିଛି ଯାହା କ୍ଷେତର ପାରମ୍ପାରିକ ଜ୍ଞାନରୁ ଗ୍ରାମର ଅନ୍ୟ ଲୋକଙ୍କୁ ମଧ୍ୟ ଲାଭାନ୍ୱିତ କରୁଅଛି । ଏହାକୁ ବୀଜମାତା ନାମ ଦିଆଯାଇଅଛି ।**



## ପୃଷ୍ଠଭୂମି

ଓଡିଶାର ମାଲ୍‌କାନଗିରି ଏକ ଆଦିବାସୀ କ୍ଷେତ୍ର ଅଟେ। ଏଠାକାର ଲୋକମାନେ ମୂଖ୍ୟ ରୂପରେ କ୍ଷେତକାର୍ଯ୍ୟ କରି ଜୀବିକାନିର୍ବାହ କରନ୍ତି। କୃଷି କ୍ଷେତ୍ରରେ ଅନେକ ଉପାୟର ବ୍ୟବହାର କରିବା ପରେ ମଧ୍ୟ ଏହି କ୍ଷେତ୍ରରେ ଫସଲ ଉତ୍ପାଦନରେ ବିଶେଷ ଉନ୍ନତି ହେଉ ନ ଥିଲା। ସ୍ଥାନୀୟ ପ୍ରକାରର ଫସଲ ଲଗାତାର ଭାବରେ ପ୍ରଭାବିତ ହେଉଥିଲା। ଗ୍ରାମ ପଞ୍ଚାୟତ ମଧ୍ୟ ଏହି ବିଷୟକୁ ନେଇ ଚିନ୍ତିତ ଥିଲା। ଓରିଶା ନାମରେ ଏକ ଅଣ ସରକାରୀ ସଂସ୍ଥା (ଏନ୍‌ଜିଓ) କନ୍ଧମାଳ ଜିଲ୍ଲାର ମାଲ୍‌କାନଗିରି ଗ୍ରାମର ଲୋକମାନଙ୍କୁ ଏହି ମୁସ୍କିଲ୍‌କୁ ଦୂର କରିବା ପାଇଁ ଇଚ୍ଛା ଉଠାଇଲା। ଏନ୍‌ଜିଓର ବିଶେଷଜ୍ଞ ଏହି କ୍ଷେତ୍ରରେ କୃଷକମାନଙ୍କୁ ଆଧୁନିକ ଏବଂ ଉନ୍ନତ ଉପାୟ କହିବା ଆରମ୍ଭ କରିଥିଲା। କିନ୍ତୁ ଏଥିରେ ଫସଲ ଉତ୍ପାଦନର ବିଶେଷ ଫରକ ପଡ଼ିଲା ନାହିଁ। ଆଧୁନିକ ଏବଂ ଉନ୍ନତ ଟେକ୍‌ନିକ୍ ବେଅସର ଦେଖି ଓରିଶାର ସଦସ୍ୟମାନେ ପୁଣି ଏଠାକାର ଆଦିବାସୀ କୃଷକମାନଙ୍କର ଉପଦେଶ ନେଇଥିଲେ। ସେମାନଙ୍କର ଉପଦେଶ ଅନୁସାରେ ଏହି କ୍ଷେତ୍ରରେ କୃଷି ପାଇଁ ଥିବା ଅନୁକୂଳ ପରିସ୍ଥିତି ଉପରେ ନଜର ରଖି କ୍ଷେତକାମ ଆରମ୍ଭ କରାଗଲା। ପାରମ୍ପରିକ ଉପାୟ ଏବଂ ଫସଲର ଉତ୍ତମ ଏବଂ ଦେଶୀ କିଶମ ଭଲ ଫଳ ଦେବାକୁ ଲାଗିଲା। ପୁଣି କଣ ଥିଲା କି, ବୀଜକୁ ଚୟନ ଏବଂ ସଞ୍ଚୟ କରି ପୂର୍ବପୁରୁଷର ମୂଲ୍ୟବାନ ଜ୍ଞାନର ବିସ୍ତାର ଆରମ୍ଭ କରିଥିଲେ। କ୍ଷେତି କୃଷକଙ୍କ ପାରମ୍ପାରିକ ଉପାୟ ଏବଂ ବୀଜ ବିଷୟରେ ଜ୍ଞାନ ଆଦିବାସୀ ମହିଳାଙ୍କୁ ପରିଚୟ କରାଇ ସେମାନଙ୍କୁ ବୀଜ ମାତା କରାଗଲା। ବୀଜମାତାମାନେ ବୀଜକୁ ସାଇତି ରଖିବାର ଉପାୟ ବିଷୟରେ ସୂଚନା ଦେବା ସହିତ ଗ୍ରାମର ଲୋକମାନଙ୍କୁ ତାହାର ମହତ୍ତ୍ୱ ବୁଝାଇଲେ।

## ପ୍ରମାଣିତ ହେଲା ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ

ପାରମ୍ପାରିକ କ୍ଷେତକାମରୁ ଅମଳରେ ବୃଦ୍ଧି ହେବାକୁ ଲାଗିଲା। କିନ୍ତୁ ବୀଜର ଉପଲବ୍ଧତାର ବୃଦ୍ଧି ବଢ଼ାଇବାର ଆବଶ୍ୟକତା ଅନୁଭବ କରାଯାଉଥିଲା, ଯାହା ଫଳରେ କୃଷକ ଆତ୍ମନିର୍ଭରଶୀଳ ହୋଇପାରୁ। ଏଥିପାଇଁ ଆଦିବାସୀ ମହିଳା କୃଷକଙ୍କ ପାରମ୍ପାରିକ ଜ୍ଞାନ ପ୍ରଭାବଶାଳୀ ପ୍ରମାଣିତ ହୋଇଗଲା। କ୍ଷେତର ପାରମ୍ପାରିକ ଜ୍ଞାନ ବଳରେ ମହିଳା କୃଷକମାନେ ଗ୍ରାମରେ ଅଲଗା ପ୍ରକାରର କୃଷି କ୍ରାନ୍ତି ଆଣିଦେଲା ଯାହା ଅନ୍ୟ କୃଷମାନଙ୍କ ପାଇଁ ଉପଯୋଗୀ ପ୍ରମାଣିତ ହେଲା। ଏଥିପାଇଁ ସେ ବୀଜମାତା ହୋଇ ଏହି ଦିଗରେ ଲୋକମାନଙ୍କୁ ଜାଗରଣ ଦେବାରେ ଲାଗିଲେ। ଏବେ ସେ ନିଜ ଭିତରେ ବୀଜମାତା ହିସାବରେ କୃଷିର ପାରମ୍ପାରିକ ଉପାୟ ବିଷୟରେ ସୂଚନା ଦେବାରେ ଲାଗିଲେ। ଏହି ଗ୍ରାମ ନିଜେ ନିଜେ ଏକ ଆଦର୍ଶ ମଡେଲ ହୋଇ ସାରିଲାଣି।

## ଫସଲ ଯୋଜନା ଏବଂ ସିଡ୍ ମ୍ୟାପିଙ୍ଗ୍

ବୀଜ ସଂରକ୍ଷଣ କରିବା ଦିଗରେ ଏହି କ୍ଷେତ୍ରରେ ମହଜିଦ ଫସଲର ପ୍ରକାର ବିଷୟରେ ସୂଚନା ଦେବା ମଧ୍ୟ ମୂଖ୍ୟ କାମ ଅଟେ। ଏଥିପାଇଁ ଏହି ସିଡ୍ ମ୍ୟାପିଙ୍ଗ୍ କରାଯାଇଥିବା ଅର୍ଥାତ୍ କେଉଁ କ୍ଷେତ୍ରରେ କେଉଁ ଫସଲର ବୀଜ ଉପଲବ୍ଧ ହେବ ଏହି ବିଷୟରେ ସୂଚନା ଦିଆଗଲା। ଏହା ଦ୍ୱାରା ବୀଜର ଭଲ ପ୍ରକାରକୁ ବଢ଼ାଇବାରେ ସାହାଯ୍ୟ ମିଳିଲା। ଏଥିରେ ଅଭାବ ବିଷୟରେ ମଧ୍ୟ ଜଣା ପଡ଼ିଥିଲା ଏବଂ ସେହି ଦିଗରେ କାମ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଗଲା।

## ବୀଜ ସଂରକ୍ଷଣ

ଫସଲ ଲଗାଇବାର ଯୋଜନା ପ୍ରସ୍ତୁତ ହେବା ପୂର୍ବରୁ ସେହି ବୀଜର ଉପଲବ୍ଧତା ଜାଣିବା ବହୁତ ଜରୁରୀ। କିନ୍ତୁ ବୀଜର ଉପଲବ୍ଧତା ସୁନିଶ୍ଚିତ କରିବା ଏତେ ସହଜ ନୁହେଁ। ଏଥିପାଇଁ ବୀଜର ଆଦାନ-ପ୍ରଦାନ କରିବା ହିଁ ଏକମାତ୍ର ବଢ଼ିଆ ଉପାୟ ଥିଲା ଏହି ବିଷୟରେ ଲୋକମାନଙ୍କୁ ପ୍ରେରିତ କରିବାର ପଦକ୍ଷେପରେ

ଦୀନ ଦୟାଲ ଅନ୍ତୋଦୟ ଯୋଜନା- ରାଷ୍ଟ୍ରୀୟ ଗ୍ରାମୀଣ ଆଜୀବିକା ମିଶନ ମାଧ୍ୟମରେ ମହିଳା କୃଷକ ସଶକ୍ତିକରଣ ପରିଯୋଜନା (ଏମ୍‌କେଏସ୍‌ପି)ର ଆରମ୍ଭ କରାଗଲା। ମହିଳା କୃଷକ ଆଜୀବିକାକୁ ସୁନିଶ୍ଚିତ କରିବାର ଲକ୍ଷ୍ୟକୁ କେନ୍ଦ୍ରରେ ରଖି ଏମ୍‌କେଏସ୍‌ପିର ଆରମ୍ଭ କରାଯାଇଅଛି। ଏହି ଯୋଜନାରେ କୃଷି ଉତ୍ପାଦନ ବଢ଼ାଇବାର ଲକ୍ଷ୍ୟକୁ ପୂରା କରିବାରେ ସାହାଯ୍ୟ ମିଳି ପାରିବ।

**ଶ୍ରୀ ଅମରଜିତ ସିହ୍ନା**
ସଚିବ, ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଏବଂ
ପଞ୍ଚାୟତି ରାଜ ମନ୍ତ୍ରଣାଳୟ



ବୀଜମାତା ମୂଖ୍ୟ ଭୂମିକା ଗ୍ରହଣ କରିଥିଲେ। ଗ୍ରାମର ଲୋକମାନେ ପ୍ରଥମେ ବୀଜର ପ୍ରକାରକୁ ଚୟନ କରନ୍ତି। ତାପରେ ତାର ଆଦାନ-ପ୍ରଦାନ ଅନ୍ୟ ବୀଜ ସହିତ ଲରିବାର ଯୋଜନା ପ୍ରସ୍ତୁତ କରିଥାନ୍ତି। ମହିଳା କୃଷକମାନେ ନର୍ସରୀ ପ୍ରସ୍ତୁତ କରନ୍ତୁ, ଯେଉଁଥିରେ ମୌସୁମୀ ପରିବା ଲଗାଯାଇଥାଏ। ଏଥିରେ ଅନେକ ପ୍ରକାର ବୀଜ ପ୍ରସ୍ତୁତ ହୋଇଯାଇଥାଏ। ଏହି ନର୍ସରୀରୁ ସେହି ଗଛଲତାକୁ ଚିହ୍ନଟ କରାଯାଏ ଯେଉଁଗୁଡ଼ିକ ସୁସ୍ଥ ଏବଂ ଉତ୍ତମ ହୋଇଥାନ୍ତି। ସେହି ଚାରାକୁ ମାର୍କିଙ୍ଗ କରାଯାଇଥାଏ ଯାହା ଫଳରେ କି ସେହି ସୁସ୍ଥ ଗଛ ଲତାର ପ୍ରକାର ବୀଜକୁ ସଂଗ୍ରହ କରାଯାଇପାରୁ। ଏହି ପ୍ରକ୍ରିୟାରେ ବୀଜମାତା ପ୍ରତ୍ୟେକ ସ୍ତରେ ଚାରାର ଆକଳନ କରିଥାନ୍ତି। ସୁସ୍ଥ ବୀଜକୁ ଏକାଠି କରିବା ପାଇଁ ବୀଜମାତା ପ୍ରତ୍ୟେକ ପର୍ଯ୍ୟାୟରେ ପରୀକ୍ଷା କରିଥାନ୍ତି। ଉଦାହରଣ ହିସାବରେ ଫସଲ ଡାଳଗୁଡ଼ିକୁ ଯାଞ୍ଚ କରନ୍ତି, ଏବଂ ଫୁଲ ଫଳ କାଟିବା ପର୍ଯ୍ୟନ୍ତ ପ୍ରକ୍ରିୟାର ଅଧ୍ୟୟନ ଟିକିନିଖି ଭାବରେ କରିଥାନ୍ତି। ପାରମ୍ପାରିକ ଜ୍ଞାନର ପରମ୍ପରା ଆଦାନ ପ୍ରଦାନ ଦ୍ୱାରା ବୀଜର ସଂରକ୍ଷଣ ଏବଂ ଦେଖାରଖା କରିବାର ଦିଗରେ ପରିବର୍ତ୍ତନ ଆସିଲା।

## ଫୁଡ୍ ଫେଷ୍ଟିଭାଲ୍

**ସ୍ଥାନୀୟ ଫସଲର ପ୍ରକାରକୁ ପ୍ରଚାରିତ କରିବାର ସବୁଠାରୁ ପ୍ରଭାବୀ ଉପାୟ ଫୁଡ୍ ଫେଷ୍ଟିଭାଲର ଆୟୋଜନ ପ୍ରମାଣିତ ହେଉଅଛି। ବୀଜମାତା ଗ୍ରାମୀଣ ସ୍ତରରେ ଫୁଡ୍ ଫେଷ୍ଟିଭାଲର ଆୟୋଜନ କରୁଛନ୍ତି। ଫେଷ୍ଟିଭାଲର, ମୌସୁମୀ ଏବଂ ସ୍ଥାନୀୟ ରାନ୍ଧଣାକୁ ମଧ୍ୟ ସାମିଲ୍ କରିଛନ୍ତି। ଏହି ରାନ୍ଧଣାର ସୂତ୍ର ଏବଂ ପାରମ୍ପାରିକ ଗୁଣ ବିଷୟରେ ମଧ୍ୟ ଗ୍ରାମୀଣ ଲୋକଙ୍କୁ କହିଥାନ୍ତି। ଏହି ପଦକ୍ଷେପର ଏକ ଭଲ ଫଳାଫଳ ଏହି ପ୍ରକାରର:**

1) ବୀଜମାତା କାରଣରୁ ପାରମ୍ପାରିକ ଉପାୟରେ ସୂଚନା ସମସ୍ତ ଲୋକମାନଙ୍କ ସହିତ ଶେୟାର୍ କରିବା ସମ୍ଭବ ହୋଇପାରିଲା। କୃଷିର ପାରମ୍ପାରିକ ପୁରୁଣା ପଦ୍ଧତିକୁ ବ୍ୟବହାର କରି କୃଷକ ଲାଭବାନ ହୋଇପାରିଛନ୍ତି।

2) ସ୍ଥାନୀୟ ପ୍ରକାରର ବୀଜକୁ ସଂରକ୍ଷଣ ଦ୍ୱାରା ବଜାର ଉପରେ ନିର୍ଭରତା ଯଥେଷ୍ଟ କମ୍ ହୋଇଗଲା। କୃଷକ ପୁରୁଣା ପଦ୍ଧତିରେ ଚାଷ କରି ଭଲ ଲାଭ ଅର୍ଜନ କରୁଛନ୍ତି। ଆତ୍ମନିର୍ଭର ହୋଇପାରୁଛନ୍ତି।

3)ଯବ ପରି ମୋଟା ଫସଲ ସହିତ ମିଶ୍ରିତ କୃଷିକୁ ଗୁରୁତ୍ୱ ଦେବାର ଭଲ ଫଳାଫଳ ମିଳିପାରିଲା। ପାଗ ପ୍ରତିକୂଳ ରହିବା ପରେ ମଧ୍ୟ ଏହି ପ୍ରକାର କୃଷିର ଫଳାଫଳ ବଢ଼ିଆ ରହିଥିଲା। କାରଣ ପରିବେଶରେ ଆସୁଥିବା ପରିବର୍ତ୍ତନର ପ୍ରଭାବ ସ୍ଥାନୀୟ ବୀଜ ଉପରେ କମ୍ ଦେଖିବାକୁ ମିଳିଥିଲା।

4) ବୀଜମାତା କୃଷି କ୍ଷେତ୍ରରେ କ୍ରମାଗତ ଭାବରେ ବିକାଶର ସଂବାହକ



ହୋଇଆରିଛନ୍ତି କାରଣ ତାଙ୍କ କାରଣରୁ ଗ୍ରାମରେ କୃଷକମାନଙ୍କର ପାରମ୍ପରିକ ଉପାୟ ପ୍ରଚାରିତ କରାଯାଇପାରିଲା। ତାହାର ଫଳାଫଳ ଏହି କ୍ଷେତ୍ରର ଫଳାଭରା କ୍ଷେତ ରୂପରେ ଦେଖାଯାଇପାରେ।

## ଯମୁନା କୃଷିକାର କାହାଣୀ

ମାଲ୍‌କାନଗିରି ଗ୍ରାମର ଯମୂନା କୃଷିକା, ଜଣେ ବୀଜମାତା ଅଟନ୍ତି। ସେ ଏ ପର୍ଯ୍ୟନ୍ତ ଧାନର 61 ପ୍ରକାରକୁ ସଞ୍ଚୟ କରିଛନ୍ତି ଏବଂ ଡାଲି, ରାଶି, ପନିପରିବା ଏବଂ ପଶୁଚାରାର 123 ପ୍ରକାରର ବୀଜକୁ ସଂରକ୍ଷଣ କରିଛନ୍ତି। କୃଷି କ୍ଷେତରେ ତାଙ୍କ ଜ୍ଞାନର ଭଣ୍ଡାରକୁ ସମସ୍ତ ଲୋକ ମାନୁଥିଲେ। ସେ ନିଜେ ମଧ୍ୟ ମାନନ୍ତି ଯେ ଯଦି ତାଙ୍କ ପାଖରେ କ୍ଷେତ କରିବା ପାରମ୍ପାରିକ ଉପାୟ ଅଛି ତାହାହେଲେ ସେ କାହିଁକି ତାହାର ଲାଭ ନ ଉଠାଇବେ। ବିଶେଷ କଥା ଏହା ଯେ ଯମୂନା ନିଜ ନିଜର ଜ୍ଞାନରୁ କମ୍ ଖର୍ଚ୍ଚ ହେଉଥିବା ବର୍ମୀ କମ୍ପୋଷ୍ଟ କେନ୍ଦ୍ର ମଧ୍ୟ ସ୍ଥାପିତ କରିଥିଲେ। ଏହି କେନ୍ଦ୍ରରେ ସେମାନେ କୀଟ ମାରିବାର ସସ୍ତା ଔଷଧ ତିଆରି କରନ୍ତି। ବୀଜର ପ୍ରକାର ଏବଂ ସେଗୁଡ଼ିକର ଗୁଣବତ୍ତାର ଅଦ୍ଭୁତ ଗୁଣ କାରଣରୁ ଆଖପାଖ ଗ୍ରାମରେ ମଧ୍ୟ ପ୍ରସିଦ୍ଧ ଥିଲେ। ଯମୂନା କୁହନ୍ତି କି, "ମୁଁ ଆଦିବାସୀ ହେବାର ଏବଂ ଜଣେ ବୀଜମାତା ହେବାର ଗର୍ବ ଅନୁଭବ କରୁଛି"। ବୀଜର ଜ୍ଞାନ କାରଣରୁ ମୋତେ ନୂଆ ପରିଚୟ ମିଳିଲା ଏବଂ ଏବେ ସମ୍ମାନ ମଧ୍ୟ ମିଳିବାକୁ ଲାଗିଲାଣି। ♦

# 500 ଜଣ ମହିଳାମାନେ ହାତକୁ ହାତ ମିଶାଇଲେ, ଥେନ୍ନଲା ଏଗ୍ରୋ ଫାର୍ମର୍ସ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍

**ଧାନ ଚାଷ କରି ମହିଳାମାନେ ନିଜେ ଦେଉଛନ୍ତି ଆତ୍ମନିର୍ଭରଶୀଳ, ଅନ୍ୟମାନଙ୍କ ପାଇଁ ହେଲେ ଜ୍ୱଳନ୍ତ ଉଦାହରଣ**

କେରଳର ମଲ୍ଲାପୁରମ୍ ଜିଲ୍ଲାର ଗ୍ରାମ ଥେନ୍ନଲାକୁ ଧାନର ହାଣ୍ଡି କହିଲେ ଅତ୍ୟୁକ୍ତି ହେବ ନାହିଁ। ଥେନ୍ନଲା ଗ୍ରାମ ଏବେ ଉତ୍ତମ ଗୁଣବତ୍ତାଥିବା ଚାଉଳ ଉତ୍ପାଦନ ପାଇଁ ବିଶେଷ ଜଣାଶୁଣା ହୋଇଗଲେଣି। ଗ୍ରାମରେ ପରିବର୍ତ୍ତନ ଆରମ୍ଭ ଥେନ୍ନଲା ଏଗ୍ରୋ ଫାର୍ମର୍ସ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍ର ସ୍ଥାପନ ଦ୍ୱାରା ହୋଇଥିଲା। ଏହି କମ୍ପାନୀ ୨ ସେପ୍ଟେମ୍ବର, 2015କୁ ଅସ୍ତିତ୍ୱରେ ଅସିଥିଲା। ମଲ୍ଲାପୁରମ୍ ଜିଲ୍ଲାସ୍ଥିତ ଥେନ୍ନଲା ଗ୍ରାମ ପଞ୍ଚାୟତର ଏହି କମ୍ପାନୀ ସଂଯୁକ୍ତ ଦେୟତା ସମୂହ (ଜେଏଲ୍ଜୀ) ଏବଂ ନେବରହୁଡ୍ ଗ୍ରୁପ୍ ଦ୍ୱାରା ସଞ୍ଚାଳିତ ହେଉଛି। ଏହି କମ୍ପାନୀର ସଦସ୍ୟମାନେ ବିଶ୍ୱାସ କରନ୍ତି କି, ଥେନ୍ନଲା ଏଗ୍ରୋ କମ୍ପାନୀ ଏପରି ଏକ ମଞ୍ଚ ଯେଉଁଠି ଉତ୍ପାଦକ, କୃଷକ, ବଜାର, ପ୍ରୋଫେସନାଲ୍ ସମସ୍ତ ଏକା ସାଙ୍ଗରେ କାମ କରନ୍ତି, ଯାହା ସମ୍ପ୍ରଦାୟର ଉନ୍ନତ ସୁନିଶ୍ଚିତ କରିଥାଏ।



## ସମୂହରୁ କମ୍ପାନୀ ତିଆରି କରିବା ପର୍ଯ୍ୟନ୍ତର ଅଦ୍ୱିତୀୟ ଯାତ୍ରା

ଥେନ୍ନଲା ରାଇସ୍ର ଆରମ୍ଭ କେରଳ ରାଜ୍ୟ ଗ୍ରାମୀଣ ଆଜୀବିକା ମିଶନ ଦ୍ୱାରା କୁଡୁମ୍ବଶ୍ରୀ ସଂଯୁକ୍ତ ଦେୟତା ସମୂହର ଲକ୍ଷ୍ୟରୁ ହୋଇଅଛି। ଆରମ୍ଭ ଆରମ୍ଭରୁ କୁଡୁମ୍ବଶ୍ରୀ ଗାରିମା କୃଷକ ଗୋଷ୍ଠିକୁ ଗୁରୁତ୍ୱ ଦେଲା। ଏହାର ଉଦ୍ଦେଶ୍ୟ ଥିଲା କି ଧାନର ଉତ୍ପାଦନ ଏବଂ ତାହାର ବିକ୍ରିକୁ ଗୁରୁତ୍ୱ ଦେବା ଚାଉଳକୁ ପ୍ରୋସେସ୍ କରି ତାକୁ ବଜାରର ସଠିକ୍ ଦରରେ ବିକ୍ରି କରିବା। ଗୋଷ୍ଠି ଚାଉଳକୁ ଥେନ୍ନଲା ରାଇସ୍ ମାନରେ ନାମିତ କରିଥିଲା। ଚାଉଳର ଚାହିଦା ତ ବଢ଼ିଲା ମାତ୍ର କମ୍ପାନୀ ଲାଭଠାରୁ ବହୁତ ଦୁରରେ ରହିଥିଲା କାରଣ ତାର ବ୍ରାଣ୍ଡିଙ୍ଗ୍ ହୋଇନଥିଲା। ଏହି କାରଣରୁ କୃଷକ ଗ୍ରାମର କୃଷକମାନଙ୍କୁ ଧାନ ବିକାଳୀ ମଧ୍ୟସ୍ତି ମାନଙ୍କୁ ମଧ୍ୟ କମ୍ ଦାମରେ ବିକ୍ରି କରିବାକୁ ପଡୁଥିଲା। ଦେୟତା ଗୋଷ୍ଠିର ସଦସ୍ୟ ମଧ୍ୟ ଚିନ୍ତିତ ଥିଲେ ଏବଂ କୃଷକ ମଧ୍ୟ।

ଗ୍ରାମର ଲୋକମାନଙ୍କର ଅସୁବିଧାକୁ ଦେଖି ରାଜ୍ୟ ସରକାରଙ୍କ ସବୁଜ ମଲ୍ଲାପୁରମ୍ ଯୋଜନା ମାଧ୍ୟମରେ ଥେନ୍ନଲା ପଞ୍ଚାୟତ ଧାନର ଉତ୍ପାଦନକୁ ବଢ଼ାଇବା ପାଇଁ କିଛି ମେସିନ୍ କିଣିଲେ। ଏହି ମେସିନ୍ ସବୁ ସଂଯୁକ୍ତ ଦେୟତା ଗୋଷ୍ଠିକୁ ସମର୍ପଣ କରାଯାଇଥିଲା। ମଲ୍ଲାପୁରମ୍ ଜିଲ୍ଲା ମିଶନର କଥାରେ ପଞ୍ଚାୟତ ନୂଆ ମେସିନାରୀର ବ୍ୟବହାର ଧାନର ଉତ୍ପାଦନକୁ ବଢ଼ାଇବା ପାଇଁ ଆରମ୍ଭ କରାଗଲା।

ଏହି ମିଶନରେ କୃଷକମାନଙ୍କୁ ବୀଜ କୃଷି ଭବନ ଉପଲବ୍ଧ କରାଇଥିଲେ। ତାହା ପରେ ପଞ୍ଚାୟତ 10 ଜଣ ଲୋକଙ୍କର ଏକ ଗୋଷ୍ଠି ତିଆରି କଲା ଏବଂ ସେମାନଙ୍କ ପାଇଁ 14 ଏକର ଜମିପଟା ଉପରେ ନିଆଗଲା। ଉତ୍ସାହର ସହ ଏହି ଲକ୍ଷ୍ୟର ଆରମ୍ଭ ତ ହୋଇଯାଇଥିଲା କିନ୍ତୁ କ୍ଷେତରେ ଜୋକ ମାନଙ୍କର ସମସ୍ୟା କାରଣରୁ କେତେକ କୃଷକ ପଛଘୁଞ୍ଚା ଦେଇଥିଲେ। ଗୋଷ୍ଠି ଭାଙ୍ଗିଦେଲେ। ଶେଷରେ ଗୋଷ୍ଠିରେ ମାତ୍ର 4 ଜଣ ସଦସ୍ୟ ରହିଲେ ଯେଉଁମାନେ ଜମିରେ କାନ କରିବା ଜାରୀ ରଖିଲେ। ଏହି ଗୋଷ୍ଠି 14 ଏକର ଜମିରେ ଧାନ ଚାଷ କରିଲେ। କ୍ଷେତରେ ପଲକ୍କଲ୍ ଗ୍ରାମରେ ବୁଣାଯାଇଥିବା ମୁଣ୍ଡକନ୍ ପ୍ରଜାତିର ଧାନ ବୀଜ ବୁଣାଗଲା। ଗୋଷ୍ଠିକୁ ଏହି ପଦକ୍ଷେପରେ ଲାଭ ହେଲା। ଅମଳର ଏକ ଭାଗ ଗୋଷ୍ଠିର ଲୋକମାନଙ୍କୁ ନିଜ ନିଜ ମଧ୍ୟରେ ବାଣ୍ଟି ଦିଆଗଲା ଏବଂ ବାକି ଭଡ଼ା ଘରେ ସାଇତି କରି ରଖିଦିଆଗଲା। ସାଇତି କରି ରଖା ଯାଇଥିବା ଧାନକୁ ସପ୍ଲାୟରମାନଙ୍କୁ ବିକ୍ରି କରି ଦିଆଗଲା। ଏହି ପ୍ରକାର ବିକାକିଣାରେ ଗୋଷ୍ଠିକୁ ଅନେକ ଲାଭ ହେଲା। ପୁଣି ସଂଯୁକ୍ତ ଦେୟତା ଗୋଷ୍ଠି କେବେହେଲେ ପଛଘୁଞ୍ଚା ଦେଲେ ନାହିଁ।

ଯସ୍ମିନ୍ ଅରିମ୍ବା କମ୍ପାନୀର ଅଧ୍ୟକ୍ଷ ଅଟନ୍ତି। ତାଙ୍କର ଇଚ୍ଛାଶକ୍ତି ଏବଂ ଦୃଢ଼ ବିଶ୍ୱାସ କମ୍ପାନୀକୁ ଉଚ୍ଚ ଲକ୍ଷ୍ୟରେ ଯାଇ ଛିଡ଼ା କରାଇଥିଲା। କମ୍ପାନୀ ଗ୍ରାମର ଲୋକମାଙ୍କ ପାଇଁ ବର୍ଷା ଛତା ପରି କାମ କରିବାରେ ଲାଗିଲା। ଯସ୍ମିନ୍ ଗ୍ରାମର ଅନ୍ୟ ମହିଳାମାନଙ୍କୁ କମ୍ପାନୀ ସହ ମିଶାଇଲେ, ଯାହାକି ମୂଖ୍ୟ ଲକ୍ଷ୍ୟ ପ୍ରମାଣିତ ହୋଇଥିଲା। କମ୍ପାନୀ ରସଫଳ ମଡେଲ୍ ଆଉ ଗୋଟିଏ ସଂଯୁକ୍ତ ଦେୟତା ଗୋଷ୍ଠି (ଜେଏଲ୍‌ଜୀ)କୁ ମଧ୍ୟ ଧାନଚାଷ ପାଇଁ ପ୍ରେରିତ କଲା। ଏହା ଫଳରେ, 236 ଏକର ଜମିରେ ଧାନଚାଷ ହୋଇପାରିଲା। ଚାଉଳକୁ ଥେନ୍ନଲା କୁଡୁମ୍ବଶ୍ରୀ ରାଇସ୍ ନାମରେ ବିକ୍ରି କରାଗଲା। ଗ୍ରାମର 500 ଜଣ ସଦସ୍ୟ ମିଶି ଏଗ୍ରୋ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍‌ର ଗଠନ କରିଥିଲେ। କମ୍ପାନୀ କୃଷକମାନଙ୍କଠାରୁ ଧାନ କିଣି ତାକୁ ପ୍ରୋସେସ୍ କରି ଚାଉଳକୁ ସାଶ୍ରୟୀ ଦରରେ ବିକ୍ରି କରିବା ଆରମ୍ଭ କରିଦେଲା। ଜିଲ୍ଲା ମିଶନ ଏବଂ ବ୍ୟାଙ୍କଗୁଡ଼ିକ କମ୍ପାନୀର ପ୍ରଚେଷ୍ଟାର ପ୍ରଂଶସା କଲେ ଏବଂ ତାଙ୍କୁ ଲୋନ୍ ଅଫର୍ କରିଥିଲେ। ତାପରେ ଥେନ୍ନଲା ଏଗ୍ରୋ ପ୍ରୋଡ୍ୟୁସର କମ୍ପାନୀର ଶୁଭାରମ୍ଭ କରାଯାଇଥିଲା।

## ବିଜିନେସ୍ ମଡେଲ୍

ଥେନ୍ନଲା ଏଗ୍ରୋ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍ କମ୍ପାନୀରେ 500 ଜଣ ସଦସ୍ୟ ଅଛନ୍ତି। କମ୍ପାନୀର ମୂଖ୍ୟ କାମ ହେଲା ଧାନର ଉତ୍ପାଦନ କରିବା ଏବଂ ତାହାକୁ କିଣି, ଧାନରୁ ଚାଉଳ ବାହାର କରିବା, ସ୍ଥାନୀୟ ଦୋକାନ ଏବଂ ମିଲ୍‌ରେ ଜୈବିକ ଚାଉଳର ମାର୍କେଟିଙ୍ଗ୍ କରିବା।

## ଧାନର ଉତ୍ପାଦନ ଏବଂ ତାହାର କିଣା

କମ୍ପାନୀର ସଦସ୍ୟ ପରସ୍ପରର ସହଯୋଗରେ କାମ କରିଥାନ୍ତି। ଶ୍ରମ ଉପରେ ଖର୍ଚ୍ଚ କମ୍ କରିବା ପାଇଁ ମହିଳାମାନେ ଅନ୍ୟ କ୍ଷେତରେ ଯାଇ ଧାନ ରୋପଣରେ ସାହାଯ୍ୟ କରିଦିଅନ୍ତି। ଏଥିରୁ ସଞ୍ଚୟ କରିଥିବା ପଇସାକୁ ସେମାନେ ଭଡ଼ାରେ ଟ୍ରାକ୍ଟର ନେବା ଏବଂ ଜମିରେ ପାଣି ଦେବା ପରି କାମରେ ବ୍ୟବହାର କରନ୍ତି।

ଥେନ୍ନଲା ପ୍ରୋଡ୍ୟୁସର କମ୍ପାନୀର ସଦସ୍ୟ ମହିଳାମାନେ ପାଞ୍ଚୋଟି ଗ୍ରାମର କ୍ଷେତରେ କାମ କରନ୍ତି। ଏଥିରେ ମରାକ୍କାଦପମ୍, ଝଲାକୁଲମ୍, ପାଦମ୍, ଅପଲା ପାଦମ୍, ପାଲକମ୍ ପାଦମ୍, ଇରାଂଜୀ ପାଦମ୍ ସାମିଲ୍ ଅଟେ। ଏହି କ୍ଷେତଗୁଡ଼ିକରେ ଉମା, ଐଶ୍ୱର୍ଯ୍ୟା ସିୟୋନ୍, ଜ୍ୟୋତି, ପୋନ୍ନୀ ଏବଂ ଜ୍ୱାରା ପରି ଛଅଟି ପ୍ରକାରର ଧାନର ରୋପଣ କରିଥାନ୍ତି। ଥେନ୍ନଲା କମ୍ପାନୀ ଧାନଚାଷ ଜୈବିକ ଉପାୟରେ କରିଥାନ୍ତି। କ୍ଷେତରେ ବର୍ମୀକମ୍ପୋଷ୍ଟ ଏବଂ ଜୈବିକ ସାରର ବ୍ୟବହାର କରିଥାନ୍ତି। କୌଣସି ପ୍ରକାର ରାସାୟନିକ ପଦାର୍ଥର ବ୍ୟବହାର କରି ନଥାନ୍ତି। ଏହି ସମ୍ବନ୍ଧରେ କମ୍ପାନୀକୁ ଜୈବିକ ଉତ୍ପାଦନ ପ୍ରମାଣପତ୍ର ମଧ୍ୟ ମିଳିଅଛି। କମ୍ପାନୀ ଗ୍ରାମର ଅନ୍ୟ ସଂଯୁକ୍ତ ଦେୟତା ଗୋଷ୍ଠି (ଜେଏଲ୍‌ଜୀ) ଠାରୁ ଧାନ ମଧ୍ୟ କିଣନ୍ତି, ପୁଣି ତାକୁ ମିଲ୍‌କୁ ପଠାନ୍ତି। ଚାଉଳରୁ କୁଣ୍ଡା ବାହାର କରିବାଠାରୁ ଆରମ୍ଭ କରି ତାକୁ ସଫାସୁତର ଏବଂ ବାଛିବା କାମ ମଧ୍ୟ ନିଜେ କରିଥାନ୍ତି। ପୁଣି ସେହି ଚାଉଳକୁ 1, 5 ଏବଂ 10 କିଲୋଗ୍ରାମ୍‌ର ପ୍ୟାକେଟ୍‌ରେ ଭର୍ତ୍ତି କରନ୍ତି। ଏହା ବ୍ୟତୀତ ଥେନ୍ନଲା ରାଇସ୍ ଅନ୍ୟ ଉତ୍ପାଦ ପରି ରାଇସ୍ ଫ୍ଲେକ୍ସ, ରାଇସ୍ ବ୍ରାନ୍, ପାୟସମ୍ ରାଇସ୍ ଏବଂ ଭାଙ୍ଗିଯାଇଥିବା ଚାଉଳକୁ ମଧ୍ୟ ଅଲଗା ପ୍ୟାକିଙ୍ଗ୍ କରିଥାନ୍ତି। ଥିବା ସମୟରେ ଥେନ୍ନଲା ରାଇସ୍‌ର ଏକ କିଲୋର ପ୍ୟାକେଟ୍‌କୁ 50 ଟଙ୍କାରେ ବିକ୍ରି କରାଯାଏ। ଚାଉଳ ଏବଂ ତାହାର ଉତ୍ପାଦନର ମୂଲ୍ୟକୁ କମ୍ପାନୀର ବୋର୍ଡ୍ ଅଫ ଡାଇରେକ୍ଟର ମାନେ ନିର୍ଦ୍ଧାରଣ କରିଥାନ୍ତି।



## ଆର୍ଥିକ ପ୍ରବନ୍ଧନ

ଏଗ୍ରୋ କମ୍ପାନୀର ଆରମ୍ଭ ପାଞ୍ଚ ଲକ୍ଷ ଟଙ୍କାରେ ହୋଇଥିଲା। ଗ୍ରାମର 500 ଲୋକ କମ୍ପାନୀରେ 1000- 1000 ଟଙ୍କା ନିବେଶ କରିଥିଲେ। ଏହା ସହିତ ନାବାର୍ଡ 10 ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲା।କୁଦୁମ୍ବଶ୍ରୀ ମଧ୍ୟ 10 ଲକ୍ଷ ଟଙ୍କାର ଆର୍ଥିକ ସହାୟତା କମ୍ପାନୀକୁ ଦେଇଥିଲା।

## ମାର୍କେଟିଂ, ବିକ୍ରି ଏବଂ ଲାଭ

ଥେନ୍ନଲା ପ୍ରଡ୍ୟୁସର୍ କମ୍ପାନୀ ନିଜ ଉତ୍ପାଦକୁ ସ୍ଥାନୀୟ ଦୋକାନରେ ବିକ୍ରି କରୁଅଛି, ଏହାଦ୍ୱାରା ସ୍ଥାନୀୟ ଲୋକମାନଙ୍କୁ ମଧ୍ୟ ସାଶ୍ରୟୀ ଦାମରେ ଚାଉଳ ଏବଂ ସେଥିରୁ ତିଆରି ହେଉଥିବା ଜିନିଷ ମିଳୁଅଛି। ଥେନ୍ନଲା ଚାଉଳକୁ ରାଜ୍ୟ ସରକାରଙ୍କ କୁଡୁମ୍ବଶ୍ରୀ ମଧ୍ୟ ସରକାରୀ ଯୋଜନା ପାଇଁ କିଣିଥାଏ। ଏହା ବ୍ୟତୀତ ରାଜ୍ୟର ହିଲିଙ୍ଗ୍ ସେଣ୍ଟର ଏବଂ ଆୟୁର୍ବେଦ କେନ୍ଦ୍ର, ନେଚୁରୋପାଥୀ କେନ୍ଦ୍ର ମଧ୍ୟ ଏହି କମ୍ପାନୀରୁ ଚାଉଳ କିଣନ୍ତି। କମ୍ପାନୀ ଅନେକ ଜୈବିକ ଷ୍ଟୋର୍ ସହ ମଧ୍ୟ କଥାବାର୍ତ୍ତା କଲାଣି। ଏବେ ଥେନ୍ନଲା କମ୍ପାନୀର ଚାହିଦା ଦେଶ ବାହାରେ ମଧ୍ୟ ଅଛି। ସ୍ଥାନୀୟ ଦୋକାନଗୁଡ଼ିକ ହେଉଛନ୍ତି ଥେନ୍ନଲା କମ୍ପାନୀର ସମୁଦାୟ ବିକ୍ରିରେ 80 ଶତକଡା ଅଂଶୀଦାର। ଯେତେବେଳେ 20 ଶତକଡା ହୋଲ୍‌ସେଲ୍ ବଜାରକୁ ଯାଇଥାଏ।

## ବିବାଦାସ୍ପଦ ବିଷୟ ଏବଂ ଚ୍ୟାଲେଞ୍ଜଗୁଡ଼ିକ

ଥେନ୍ନଲା ଏଗ୍ରୋ ଫାର୍ମର୍ସ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍‌ର ଚ୍ୟାଲେଞ୍ଜଗୁଡ଼ିକ ମଧ୍ୟ କମ୍ ନାହିଁ। କମ୍ପାନୀର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଲା

ଖର୍ଚ୍ଚକୁ କମ୍ କରିବା ସହିତ ମାର୍କେଟିଙ୍ଗ୍ ରଣନୀତିକୁ ମଜଭୁତ କରିବା। ଏହା ବ୍ୟତୀତ କମ୍ପାନୀ ନୂଆ ଟେକ୍ନିକ୍‌କୁ ଆପଣେଇବା ପାଇଁ ମଧ୍ୟ ପଛାଉଅଛି। ପ୍ୟାକେଜିଙ୍ଗ୍ ଏବଂ ତାହାର ବ୍ରାଣ୍ଡିଙ୍ଗ୍ ପ୍ରଣାଳୀକୁ ସଠିକ୍ କରିବା ଅବଶ୍ୟକ ହୋଇପଡୁଛି। ଧାନକୁ ଜମା କରି ରଖିବାର ବ୍ୟାପକ ବ୍ୟବସ୍ଥାର ଅଭାବ ମଧ୍ୟ କମ୍ପାନୀ ପାଇଁ ଚିନ୍ତାର କାରଣ ହୋଇପଡିଛି। ବର୍ତ୍ତମାନ ସମୟରେ ଗୋଡାଉନ୍ ଭଡ଼ା ନେଇ ଚାଉଳର ପ୍ୟାକେଟ୍‌କୁ ରଖାଯାଉଅଛି। ଏଥିପାଇଁ କମ୍ପାନୀକୁ ଭଡ଼ା ବାବଦରେ ବହୁତ ରାଶି ବହନ କରିବାକୁ ପଡୁଛି। ସବୁଠାରୁ ମୂଖ୍ୟ କଥା ହେଉଛି କମ୍ପାନୀରେ ବଡ଼ିଆ ପରିଚାଳକଙ୍କ ଅଭାବ। ଏଥିପାଇଁ କମ୍ପାନୀକୁ ମଧ୍ୟ କ୍ଷତି ସହିବାକୁ ପଡୁଛି। ଉଦାହରନ ହିସାବରେ କହିବାକୁ ଗଲେ ପ୍ରଥମେ ପ୍ରଥମେ କମ୍ପାନୀ ଧାନର କୁଣ୍ଡାକୁ ମିଲ୍‌ବାଲାକୁ ମାଗଣାରେ ଦେଇ ଦେଉଥିଲେ, କିନ୍ତୁ ଏବେ ତାହାକୁ ମିଲ୍‌ବାଲା ଏବଂ ଅନ୍ୟ କୃଷକମାନଙ୍କୁ ବିକ୍ରି କରି ଦେଉଛନ୍ତି ଯାହାଦ୍ୱାରା ଭଲ ଆମଦାନୀ ମଧ୍ୟ ହେଉଛି।

## ସୁଶାସନ

ଥେନ୍ନଲା ଏଗ୍ରୋ ଫାର୍ମର୍ସ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍‌ରେ 126 ସଂଯୁକ୍ତ ଦେୟତା ଗୋଷ୍ଠି (ଜେଏଲ୍‌ଜି) ଅଛନ୍ତି। 10-15 ଜଣ ଜେଏଲ୍‌ଜିକୁ ନେଇ ଏକ କ୍ଲଷ୍ଟର୍‌ରେ ଜଣେ ଅଧ୍ୟକ୍ଷ ଏବଂ ଜଣେ ସଚିବ କରାଯାଇଥାଏ। ପ୍ରତି କ୍ଲଷ୍ଟର ପାଇଁ ଜଣେ ନିର୍ଦ୍ଦେଶକ କରାଯାଇଥାଏ। ପ୍ରୋଡ୍ୟୁସର କମ୍ପାନୀରେ 10 କ୍ଲଷ୍ଟର ଅଛନ୍ତି। ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ତିନି ବର୍ଷ ହୋଇଥାଏ। ଥେନ୍ନଲା ପ୍ରୋଡ୍ୟୁସର କମ୍ପାନୀ ଦ୍ୱାରା ଗଠିତ କମିଟିରୁ ପରିଚାଳନା ନିୟନ୍ତ୍ରିତ ହୋଇଥାଏ।



## କ୍ଷମତା ନିର୍ମାଣ ଏବଂ ପ୍ରଶିକ୍ଷଣ

କମ୍ପାନୀରେ ମହିଳା ସଦସ୍ୟର ପ୍ରଶିକ୍ଷଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଗଲା। ମହିଳା କିଷାନ ସଶକ୍ତିକରଣ ପରିଯୋଜନା ମାଧ୍ୟମରେ କୁଡୁମ୍ବଶ୍ରୀ ଏହି ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଲା। ଏଥିରେ ମାର୍କେଟିଂ ସ୍କିଲ୍, ଉତ୍ପାଦନର ଉପାୟ, ବ୍ରାଣ୍ଡିଙ୍ଗ୍, ଗୁଣବତ୍ତାର ଯାଞ୍ଚ, ପରି ମୁଖ୍ୟ ଉଦ୍ଦେଶ୍ୟକୁ ମିଶାଗଲା। ପ୍ରତିଦିନ ନୂଆ ଟେକ୍ନିକ୍ ଆସିବା ହେତୁ ପ୍ରଶିକ୍ଷଣର ସମ୍ଭବତା ସବୁବେଳ ପାଇଁ ଲାଗି ରହିଥାଏ। କମ୍ପାନୀର ଅଧିକାରୀମାନଙ୍କୁ ପରିଚାଳନାର ଟ୍ରେନିଂ ମଧ୍ୟ ଦିଆଯାଇଥାଏ। ଏହି ପ୍ରକାରର ପ୍ରଶିକ୍ଷଣ କାର୍ଯ୍ୟ ଆଗକୁ ମଧ୍ୟ ଚାଲୁ ରଖିବା ପାଇଁ ଗୋଷ୍ଠି ଇଚ୍ଛା ପ୍ରକାଶ କରୁଛି।

## ଭବିଷ୍ୟତର ଯୋଜନା

ଭବିଷ୍ୟତରେ କମ୍ପାନୀ ଥେନ୍ନଲା ଗ୍ରାମରେ ବୀଜ ବ୍ୟାଙ୍କ ତିଆରି କରିବାର ଯୋଜନା ରଖିଛି। ଏଥିରେ ସ୍ଥାନୀୟ ପ୍ରକାରର ବୀଜ ରଖିବାର ବିଚାର ଅଛି। ଏଥିରେ କୃଷକମାନଙ୍କୁ ଧାନର ଗୁଣବତ୍ତା ରକ୍ଷା କରିବାରେ ସାହାଯ୍ୟ ମିଳିବ। ଏହା ବ୍ୟତୀତ କମ୍ପାନୀ କଦଳୀ ଏବଂ ଚାଉଳରେ ପ୍ରସ୍ତୁତ ପିଲାମାନଙ୍କ ପାଇଁ ଖାଦ୍ୟ ଉତ୍ପାଦ ପ୍ରସ୍ତୁତ କରି ବିକ୍ରି କରିବାର ଯୋଜନାରେ ଅଛି। ଜଳଖିଆ ପାଇଁ ଶସ୍ୟ ଏବଂ ଡ୍ରାଇ ଫ୍ରୁଟ୍‌ରୁ ପ୍ରସ୍ତୁତ ନୂଆ ଉତ୍ପାଦ ପ୍ରସ୍ତୁତ କରିବା ଦିଗରେ କାର୍ଯ୍ୟରତ ଅଛି। ଏହା ସହିତ ଟୋପାଇକାରୁ ପ୍ରସ୍ତୁତ ପକ୍କା ବଡ଼ା, ନମ୍‌କିନ୍, ଚିପ୍‌ସ୍, ମିଠାଇର ଉତ୍ପାଦର ମଧ୍ୟ ଶୁଭାରମ୍ଭ କରୁଅଛି।

## ଜଟିଳତାଗୁଡ଼ିକ

ଥେନ୍ନଲା ପ୍ରୋଡ୍ୟୁସର କମ୍ପାନୀ 500ଟି ପରିବାରକୁ ରୋଜଗାର ଦେଉଅଛି। ସେମାନଙ୍କର ଜୀବନକୁ ଆହୁରି ବଡ଼ିଆ ତିଆରି କରିବା ଦିଗରେ କାର୍ଯ୍ୟ କରିଛି। କମ୍ପାନୀର ଲୋକମାନେ ଚାହୁଛନ୍ତି କି ସେମାନେ ନିଜ ଷ୍ଟୋରେଜ, ପ୍ୟାକେଜିଙ୍ଗ୍ ୟୁନିଟ୍, ପ୍ରୋସେସିଙ୍ଗ୍ ୟୁନିଟ୍ ପ୍ରସ୍ତୁତ କରିପାରନ୍ତୁ। ଏହି ସମସ୍ତ ପାଇଁ କମ୍ପାନୀକୁ ଆର୍ଥିକ ସହାୟତାର ଆବଶ୍ୟକତା ଅଛି। କମ୍ପାନୀର ଆୟକୁ ବଢ଼ାଇବା ପାଇଁ ପରିଚାଳନାରେ ସୁଧାର ଆଣିବା ଏକାନ୍ତ ଆବଶ୍ୟକ ଯେଉଁଥିପାଇଁ ପରିଚାଳନା ବିଶେଷଜ୍ଞମାନଙ୍କୁ ମଧ୍ୟ ସାମିଲ କରିବାର ଆବଶ୍ୟକତା ଅଛି। ♦

## ସ୍ୱଚ୍ଛ ଭାରତ ଅଭିଯାନ

**ମହାତ୍ମା ଗାନ୍ଧୀ ସବୁବେଳେ ଗ୍ରାମଗୁଡ଼ିକୁ ମହତ୍ୱ ଉପରେ ଗୁରୁତ୍ୱ ଦେଉଥିଲେ ଏବଂ 'ଗ୍ରାମ ସ୍ୱରାଜ' ବିଷୟରେ କଥା ଉଠାଇଥିଲେ ।**

**ଗ୍ରାମଗୁଡ଼ିକର ପରିବର୍ତ୍ତନରେ ଭାରତ ପରିବର୍ତ୍ତନ ସୁନିଶ୍ଚିତ ହେବ ।**

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମ**

**ଦୀନଦୟାଲ ଅନ୍ତୋଦୟ ଯୋଜନା ରାଷ୍ଟ୍ରୀୟ ଗ୍ରାମୀଣ ଆଜୀବିକା ମିଶନ୍**

**ଗ୍ରାମୀଣ ବିକାଶ ଯୋଜନା**

**ଭାରତରେ ପଞ୍ଚାୟତରେ ପରିବର୍ତ୍ତନକର୍ତ୍ତା - ଆନ୍ଧ୍ର ପ୍ରଦେଶ**

**ଏକ ଏସ୍‌ଏଚ୍‌ଜି ନେତାର ସଫଳତାର କାହାଣୀ - ଆନ୍ଧ୍ର ପ୍ରଦେଶ**

**ସମ୍ଭାବନାର ପଥ - ମହାରାଷ୍ଟ୍ର**

**ଅବରସିଂହ ପଞ୍ଚାୟତ, ଓଡିଶା - ଶକ୍ତିରେ ଏକତା**

**ଜଣେ ବି. ଟେକ୍ ଇଞ୍ଜିନିୟରଙ୍କ ସଫଳତାର କାହାଣୀ - ରାଜସ୍ଥାନ**



ସଂସଦ ଆଦର୍ଶ ଗ୍ରାମ ଯୋଜନା

# ଗୁଲାବୀ ହୋଇଥିବା ଜୋଡ଼ନ୍ଧା ଝରିଆ ଗ୍ରାମର ଲୋକଙ୍କ ଜୀବନଶୈଳୀ

**ବର୍ଷ 2014 ରେ, ଛତିଶଗଡ଼ର ରାଜ୍ୟ ସଭା ସଦସ୍ୟ ନନ୍ଦ କୁମାର ସାଇଁ ସଂସଦ ଆଦର୍ଶ ଗ୍ରାମ ଯୋଜନା ଅନ୍ତର୍ଗତ ଜୋଡ଼ନ୍ତା ଗ୍ରାମକୁ ଅନ୍ତର୍ଭୁକ୍ତ କରିଥିଲେ । ତିନି ବର୍ଷ ପୂର୍ବରୁ ବିକାଶ କାର୍ଯ୍ୟ ଆରମ୍ଭ କରାଯାଇଥିଲା, ଏହାର ପ୍ରଭାବ ମୂଳସ୍ତରରେ ଦେଖାଯିବା ଆରମ୍ଭ କଲାଣି ।**

ଛତିଶଗଡ଼ ଏବଂ ଓଡିଶା ରାଜ୍ୟର ସୀମାରେ ଥିବା ଦୁଇଟି ଗ୍ରାମ ମିଶି ପ୍ରସ୍ତୁତ ହୋଇଥିବା ଜୋଡ଼ନ୍ତା ଝରିଆ ଆଜି ଆଦର୍ଶ ଗ୍ରାମ ରୂପରେ ଲୋକମାନଙ୍କ ସାମନାରେ ରହିଛି। ଅତୀତରେ ଏକ ପଛୁଆ ଗ୍ରାମ କୁହାଯାଉଥିବା ଜୋଡ଼ନ୍ତା ଗ୍ରାମ ଲୋକଙ୍କ ଜୀବନରେ ଗୁଲାବୀ ରଙ୍ଗ ଭରପୁର ହୋଇଛି। ସାମୁହିକ ପ୍ରଚେଷ୍ଟାରେ ଗ୍ରାମରେ 100 ପ୍ରତିଶତ ସ୍ୱାକ୍ଷର ହୋଇଛନ୍ତି। ପୋଷଣ ବିଷୟରେ ମଧ୍ୟ ଏହି ଗ୍ରାମ ଆଗରେ ଅଛି। ନିଶାମୁକ୍ତ ଏବଂ ଖୋଲା ଶୌଚ ହେଉ ନଥିବା ଗ୍ରାମ ହିସାବରେ ଏହା ଅନ୍ୟ ମାନଙ୍କ ପାଇଁ ଉଦାହରଣ ହୋଇ ଅଛି।

ବର୍ଷ 2014 ରେ, ଛତିଶଗଡ଼ର ରାଜ୍ୟ ସଭା ସଦସ୍ୟ ନନ୍ଦ କିଶୋର ସାଇଁ ଆଦର୍ଶ ଗ୍ରାମ ଯୋଜନା ଅନ୍ତର୍ଗତ ଜୋଡ଼ନ୍ତା ଗ୍ରାମକୁ ଅନ୍ତର୍ଭୁକ୍ତ କରିଥିଲେ। ତିନି ବର୍ଷ ପୂର୍ବରୁ ବିକାଶ କାର୍ଯ୍ୟ ଆରମ୍ଭ କରାଯାଇଥିଲା, ଏହାର ପ୍ରଭାବ ମୂଳସ୍ତରରେ ଦେଖାଯିବା ଆରମ୍ଭ କଲାଣି। ଗ୍ରାମରେ ସର୍ବାଙ୍ଗୀନ ବିକାଶ ପାଇଁ ପ୍ରସ୍ତୁତ କରାଯାଇଥିବା ଯୋଜନା ଗୁଡ଼ିକ ସଂସଦ ନନ୍ଦ କୁମାର ସାଇଁ ନିଜେ ହିଁ ପର୍ଯ୍ୟବେକ୍ଷଣ କରୁଥିଲେ। ଏଠାରେ ପ୍ରତି ଘରେ ଶୌଚାଳୟ ନିର୍ମାଣ କରାଗଲା, ଯେଉଁଗୁଡ଼ିକ ଗୁଲାବି ରଙ୍ଗରେ ରଙ୍ଗିତ କରାହେଲା। ଜୋଡ଼ନ୍ତା ଗ୍ରାମରେ ଘର ଆଗ କାନ୍ଥରେ ପୋତା ହୋଇଥିବା ବୋର୍ଡରେ ଗୁଲାବି ରଙ୍ଗର ବିକାଶର କାହଣୀ ଲେଖା ହୋଇଛି। ସେହି ବିକାଶର ବାହକ ହିସାବରେ ମହିଳାମାନେ ମୂଖ୍ୟ ଭୂମିକା ଗ୍ରହନ କରିଛନ୍ତି। ସମ୍ପନ୍ନତାର ପ୍ରତିକ ହିସାବରେ ଗୁଲାବୀ ରଙ୍ଗର ଶାଢ଼ୀ ପିନ୍ଧି ମହିଳାମାନେ ସ୍ୱଚ୍ଛତା ଜ୍ଞାନକୁ ଲୋକମାନଙ୍କ ପାଖରେ ପହଞ୍ଚାଇବାର କାର୍ଯ୍ୟ କରୁଛନ୍ତି। ଗ୍ରାମକୁ ସ୍ୱସ୍ଥ ଏବଂ ସ୍ୱଚ୍ଛ ବନାଇବାର ଏହି କାର୍ଯ୍ୟ ଏକ ଜନଆନ୍ଦୋଳନର ରୂପ ନେଇଛି।

## ଜୋଡ଼ନ୍ତା ଗ୍ରାମ ଆଉକଣ ଅଧିକ କହୁଛି?

ଜଶପୁର ଜିଲ୍ଲା ମୁଖ୍ୟାଳୟ ଠାରୁ 107 କିଲୋମିଟର ଦୂରରେ ଅବସ୍ଥିତ ଗ୍ରାମର ଲୋକସଂଖ୍ୟା 1451 ଏବଂ ଏଠାରେ 285 ପରିବାର ରହନ୍ତି। ଯେହେତୁ ଜୋଡ଼ନ୍ତା ଗ୍ରାମ ଶେଡୟୁଲ୍ ପାଞ୍ଚ ଅନ୍ତର୍ଗତ ଆସୁଛି, ଏଠାରେ ପେଶା 1996 ଆଇନ୍ ଲାଗୁ ଅଛି। ଏହି ଆଇନ ବଳରେ ଗ୍ରାମ ସଭାକୁ ବିଶେଷ ଅଧିକାର ପ୍ରାପ୍ତ ହୋଇଛି ଯେ ସେମାନେ ନିଜ ସମ୍ପ୍ରଦାୟର ପ୍ରଥା, ଧାର୍ମିକ ଏବଂ ପରମ୍ପରାଗତ ନୀତିର ସଂରକ୍ଷଣ ପାଇଁ ପଦକ୍ଷେପ ନେଇପାରିବେ ଏବଂ ନିଜ ଭିତରେ ଥିବା ବିବାଦ ସମାଧାନ ପାଇଁ ନିଜେ ହିଁ ନିଷ୍ପତ୍ତି ନେଇ ପାରିବେ।

## ରାଜ୍ୟର ପ୍ରଥମ ଖୋଲା ଶୌଚାଳୟ ମୁକ୍ତ ଏବଂ ନିଶାମୁକ୍ତ ଗ୍ରାମ

ବିକାଶ କାର୍ଯ୍ୟର ନିଶ୍ଚିତ ପର୍ଯ୍ୟବେକ୍ଷଣ ପାଇଁ ମାନନୀୟ ସଂସଦ ଏବଂ ଜିଲ୍ଲାପ୍ରଶାସନ ଏହି ଗ୍ରାମକୁ ନିୟମିତ ଭାବରେ ପରିଦର୍ଶନ କରୁଥିଲେ। ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ (ଭିଡିପି) ଅନ୍ତର୍ଗତ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମ ଠିକ୍ ସମୟରେ ପୁରା କରାଯାଇଥିଲା। ଗ୍ରାମୀଣ ଜୀବନରେ ଏହାର ପ୍ରଭାବ ମଧ୍ୟ ଦେଖା ଦେଲା। ତିନି ବର୍ଷରେ ଜୋଡ଼ନ୍ତା ଗ୍ରାମ ଖୋଲା ସ୍ଥାନରେ ଶୌଚାଳୟ ମୁକ୍ତ ଏବଂ ନିଶାମୁକ୍ତ ଗ୍ରାମ ହୋଇଗଲା। ଦେଶର ସ୍ୱାଧୀନ ଦିବସ, ଅଗଷ୍ଟ 15 ଅବସରରେ ଜୋଡ଼ନ୍ତା ଗ୍ରାମର ଲୋକମାନେ 15-15 ଗ୍ରାମକୁ ଜାଗୃତ କରିବାର ଦାୟିତ୍ୱ ନେଇଥିଲେ। ଏହି ପଞ୍ଚାୟତକୁ ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟପାଇଁ ସମ୍ମାନିତ କରାଯାଇ ସାରିଛି। ♦

# ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ପ୍ରଥମ 'ଆପ୍' ମାଧ୍ୟମରେ ଗ୍ରାମୀଣ ଜନତାକୁ ନ୍ୟାୟ

ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ଆପ୍ ଗ୍ରାମ ଗୁଡ଼ିକ ପାଇଁ ନ୍ୟାୟ ପାଇବାର ଆଶା ସୃଷ୍ଟି କରିଛି। କେବଳ ଏତିକି ନୁହେଁ, ନୂଆ ଯୋଜନା କୁ ନେଇ ଲୋକ ମାନଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ବର୍ତ୍ତମାନ ଅଫିସର ମାନେ ହାଲୁକା ଭାବରେ ନେଇ ପାରୁ ନାହାନ୍ତି ଏବଂ ସମ୍ବନ୍ଧିତ ଫାଇଲ ଅଟକାଇ ପାରୁ ନାହାନ୍ତି। ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ, ସେମାନେ ଗ୍ରାମର ଅଭିଯୋଗ ସମାଧାନ କରିବାକୁ ପଡୁଛି କାରଣ ଅଭିଯୋଗ ସମାଧାନ ନହେଲେ, ସେହି ଫାଇଲ୍ ଆପେ ଆପେ ବରିଷ୍ଠ ଅଫିସରଙ୍କ ପାଖକୁ ଅନ୍‌ଲାଇନ ସ୍ଥାନାନ୍ତରିତ ହୋଇଯାଉଛି, ନିଜ ଦାୟିତ୍ୱରେ ଖିଲାପ କରିଥିବା ଅଫିସରଙ୍କ ବିରୁଦ୍ଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଜନମନରେଗା, ଆବାସ, ମୋରି ସଡ଼କ, ଗ୍ରାମ ସମ୍ବାଦ ମୋବାଇଲ, କୌଶଳ ପଞ୍ଜିକରଣ-ସ୍କିଲ୍ ରେଜିଷ୍ଟର୍ ଆପ୍ ଲୋକମାନଙ୍କ ମଧ୍ୟରେ କୌତୁହଳର ବିଷୟ ହୋଇଯାଇଛି।




**କେନ୍ଦ୍ର ସରକାରଙ୍କ ବିକାଶ କାର୍ଯ୍ୟରେ ପାରଦର୍ଶିତା ଏବଂ ବେରୋଜଗାର ବ୍ୟକ୍ତିଙ୍କୁ ରୋଜଗାର ଦେବାରେ ନିର୍ଣ୍ଣୟ ଉପରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ସୂଚନା ଏବଂ ସମ୍ପ୍ରେଷଣ ଟେକ୍‌ନିକ୍ ମାଧ୍ୟମରେ ଏପରି ମୋବାଇଲ ଆପ୍‌ର ଶୁଭାରମ୍ଭ କରିଛନ୍ତି, ଯାହା ମାଧ୍ୟମରେ ଗ୍ରାମୀଣ ଜନତା କେବଳ ଜାଗୃତ ହୋଇଛନ୍ତି ତାହା ନୁହେଁ ଆଉ ମଧ୍ୟ ସରକାରୀ ଯୋଜନାରୁ ସେମାନଙ୍କୁ ସିଧା ସଳଖ ଲାଭ ମିଳୁଛି ।**

## ଜନମନରେଗା

କେନ୍ଦ୍ର ସରକାରଙ୍କର ମହତ୍ୱକାଂକ୍ଷୀ ଯୋଜନା ମନରେଗା (ମହାତ୍ମା ଗାନ୍ଧୀ ରୋଜଗାର ଗ୍ୟାରେଣ୍ଟି ଯୋଜନା) କୁ "ଜନମନରେଗା" ଆପ୍‌କୁ ପାରଦର୍ଶୀ ବନାଇଦେଇଛି। ଏହି ଆପ୍‌କୁ ମୋବାଇଲରେ ଡାଉନଲୋଡ କରି ଆପଣ ମଧ୍ୟ ନିଜ ଗ୍ରାମ ପଞ୍ଚାୟତରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ନିଜେ ହିଁ ପର୍ଯ୍ୟବେକ୍ଷଣ କରିପାରିବେ।

ଏହି ଆପ୍ କ୍ଲିକ୍ କଲା ମାତ୍ରେ ହିଁ ଜିପିଏସ୍ ଅନ୍ ହୋଇଯିବ ଏବଂ ଯେଉଁ ଅଞ୍ଚଳରେ ଆପଣ ଛିଡ଼ା ହୋଇଛନ୍ତି ସେହି ଅଞ୍ଚଳରେ ଏକ କିଲୋମିଟର ଭିତରେ ମନରେଗା ଅନ୍ତର୍ଗତ କରାଯାଇଥିବା ବିକାଶମୂଳକ କାର୍ଯ୍ୟକ୍ରମର ସବିଶେଷ ତଥ୍ୟ ଆପଣଙ୍କ ମୋବାଲରେ ଫଟୋ ସହିତ ଦେଖାଯିବ। ଏହା ଦ୍ୱାରା ଭ୍ରଷ୍ଟାଚାରରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି ହେବ ଏବଂ ବିକାଶ କାର୍ଯ୍ୟର ଗୁଣମାନ ମଧ୍ୟ ସୁନିଶ୍ଚିତ ହୋଇପାରିବ। ଏବେ, ଗ୍ରାମ ଲୋକମାନଙ୍କୁ ମନରେଗା ଅନ୍ତର୍ଗତ କରାଯାଉଥିବା କାର୍ଯ୍ୟ ବିଷୟରେ ଜାଣିବା ପାଇଁ ସରକାରୀ ଅଫିସକୁ ଯିବା ଆବଶ୍ୟକ ନାହିଁ। ଏହି ଆପ୍‌କୁ ଆପଣ ମଧ୍ୟ ଏଣ୍ଡ୍ରୋଏଡ୍ ମୋବାଇଲରେ ଡାଉନଲୋଡ କରିପାରିବେ। ଏଥିପାଇଁ ଗୁଗୁଲ ପ୍ଲେ ଷ୍ଟୋର ଯାଇ ହିନ୍ଦିରେ 'ଜନନରେଗା' ଲେଖି ଆପଣ ଡାଉନଲୋଡ କରିପାରିବେ। ଏହା ପରେ ଏହି ସେବା ଚାଲୁ ରହିବ।




## ଆବାସ ଆପ୍

ଆଗରୁ ନିଜର ଘର ହେବା ଗରୀବଙ୍କ ପାଇଁ ଏକ ଦୂର ସ୍ୱପ୍ନ ହେଉଥିଲା, କିନ୍ତୁ ଆଜି ଆଉ ନାହିଁ। କେନ୍ଦ୍ର ସରକାର ଏହି ଆବଶ୍ୟକତାକୁ ବୁଝିଛନ୍ତି ଏବଂ ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହାର ପାରଦର୍ଶୀ କରିବା ପାଇଁ ଆବାସ ମୋବାଇଲ ଆପ୍ ବାଖୁବି କାର୍ଯ୍ୟ କରୁଛି।

**କିପରି ଡାଉନଲୋଡ୍ କରିବେ ଆପ୍:** ଗ୍ରାମଗୁଡ଼ିକୁ ଆଖି ଆଗରେ ପ୍ରସ୍ତୁତ କରାଯାଇଥିବା ଏହି ମୋବାଇଲ ଆପ୍‌ର ଲାଭ ଗ୍ରାମବାସୀମାନେ ନେଉଛନ୍ତି। ଏହି ଆପ୍‌ର ସହାୟତାରେ ଗ୍ରାମୀଣ କ୍ଷେତ୍ରରେ ରହୁଥିବା ଲୋକ ନିଜର ସ୍ମାର୍ଟ ଫୋନ ସହାୟତରେ



ନିଜର ଲଗ ଇନ୍ ପ୍ରସ୍ତୁତ କରିପାରିବେ। ଏହି ଆପ୍‌କୁ ଆବାସ ନାମକରଣ କରାଯାଇଛି। ଏହା ମାଗଣାରେ ଗୁଗୁଲ୍‌ର ପ୍ଲେ ଷ୍ଟୋର ରୁ ଡାଉନ୍‌ଲୋଡ୍ କରାଯାଇ ପାରିବ। ଡାଉନ୍‌ଲୋଡ୍ କରିସାରିବା ପରେ ମୋବାଇଲ ନମ୍ବର ସହାୟତାରେ ଲଗ୍‌ଇନ୍ କରାଯାଇ ପାରିବ। ଲଗ୍‌ଇନ୍ ସୃଷ୍ଟି କରି ସାରିଲାପରେ ଏହି ଆପ୍ ଆପଣଙ୍କ ମୋବାଇଲ୍ ନମ୍ବରରେ ଏକ ୱାନ ଟାଇମ ପାସୱାର୍ଡ ପଠାଇବ। ଏହାର ସହାୟତାରେ ଲଗ୍‌ଇନ୍ କରିସାରିଲା ପରେ ଆବଶ୍ୟକ ସୂଚନା ସହିତ ସବମିଟ୍ କଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ଉଠାଇଥିବା ଆପଣଙ୍କ ଘରର ବିଭିନ୍ନ ସ୍ତର ମଧ୍ୟ ଫଟୋ ସହିତ ଆପଣ ଅପ୍‌ଲୋଡ୍ କରିପାରିବେ, ତା ସହିତ ଆପଣଙ୍କ ଘର ନିର୍ମାଣ ପରେ ମିଳିବାକୁ ଥିବା କିସ୍ତି ମଧ୍ୟ ଆପଣ ଅନ୍‌ଲାଇନ ଦେଖି ପାରିବେ। ଏହାର ସହାୟତାରେ ଏହି ଯୋଜନାକୁ ନୀରିକ୍ଷଣ କରୁଥିବା ଅଫିସରଙ୍କ ପାଖରେ ନିଜର ସୂଚନା ସହଜରେ ପହଞ୍ଚାଇ ପାରିବେ।







## ମେରି (ମୋର) ସଡ଼କ

ଦେଶର ଅଧିକାଂଶ ଅଞ୍ଚଳରେ ସଡ଼କର ଅବସ୍ଥା ଖରାପ ଥିବା ଏକ ସାଧାରଣ ସମସ୍ୟା। ମେରି ସଡ଼କ ଆପ୍ଲିକେସନ ଏକ ଏଣ୍ଡ୍ରୋଏଡ୍ ଆପ୍ ଅଟେ ଯାହାକି ଆପଣ ନିଜ ମୋବାଇଲରେ ଇନ୍‌ଷ୍ଟାଲ କରିପାରିବେ। ଏହି ଆପ୍ ପୋଷ୍ଟ ବକ୍ସ ପରି କାର୍ଯ୍ୟ କରିଥାଏ। ଏହାକୁ ଅଭିଯୋଗ ବକ୍ସ ମଧ୍ୟ କହିପାରିବେ - ଏହି ଆପ୍ ମାଧ୍ୟମରେ ଆପଣ ଭାଙ୍ଗି-ରୁଜି ଯାଇଥିବା ସଡ଼କ, ସଡ଼କ ନିର୍ମାଣ କରିବାର ନ୍ୟୂନମାନର ସାମଗ୍ରୀ ବିଷୟରେ ଅଭିଯୋଗ କରିପାରିବେ। ସରକାର




ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବେ। ଏଥିରେ ଏହିସବୁ ସଡ଼କ ସାମିଲ ହୋଇଛି ଯାହାକି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ ନିର୍ମାଣ କରାଯାଇଛି। ଅଭିଯୋଗକାରୀ ଫିଡ୍‌ବ୍ୟାକ୍ କଲମରେ ସଡ଼କର ଛବି ମଧ୍ୟ ପଠାଇପାରିବେ।

ପଠାଯାଇଥିବା ଅଭିଯୋଗ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ମଧ୍ୟ ଏଥିରେ ଦେଖି ପାରିବେ।

## କୌଶଳ ପଞ୍ଜି-ସ୍କିଲ ରେଜିଷ୍ଟର

ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ସଞ୍ଚାଳିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡି.ଡି.ୟୁ.ଜି.କେ.ୱାଇ) ଅନ୍ତର୍ଗତ ସରକାରୀ ଆପ୍ "କୌଶଳ ପଞ୍ଜି" ମାଧ୍ୟମରେ ବେରୋଜଗାର ବ୍ୟକ୍ତି ନିଜର ପଞ୍ଜିକରଣ କରିପାରିବେ। ତାଙ୍କୁ ପ୍ରଶିକ୍ଷଣ ମିଳିବ ଏବଂ ରୋଜଗାର ମଧ୍ୟ ମିଳିବ। 15 ରୁ 45 ବର୍ଷ ର ବ୍ୟକ୍ତିମାନେ ଏହି ସୁବିଧା ନେଇପାରିବେ। ଲାଭାର୍ଥୀ ନିଜେ ନିଜ ମୋବାଇଲରେ ଆପ୍ ଡାଉନଲୋଡ୍ କରି ମାଗଣାରେ ପଞ୍ଜିକରଣ କରିପାରିବେ। ନିମ୍ନରୁ ଡାଉନଲୋଡ୍ କରାଯାଇ ପାରିବ। ♦

**Can be downloaded from**

GET IT ON Google Play

Download on the App Store



### ଗ୍ରାମ ସମ୍ବାଦ ମୋବାଇଲ ଆପ୍

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏହା ଲକ୍ଷ୍ୟ ଯେ ଅଧିକ ରୁ ଅଧିକ ଗ୍ରାମ ଡିଜିଟାଲ ଇଣ୍ଡିଆ ସହିତ ସାମିଲ ହେବା ଉଚିତ ଏବଂ ସଶକ୍ତିକରଣ ହେବା ଉଚିତ । ଯେପରିକି ବିକାଶ କାର୍ଯ୍ୟର ପାରଦର୍ଶିତା ଦର୍ପଣ ଭଳି ପରିଷ୍କାର ଭାବରେ ଦେଖାଯିବ । ଏହି ଉଦ୍ଦେଶ୍ୟ ନେଇ ଗ୍ରାମ ସମ୍ବାଦ ମୋବାଇଲ ଆପ୍ କାର୍ଯ୍ୟ କରୁଛି । ଏହି ଆପ୍ ମାଧ୍ୟମରେ ଗ୍ରାମୀଣ ବିକାଶ ଯୋଜନା ବିଷୟରେ ଆପଣ ସୂଚନା ପ୍ରାପ୍ତ କରିପାରିବେ ଏବଂ ବିକାଶ କାର୍ଯ୍ୟକ୍ରମର ପ୍ରଗତି ବିଷୟରେ ସରକାରଙ୍କୁ ସିଧା ସଳଖ ସୂଚନାର ଆଦାନ ପ୍ରଦାନ କରିପାରିବେ ।**

## ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁ-ଜିକେୱାଇ)

# ସଫଳ ମହିଳାଙ୍କ ପ୍ରେରଣାଦାୟକ କାହାଣୀଗୁଡ଼ିକ

## ଟ୍ରେନର ହୋଇ ଅନ୍ୟ ମହିଳାଙ୍କୁ ମଧ୍ୟ ସକ୍ଷମ ବନାଇବାର ସ୍ୱପ୍ନ - ସୋନୁ ମଂଧାରେ



ସୋନୁ ମଂଧାରେ ନାଗପୁରର କୋଲାର ଗ୍ରାମରେ ବାସ କରନ୍ତି। ତାଙ୍କର ପରିବାର ଅତ୍ୟନ୍ତ ଗରୀବ। 12ମ ପାସ୍ କରିବା ପରେ ଘରର ପରିସ୍ଥିତି ଖରାପ ଥିବାରୁ ସେ ଆଉ ଅଧିକ ପଢ଼ି ପାରିଲେ ନାହିଁ। ପାଞ୍ଚ ଜଣିଆ ପରିବାରରେ ସୋନୁଙ୍କ ପିତା ହିଁ ରୋଜଗାର କରୁଥିଲେ। ସୋନୁଙ୍କ ପିତା ମାଛ ଫାର୍ମରେ ଦିନ ମଜୁରିଆ ଭାବରେ କାର୍ଯ୍ୟ କରୁଥିଲେ ଏବଂ ମାସିକ ମାତ୍ର 3500 ଟଙ୍କା ପାଉଥିଲେ।

ଧତରୀ ଫାଉଣ୍ଡେସନ୍ ରୁ ଡିଡିୟୁ-ଜିକେୱାଇ ପ୍ରୋଗ୍ରାମ୍ ଅନ୍ତର୍ଗତ ଟ୍ରେନିଙ୍ଗ୍ ନେଲା ପରେ ସୋନୁ ହାଇଦ୍ରାବାଦର ମେଗସ୍ କଷ୍ଟମର ଡାୟଲାଗ୍ ସଲ୍ୟୁସନ୍‌ରେ ଚାକିରୀ କଲେ। ଆରମ୍ଭରେ ତାଙ୍କର ମାସିକ ଦରମା 7800 ଟଙ୍କା ଥିଲା। କିନ୍ତୁ କାମ ପ୍ରତି ତାଙ୍କର ନିଷ୍ଠା, ପରିଶ୍ରମ ଏବଂ କଥାବାର୍ତ୍ତାର ଦକ୍ଷତା ଦେଖି ଶୀଘ୍ର ତାଙ୍କର ଦରମା ମାସକୁ 10,000 କରିଦିଆହେଲା। ଏହା ବ୍ୟତିତ ସେଲ୍‌ସ ଇନ୍‌ସେଣ୍ଟିଭ ମିଶି ତାଙ୍କର ଦରମା 15 ରୁ 22 ହଜାର ପର୍ଯ୍ୟନ୍ତ ହୋଇଯାଉଥିଲା।

ବର୍ତ୍ତମାନ ସୋନୁ ଦୈନଦିନ ଏକ ଆବଶ୍ୟକତା ପାଇଁ ନିଜ ପରିବାରକୁ ସହାୟତା କରୁଛନ୍ତି ଏବଂ ନିଜେ ପାଠ ପଢ଼ିବା ପାଇଁ ଟଙ୍କା ଜମା କରୁଛନ୍ତି। ସୋନୁଙ୍କ ସ୍ୱପ୍ନ ଯେ ଡିଡିୟୁ-ଜିକେୱାଇ ରେ ଟ୍ରେନର ହୋଇ ଅନ୍ୟ ଗରୀବ ଯୁବାମାନଙ୍କୁ ସହାୟତା କରିପାରିବେ। ♦



## ଯେ ଡିଡିୟୁ-ଜିକେୱାଇ ଅନ୍ତର୍ଗତ ରେବତୀ ଟ୍ରେନିଙ୍ଗ୍ ନେଲେ, ପୋଷାକ ଅନ୍‌ଲାଇନ ମାର୍କେଟିଙ୍ଗ୍ କରିବା କାର୍ଯ୍ୟ କଲେ, ମାସକୁ 20 ହଜାର ଟଙ୍କା ରୋଜଗାର କରୁଛନ୍ତି




ମଧ୍ୟପ୍ରଦେଶର ଜୈତପୁରରେ ବାସ କରୁଥିବା ରେବତୀ ବହୁତ ଗରୀବ ପରିବାରର ଅଟନ୍ତି। ୨ ଜଣ ଭଉଣୀଙ୍କ ସହିତ ତାଙ୍କର ପରିବାର ବହୁତ ବଡ଼ ଏବଂ ତାଙ୍କର ପିତାଙ୍କ ରୋଜଗାର ବହୁତ କମ୍। ରେବତୀଙ୍କ ପିତା କୃଷକ ଅଟନ୍ତି ଏବଂ ତାଙ୍କର ଆୟ ବର୍ଷକୁ 35,000 ହଜାରରୁ କମ୍ ଅଟେ। ଏଥିରେ ଏତେ ବଡ଼ ପରିବାରର ଭରଣ ପୋଷଣ କରିବା ବହୁତ ଅସୁବିଧା ହେଉଥିଲା।

ଏହି କାରଣରୁ ରେବତୀ 12ମର ପଢ଼ାଇ ପୁରା କରିପାରିଲେ ନାହିଁ। ନିଜ ପିତାଙ୍କ ସହାୟତା ପାଇଁ ସେ ଚାକିରୀ ଖୋଜିବା ଆରମ୍ଭ କଲେ। କିନ୍ତୁ କୌଣସି ପ୍ରକାର କାର୍ଯ୍ୟକୌଶଳ କିମ୍ବା ଟ୍ରେନିଙ୍ଗ୍ ନଥିବାରୁ କୌଣସି ଚାକିରୀ ମିଳିଲା ନାହିଁ। ସେହି ସମୟରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁ-ଜିକେୱାଇ) ଅନ୍ତର୍ଗତ ଖାଦ୍ୟ ପଦାର୍ଥ ବିଷୟରେ ମିଳିଥିବା ଟ୍ରେନିଙ୍ଗ୍ ଯୋଗୁଁ ନିଜ ପସନ୍ଦର ଚାକିରୀ ମିଳିବାରେ ସହାୟତା ହେଲା। ରେବତୀ ଅହମଦାବାଦର ଧାୟଲା ସ୍ଥିତ ଜାପାନର ୟାଜକି କମ୍ପାନୀରେ 7 ହଜାର ଟଙ୍କାରେ ଚାକିରୀ ପାଇଲେ। ଭଲ କାମ କରିବା କାରଣରୁ କିଛିଦିନ ପରେ ରେବତୀଙ୍କର ପ୍ରମୋଶନ ହୋଇଗଲା ଏବଂ ଦରମା ମାସିକ 7 ହଜାରରୁ ବଢ଼ି 10 ହଜାର ହୋଇଗଲା। ରେବତୀ ନିଜର ଚାକିରୀ ସହିତ ସେହି ସ୍ଥାନର ଯେଉଁ ମହିଳା ମାନେ ବଡ଼ ସହରରେ ଚାକିରୀ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ମାର୍ଗ ଦର୍ଶନ କରିବା ଆରମ୍ଭ କଲେ। ନିଜର ମାତା-ପିତା ଏବଂ ଭଉଣୀ ମାନଙ୍କୁ ସହାୟତା କରିବା ପାଇଁ ରେବତୀ ଇନ୍ଦୋର ଫେରି ଆସିଲେ। ସେଠାରେ ଇନ୍ଦୋରରେ ଫେସନ ଇଣ୍ଡଷ୍ଟ୍ରି ରେ ନିଜର କାରବାର କରିବା ସଙ୍ଗେ ସଙ୍ଗେ ଅନ୍-ଲାଇନ୍ ମାର୍କେଟିଙ୍ଗ୍ ମାଧ୍ୟମରେ ଗାରମେଣ୍ଟ ବ୍ୟବସାୟକୁ ବୃଦ୍ଧି କରୁଛନ୍ତି। ଆଜିର ସମୟରେ ରେବତୀ ମାସକୁ 20 ହଜାର ରୋଜଗାର କରୁଛନ୍ତି ଏବଂ ଉତ୍ତମ ଜୀବନଯାପନ କରିବା ପାଇଁ ନିଜ ପିତାଙ୍କୁ ସହାୟତା କରୁଛନ୍ତି। ♦



ସୁଶ୍ରୀ ଉମା ଭାରତୀ
କ୍ୟାବିନେଟ ମନ୍ତ୍ରୀ
ପାନୀୟ ଜଳ ଏବଂ ସ୍ୱଚ୍ଛତା
ମନ୍ତ୍ରଣାଳୟ, ଭାରତ ସରକାର

**“ନିଜର ଗ୍ରାମକୁ ଦେଶର ସବୁଠାରୁ ସ୍ୱଚ୍ଛ ଗ୍ରାମ ଭାବରେ ପ୍ରସ୍ତୁତ କରିବା ପାଇଁ ସାମୂହିକ ଭାବରେ ପ୍ରୟାସ କରନ୍ତୁ ଏବଂ ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ-2018 ରେ ଉତ୍ସାହପୂର୍ବକ ଭାଗ ନିଅନ୍ତୁ ।”**

# ସଫଳତାର କାହାଣୀଗୁଡ଼ିକ

## ପୁନେର ଗ୍ରାମରେ ଲୋକମାନେ ପଂଡରପୁର ୱାରୀ ତୀର୍ଥ ଯାତ୍ରୀ ମାନଙ୍କ ପାଇଁ ଖୋଲିଲେ ଶୌଚାଳୟର ଦ୍ୱାର



ପଂଡରପୁର୍ ୱାରୀ ତୀର୍ଥ ସ୍ଥଳ ଏକ ଜଣାଶୁଣା ରାସ୍ତାରେ ଅବସ୍ଥିତ। ଗ୍ରାମର ଲୋକମାନେ ଏକ ପ୍ରଶଂସନୀୟ କାର୍ଯ୍ୟ ଆରମ୍ଭ କଲେ। ପ୍ରତିବର୍ଷ 15 ଦିନ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିବା ତୀର୍ଥଯାତ୍ରା ର ରାସ୍ତାରେ ଗ୍ରାମର ଲୋକମାନେ ନିଜ ଘରର ଶୌଚାଳୟର ଦ୍ୱାର ତୀର୍ଥଯାତ୍ରୀଙ୍କ ପାଇଁ ଖୋଲି ଦେଇଛନ୍ତି। ମହାରାଷ୍ଟ୍ରର ପୁନେରେ 333 ବର୍ଷ ପୁରୁଣା ପରମ୍ପରା ଅନ୍ତର୍ଗତ ଲକ୍ଷ ଲକ୍ଷ ସଂଖ୍ୟାରେ ଶ୍ରଦ୍ଧାଳୁ ଆସନ୍ତି। ଯାତ୍ରା ପଂଡରପୁର ରେ ହିଁ ସମାପ୍ତ ହୋଇଥାଏ, ଏଠାରେ ବିଠୋଭା ଦେବଙ୍କ ମନ୍ଦିର ରହିଛି। ଦେବଙ୍କ ସମ୍ମାନରେ ସନ୍ଥ ଜ୍ଞାନେଶ୍ବର ଏବଂ ସନ୍ଥ ତୁକାରାମଙ୍କ ଚରଣ ପାଦୁକା ପାଲଙ୍କିରେ ନେଇ ଯାତ୍ରା ଆରମ୍ଭ ହୋଇଥାଏ। ହଳଦିଆ ଏବଂ ଲାଲ ଝଣ୍ଡେ ନେଇ ଲୋକମାନେ ଯାତ୍ରା ଆରମ୍ଭ କରନ୍ତି ଯେଉଁଥିପାଇଁ ରଙ୍ଗ ବିରଙ୍ଗର ଯାତ୍ରା ହୋଇଥାଏ।

ସନ୍ଥ ଜ୍ଞାନେଶ୍ବରଙ୍କର ଯାତ୍ରା ଆଳନ୍ଦି ଠାରୁ ଏବଂ ସନ୍ଥଙ୍କ ଯାତ୍ରା ଦେହୁ ଠାରୁ ଆରମ୍ଭ ହୋଇଥାଏ।

### ପ୍ରଭାବ

**ଏହି ବର୍ଷ ଗ୍ରାମର ପ୍ରଚେଷ୍ଟାରେ ଶ୍ରଦ୍ଧାଳୁଙ୍କ ଅସୁବିଧା କମ୍ ହୋଇଛି । ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସୁରଜ ମାଂଢରେଙ୍କ ଏକ ଅନୁରୋଧ ଯୋଗୁଁ ଏହା ସମ୍ଭବ ହୋଇପାରିଛି । ସେ ଗ୍ରାମବାସୀଙ୍କୁ ଅନୁରୋଧ କଲେ ଯେ ତୀର୍ଥ ଯାତ୍ରୀ ମାନଙ୍କୁ ଅତିଥୀ ଭାବି ସେମାନଙ୍କ ଯାତ୍ରାରେ ସହଯୋଗ କରି ପୁଣ୍ୟ କମାନ୍ତୁ । ଏହି ସୁବିଧା ଦେବା ପାଇଁ ଯେଉଁ ଘର ପ୍ରସ୍ତୁତ ଅଛନ୍ତି, ସଙ୍କେତ ସ୍ୱରୂପ ଛାତ ଉପରେ ଧଳା ରଙ୍ଗର ପତାକା ଲଗାନ୍ତୁ ।**

ଏହି ଯାତ୍ରା ଆଷାଢ଼ ଏକାଦଶୀ ଦିନ ପଂଡରପୁର ପହଞ୍ଚିଥାଏ। ଏହା ପରେ ଲୋକମାନେ ବିଠ୍ଠଳ ମନ୍ଦିର ଯିବା ପୂର୍ବରୁ ଚନ୍ଦ୍ରଭାଗା ନଦୀରେ ଗାଧୋଇଥାନ୍ତି।

ଏହି ବର୍ଷ ଯାତ୍ରା 6 ଜୁଲାଇରେ ଆରମ୍ଭ ହୋଇ 22 ଜୁଲାଇ ପର୍ଯ୍ୟନ୍ତ ଚାଲିଥିଲା। 250 କିମିର ଏହି ପଦଯାତ୍ରାରେ ଶ୍ରଦ୍ଧାଳୁମାନେ 15ଟି ସ୍ଥାନରେ ଅଟକନ୍ତି। ରାସ୍ତାରେ ଥିବା ଗ୍ରାମ ସ୍ଥାନ ସ୍ଥାନରେ ଖାଇବା ପିଇବାର ଷ୍ଟାଲ ମଧ୍ୟ ଲଗାନ୍ତି।

ବିଗତ ଦୁଇ ବର୍ଷରେ ସ୍ୱଚ୍ଛ ଭାର ମିଶନ (ଗ୍ରାମୀଣ) ଅନ୍ତର୍ଗତ ପୁରା ଜିଲ୍ଲାରେ ଦୁଇ ଲକ୍ଷ ଶୌଚାଳୟ ପ୍ରସ୍ତୁତ କରାଯାଇଛି। ଏହି ଯାତ୍ରାର ଏକ ରାସ୍ତାରେ 500 ରୁ ଅଧିକ ଏବଂ ଅନ୍ୟ ରାସ୍ତାରେ 700 ରୁ ଅଧିକ ସାମୂହିକ ଶୌଚାଳୟ ନିର୍ମାଣ କରାଯାଇଛି। କିନ୍ତୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା 10 ଲକ୍ଷରେ ପହଞ୍ଚି ଗଲା କିନ୍ତୁ ଏହି ବର୍ଷ ଗ୍ରାମବାସୀଙ୍କ ପ୍ରଚେଷ୍ଟାରୁ ଶ୍ରଦ୍ଧାଳୁଙ୍କ ଅସୁବିଧା କମ୍ ହୋଇପାରିଛି। ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସୁରଜ ମାଂଡରେଙ୍କ ଏକ ଅନୁରୋଧ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ସେ ଗ୍ରାମବାସୀଙ୍କୁ ଅନୁରୋଧ କଲେ ଯେ ତୀର୍ଥ ଯାତ୍ରୀମାନଙ୍କୁ ଅତିଥୀ ଭାବି ସେମାନଙ୍କ ଯାତ୍ରାରେ ସହଯୋଗ କରି ପୂଣ୍ୟ କମାନ୍ତୁ। ଏହି ସୁବିଧା ଦେବା ପାଇଁ ଯେଉଁ ଘର ପ୍ରସ୍ତୁତ ଅଛନ୍ତି, ସଙ୍କେତ ସ୍ୱରୂପ ଛାତ ଉପରେ ଧଳା ରଙ୍ଗର ପତାକା ଲଗାନ୍ତୁ। ଏଥିରୁ ତୀର୍ଥଯାତ୍ରୀ ଜାଣିବେ ଯେ ସୁବିଧା ଉପଲବ୍ଧ ଅଛି। ଜିଲ୍ଲା ପରିଷଦର ଏହି ଅନୁରୋଧକୁ ଖବରକାଗଜ, ପୋଷ୍ଟର ବ୍ୟତିତ ବ୍ଲକ ସ୍ତରର ଅଧିକାରୀ, ଶିକ୍ଷକ, ଗ୍ରାମସେବକଙ୍କ ମାଧ୍ୟମରେ ଲୋକ ମାନଙ୍କ ନିକଟରେ ପହଞ୍ଚାହେଲା। ସୁରଜ ମାଂଡରେ କହିଲେ ଯେ ତାଙ୍କର ସେହି ଅନୁରୋଧ ଲୋକମାନେ ହସି ହସି ସ୍ୱାଗତ କଲେ। ଆଶା କରାଯାଉଥିବା ଠାରୁ ଅଧିକ, ଲୋକମାନେ ନିଜ ଘରର ଶୌଚାଳୟ ଦ୍ୱାର ତୀର୍ଥଯାତ୍ରୀଙ୍କ ପାଇଁ ଖୋଲିଦେଲେ। ଫଳରେ ଗରୀବ ଲୋକମାନେ ମଧ୍ୟ ନିଜ ଘରର ଶୌଚାଳୟ ଦ୍ୱାର ତୀର୍ଥଯାତ୍ରୀଙ୍କ ପାଇଁ ଖୋଲିଦେଲେ। ଏହି ଶୁଭାରମ୍ଭ ଏବଂ ଅନୁରୋଧର ସ୍ୱାଗତ ଗ୍ରାମ ପଞ୍ଚାୟତ ମଧ୍ୟ କଲା ଏବଂ ଅନେକ ଗ୍ରାମରେ ଏହା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଲେ - ସରକାରୀ ପ୍ରଚେଷ୍ଟା ବ୍ୟତିତ ସାଧାରଣ ଜନତାଙ୍କ ସହାୟତାରେ ଏହି ଅଭିଯାନ ସଫଳ ହୋଇଥିଲା। ଜିଲ୍ଲା ପରିଷଦ ଏହି ଶୋଭାଯାତ୍ରାର ରାସ୍ତାରେ ଜନସୁବିଧା ସହିତ ପାଣି ଏବଂ ସ୍ୱାସ୍ଥ୍ୟ ସୁବିଧା ବ୍ୟବସ୍ଥା କରିଥିଲେ। ଜିଲ୍ଲା ପରିଷଦ ମୋଟର ସାଇକେଲ ସାହାଯ୍ୟରେ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ ଏବଂ ଚବିଶି ଘଣ୍ଟା କାର୍ଯ୍ୟରତ କଣ୍ଟ୍ରୋଲ ରୁମ ମଧ୍ୟ ସ୍ଥାପିତ କରିଥିଲେ। ♦

# ସୋନଭଦ୍ର ସ୍ୱଚ୍ଛତା ପାଇଁ ସଂକଳ୍ପ କଲେ, ଗୋଟିଏ ମାସରେ 50 ହଜାର ଶୌଚାଳୟ ନିର୍ମାଣ କଲେ





**"ଅବକି ବରସାତ୍ ଇଜ୍ଜତ୍ ଘର କେ ସାଥ"** ହେଉଛି ଏଭଳି ଏକ ଅଭିଯାନ ଯେଉଁଥିପାଇଁ ସୋନଭଦ୍ର ଜିଲ୍ଲାକୁ ଖୋଲା ଶୌଚଳୟ ମୁକ୍ତ (ଓଡିଏଫ) କରିଦେଲା। ଏହି ଅଭିଯାନ ସହିତ ସୋନଭଦ୍ରର ପ୍ରତ୍ୟେକ ଘର ସାମିଲ ହୋଇଛି ଏବଂ ଏକ ମାସ ଭିତରେ 50 ହଜାର ଶୌଚଳୟ ନିର୍ମାଣ କରିବାର ଲକ୍ଷ୍ୟ ପୂରଣ ହୋଇପାରିଲା। ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅନ୍ତର୍ଗତ ଶୌଚାଳୟ ନିର୍ମାଣର କାର୍ଯ୍ୟ ଜୁନ 5 2018 ରେ ଆରମ୍ଭ ହୋଇଥିଲା। ଜୁଲାଇ 5 କୁ ଏହି ଅଭିଯାନ ପୁରା ହୋଇଯାଇଥିଲା। ଏହି ଜିଲ୍ଲାର ଅଭିଯାନ ଅନୁସରଣ କରି ସାରା ପ୍ରଦେଶରେ ଏହି ଅଭିଯାନ ଚାଲୁ କରାଯାଇଛି।

ସୋନଭଦ୍ରର ମୁଖ୍ୟ ବିକାଶ ଅଧିକାରୀ, ସୁନିଲ କୁମାର ବର୍ମା କହିଲେ ଯେ ସୋନଭଦ୍ର ହେଉଛି ଉତ୍ତର ପ୍ରଦେଶର ଦ୍ୱିତୀୟ ବଡ଼ ଜିଲ୍ଲା, ଯେଉଁଥିରେ ଆଦିବାସୀ ଏବଂ ଗରୀବ ଲୋକମାନେ ଅଧିକ ସଂଖ୍ୟାରେ ବାସ କରନ୍ତି। ବିଶେଷ କଥା ହେଉଛି ଏହି କ୍ଷେତ୍ରର ଲୋକଙ୍କ ସଂକଳ୍ପ ଯୋଗୁଁ ଜିଲ୍ଲା ଖୋଲା ଶୌଚାଳୟ ମୁକ୍ତ ହୋଇପାରିଲା। ବିଗତ ତିନି ବର୍ଷରେ ଏଠାରେ ଦେଢ଼ ଲକ୍ଷ ଶୌଚାଳୟ ନିର୍ମାଣ ହୋଇସାରିଛି। ଏହି କାରଣରୁ ଏଠାରେ ସ୍ୱଚ୍ଛତାର ପ୍ରତିଶତ 33 ରୁ ବୃଦ୍ଧି ହୋଇ 70 ପ୍ରତିଶତ ହୋଇପାରିଛି।

ଏହି କ୍ଷେତ୍ରରେ 1349ଟି ଗ୍ରାମ ଅଛି, ଯେଉଁଥିରୁ 342 ଗ୍ରାମ ରୁ ରାଜସ୍ୱ ପ୍ରାପ୍ତ ହେଉଛି। ସଚେତନତା କମ୍ ହୋଇଥିବା କାରଣରୁ ସୋନଭଦ୍ରର ଲୋକମାନେ ଖୋଲାରେ ଶୌଚ ହେଉଥିଲେ। ମହିଳାଙ୍କୁ ଭାରୀ ଅସୁବିଧା ହେଉଥିଲା। ବର୍ଷା ଋତୁରେ ଲୋକମାନଙ୍କୁ ସାପ କାଟିବାର ମଧ୍ୟ ଭୟ ରହୁଥିଲା। ସାଫ ସୁତରା ପାଇଁ ବଡ଼ ପ୍ରତିବନ୍ଧକ ଥିଲା ଘରରେ ଶୌଚାଳୟ ନହେବା। ଏହି ଦିଗରେ ଲୋକମାନଙ୍କ ଧ୍ୟାନ ଗଲା ଏବଂ ସରକାରୀ ଚେଷ୍ଟାରେ ଏହି ଜିଲ୍ଲାର ସମସ୍ତ ଗ୍ରାମରେ ବର୍ତ୍ତମାନ ଶୌଚାଳୟ ନିର୍ମାଣ କରାଯାଇଛି।

## କିପରି ଆରମ୍ଭ ହେଲା ଅଭିଯାନ

ଏତେ କମ୍ ସମୟ ଭିତରେ 50 ହଜାର ଶୌଚାଳୟ ନିର୍ମାଣ ଲକ୍ଷ୍ୟ ଅତ୍ୟନ୍ତ ବଡ଼ ଥିଲା। କିନ୍ତୁ ପ୍ରଶାସନ ଲୋକଙ୍କ ସହାୟତାରେ ଏଠାରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କଲେ। ସଫଳତା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରସାଶନ ସ୍ୱୟଂ ସହାୟତା ସମୂହ, ଅଙ୍ଗନୱାଡ଼ି କାର୍ଯ୍ୟକର୍ତ୍ତା, ସ୍ୱାସ୍ଥ୍ୟକର୍ମୀଙ୍କ ସହାୟତା ମିଳିଲା। ଶୌଚାଳୟ ନିର୍ମାଣ କାର୍ଯ୍ୟ ପାଇଁ ସବୁଠାରୁ ବଡ଼ ଅସୁବିଧା ଥିଲା ପାଣିର ଅଭାବ। କିନ୍ତୁ ଏହି ଅସୁବିଧା ଦୂର କରି କାର୍ଯ୍ୟ ଆରମ୍ଭ କରାହେଲା।

ଯେହେତୁ କାର୍ଯ୍ୟ ବର୍ଷା ଆସିବା ପୂର୍ବରୁ ଶେଷ କରିବାକୁ ଥିଲା, ସେଥିପାଇଁ ପୁରା ଯୋଜନା ପ୍ରସ୍ତୁତ କରାହେଲା।

## ଅଭିଯାନର ରଣନୀତି

ପ୍ରଦେଶର ଏତେ ବଡ଼ ଜିଲ୍ଲାରେ ଏକ ମାସ ଭିତରେ ହିଁ 50 ହଜାର ଶୌଚାଳୟ ନିର୍ମାଣ କରିବା ପାଇଁ ଏକ ଲକ୍ଷ ଗାତ ଖୋଳିବାର ଆବଶ୍ୟକତା ଥିଲା। ସେହି ସମୟସୀମାରେ ସମସ୍ତ କାର୍ଯ୍ୟ ସମାପ୍ତ କରିବା ପାଇଁ ପ୍ରଥମେ ସମସ୍ତ ଲାଭାର୍ଥୀଙ୍କୁ ସ୍ୱୀକୃତି ପତ୍ର ଦିଆହେଲା, ଯେପରିକି ପ୍ରଶାସନର ଏହି ଯୋଜନା ପ୍ରତି ଲୋକମାନଙ୍କ ଭରସା ରହିବ। ତା ସହିତ ସ୍ୱଚ୍ଛତା ସପଥ ନିଆହେଲା। ଜନ ପ୍ରତିନିଧିମାନେ ସ୍ୱଚ୍ଛ ମନ୍‌ସୁନ ଚଉପାଡୀ ଲଗାଇଲେ। ଏହି ଅଭିଯାନରେ ଧାର୍ମିକ ସମୂହ "ଶିବ ଚର୍ଚ୍ଚା" ନିଜର ଭୂମିକା ମଧ୍ୟ ସମ୍ପାଦନ କଲେ। କାମ ଠିକ ସମୟରେ ପୁରା ହେଉ, ସେଥିପାଇଁ ସରକାରୀ କର୍ମଚାରୀ ଏବଂ ସ୍ଥାନୀୟ ଲୋକମାନେ ମଧ୍ୟ ଶ୍ରମଦାନ କରିଥିଲେ। ଅଭିଯାନରେ ପ୍ରଶଂସନୀୟ କାର୍ଯ୍ୟ କରିଥିବା ଲୋକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଅଭିଯାନର ନିରୀକ୍ଷଣ ଗ୍ରାମ ପଞ୍ଚାୟତ ଏବଂ ଜିଲ୍ଲା ଅଧିକାରୀ କରିଥିଲେ।

## ସୋସିଆଲ ମିଡିଆର ମୁଖ୍ୟ ଭୂମିକା

ଏହି ଅଭିଯାନକୁ ତୀବ୍ର ଗତି ଦେବାପାଇଁ ସୋସିଆଲ ମିଡିଆର ଭୂମିକା ପ୍ରଶଂସନୀୟ। ଟ୍ୱିଟର ଏବଂ ଫେସ୍‌ବୁକ୍ ମାଧ୍ୟମରେ ଲୋକମାନଙ୍କୁ ଜାଗୃତ କରାହେଲା। କାନ୍ଥରେ ୱାଲ ପେଣ୍ଟିଙ୍ଗ୍ କରାହେଲା, ପୋଷ୍ଟର ଏବଂ ବ୍ୟାନର ମଧ୍ୟ ଲଗାହେଲା। ରଥଯାତ୍ରା ଏବଂ ପଥ ନାଟକ ସହିତ ହାସ୍ୟ ନାଟକ, ସ୍ୱଚ୍ଛତା ଦିଦିଙ୍କ ସହିତ ଜନ ଆନ୍ଦୋଳନ ଆରମ୍ଭ ହେଲା। ପିଲାମାନେ ମଧ୍ୟ ଏହି କାର୍ଯ୍ୟରେ ବଡ଼ମାନଙ୍କୁ ସାହାଯ୍ୟ କରିଥିଲେ। ଏହି ଅଭିଯାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଏହାକୁ ବିଶ୍ୱ ଯୋଗ ଦିବସ ଏବଂ ବିଶ୍ୱ ପରିବେଶ ଦିବସ ସହିତ ଯୋଡ଼ା ହେଲା। ଲୋକମାନଙ୍କୁ ସ୍ୱଚ୍ଛତାର ଶପଥ ନେବା ପାଇଁ କୁହାହେଲା। ସ୍ୱଚ୍ଛତା, ଶିକ୍ଷା ଏବଂ ସ୍ୱାସ୍ଥ୍ୟର ମହତ୍ୱ ବୁଝାଇବା ପାଇଁ ବାଳ ସ୍ୱଚ୍ଛତା ସେନାର ମଧ୍ୟ ଗଠନ କରାହେଲା। ♦

# ସରକାରୀ ପ୍ରେଚେଷ୍ଟା ସିକିମକୁ ସ୍ୱଚ୍ଛ ରାଜ୍ୟର ଉପାଧି ପ୍ରାପ୍ତ କରିବାରେ ସହାୟତା କରିଥିଲା



ସରକାରଙ୍କର ଇଚ୍ଛା ଶକ୍ତି ଥିଲେ ସବୁ କିଛି ସମ୍ଭବ ହୋଇପାରେ। ସବୁଠାରୁ ବଡ଼ ଉଦାହରଣ ହେଉଛି ସିକିମ୍। ସିକିମ୍ ସରକାରଙ୍କ ପ୍ରଚେଷ୍ଟା ଯୋଗୁଁ ବିଗତ ତିନି ବର୍ଷ ଭିତରେ ରାଜ୍ୟକୁ ଖୋଲା ଶୌଚ ମୁକ୍ତ (ଓଡିଏଫ୍) ଉପାଧି ଦେଇଥିଲା। 27 ମଇ 2016 କୁ ସିକିମ ରାଜ୍ୟ ଓଡିଏଫ୍ ଉପାଧି ପ୍ରାପ୍ତ କରିଥିଲା ଏବଂ ଦେଶର ପ୍ରଥମ ସ୍ୱଚ୍ଛ ରାଜ୍ୟ ଭାବରେ ପରିଗଣିତ ହେଲା। ଏହି ଉପାଧିକୁ ବନାଇ ରଖିବା ପାଇଁ ରାଜ୍ୟ ସରକାର ଆଜି ବି ପ୍ରଚେଷ୍ଟାରତ। ଲଗାତାର ଭାବରେ ନିଆଯାଉଥିବା ପଦକ୍ଷେପ ଯୋଗୁଁ ଲୋକ ମାନଙ୍କ ଜୀବନଯାପନ ପ୍ରଣାଳୀ ଉତ୍ତମରୁ ଉତ୍ତମ ହେବାରେ ସମ୍ଭବ ହୋଇପାରୁଛି।

## ସ୍ୱଚ୍ଛତାର ମଡେଲ୍

ରାଜ୍ୟକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦିଗରେ ସିକିମ ସରକାର କେତେକ କଠିନ ଏବଂ ଉତ୍ତମ ପଦକ୍ଷେପ ଉଠାଇଥିଲେ, ଯାହାକି ସାର୍ଥକ ହୋଇଛି। ସିକିମ ପଞ୍ଚାୟତ ଅଧିନିୟମ 2005 ରେ ସଂଶୋଧନ କରା ହେଲା ଯେଉଁଥିରେ ସମସ୍ତ ଘରରେ ଶୌଚାଳୟ ନିର୍ମାଣ କରିବା ବାଧ୍ୟତାମୂଳକ କରି ଦିଆହେଲା। ଏହି ବିଷୟରେ ସରକାର ଏକ ଅଧିସୂଚନା ଜାରି କଲେ ଏବଂ ଲୋକମାନଙ୍କୁ ଅନୁରୋଧ କଲେ ଯେ ସେମାନେ ସରକାରଙ୍କ ସହିତ ସହଯୋଗ କରନ୍ତୁ। ସରକାରୀ ଯୋଜନାର ଲାଭ ଏହି ବ୍ୟକ୍ତିମାନଙ୍କୁ ଦିଆହେଲା ଯେଉଁମାନେ ନିଜ ଘରେ ଶୌଚାଳୟ ନିର୍ମାଣ କରିଥିଲେ। ଏହି ସମ୍ବନ୍ଧରେ ଗ୍ରାମ ବିକାଶ ଅଧିକାରୀଙ୍କ ଭୂମିକା ପ୍ରଶଂସନୀୟ। ଘର ଘର ବୁଲି ନିରୀକ୍ଷଣ କରି ସାର୍ଟିଫିକେଟ ଜାରି କରିବା ଦାୟିତ୍ୱ ତାକୁ ଦିଆ ହୋଇଥିଲା। ପ୍ରମାଣ ପତ୍ର ସହାୟତାରେ ଲୋକ ମାନଙ୍କୁ ପେନ୍‌ସନ ସ୍କିମ୍, ସ୍କୋଲାରସିପ୍ ଭଳି ସରକାରୀ ସୁବିଧା ମିଳିବା ସୁନିଶ୍ଚିତ କରାଯାଇ ପାରିଲା। ପ୍ରମାଣପତ୍ର ପ୍ରାପ୍ତ କରିବା ବାଧ୍ୟତାମୂଳକ ହୋଇଥିବାରୁ ଲୋକମାନେ ନିଜ ଘରେ ଶୌଚାଳୟ ନିର୍ମାଣ କରି ତାକୁ ବ୍ୟବହାର କରିବାକୁ ଲାଗିଲେ।

ଏହା ସହିତ ରାଜ୍ୟ ସରକାର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଆବର୍ଜନା ଉପଯୁକ୍ତ ଭାବରେ ଫୋପାଡିବାର ଉପାୟ କରିଥିଲେ। ପ୍ଲାଷ୍ଟିକ ଏବଂ ଷ୍ଟାୟରୋଫୋମରେ

ପ୍ରସ୍ତୁତ ହୋଇଥିବା ଡିସ୍ପୋଜେବଲ ସାମଗ୍ରୀର ପରିବେଶ ପ୍ରତି କ୍ଷୟକ୍ଷତିକୁ ଆଖି ଆଗରେ ରଖି ସେଗୁଡ଼ିକରେ ପ୍ରତିବନ୍ଧକ ଲଗାହେଲା। ସିକିମରେ ବର୍ତ୍ତମାନ ଷ୍ଟାୟରୋଫୋମରେ ତିଆରି ହୋଇଥିବା ଦନା, ପ୍ଲେଟ୍, କପ, ପୁରାପୁରି ନିଷିଦ୍ଧ ଅଟେ। ଏହି ସମ୍ବନ୍ଧରେ 19 ମେ, 2016 ରେ ଏକ ଅଧିନିୟମ ଜାରି କରାଯାଇଛି। କେବଳ ତାହା ନୁହେଁ ସରକାରୀ ଅଫିସରେ ପ୍ଲାଷ୍ଟିକ ପାଣି ବୋତଲର ବ୍ୟବହାର ବନ୍ଦ କରି ଦିଆ ହୋଇଛି। ସରକାରୀ କାର୍ଯାଳୟ ପାଇଁ ପ୍ରଶାସନ ଅଧିସୂଚନା ଜାରି କରି ବୈଠକ ଏବଂ କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ ପାଣି ବୋତଲ ସ୍ଥାନରେ ଫିଲଟର ପାଣି ବ୍ୟବହାର କରାଯାଉଛି। ପ୍ଲାଷ୍ଟିକ ଆବର୍ଜନାର ଅସୁବିଧା ଦେଖି ଜରୁରୀ ଉପାୟ ବାହାର କରାହେଲା।

### ପ୍ରଭାବ

**ଗ୍ରାମୀଣ ସ୍ତରରେ ନିରୀକ୍ଷଣ ସମିତି ଗଠନ କରାହେଲା। ଏହି ବିଷୟରେ ନୋଟିସ ଜାରି କରାହେଲା ଯାହା ଦ୍ୱାରା ସ୍ଥାନୀୟ ପ୍ରଶାସନର ଦାୟିତ୍ୱ ମଧ୍ୟ ନିର୍ଣ୍ଣୟ କରାହେଲା। ସଫାଇ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ଜନ ପ୍ରତିନିଧି ଏବଂ ଅଧିକାରୀ ସହଯୋଗ କଲେ। ସାର୍ବଜନୀନ ସ୍ଥାନରେ ଆବର୍ଜନା ପକାଇବା ବ୍ୟକ୍ତିଙ୍କୁ ଜୋରିମନା ଜାରି କରିବାର ଦୃଢ଼ ନିୟମ ଲାଗୁ କରାହେଲା।**

ସ୍ୱଚ୍ଛତାର ବିଷୟ ରାଜ୍ୟ ସରକାରଙ୍କର ଦାୟିତ୍ୱ ଅଟେ। ଏଥିପାଇଁ ସିକିମ ସରକାର ଏହି ଦିଗରେ ନିୟମିତ ପ୍ରଚେଷ୍ଟା ଚାଲୁ ରଖିଲେ। ଖୋଲା ଶୌଚ ମୁକ୍ତ ଉପାଧି ପ୍ରାପ୍ତ କରିବା ପାଇଁ ଲଗାତାର ଭାବରେ ପ୍ରଚେଷ୍ଟା କରାହେଲା। ଗ୍ରାମୀଣ ସ୍ତରରେ ନିରୀକ୍ଷଣ ସମିତି ଗଠନ କରାହେଲା। ଏହି ବିଷୟରେ ନୋଟିସ ଜାରି କରାହେଲା ଯାହା ଦ୍ୱାରା ସ୍ଥାନୀୟ ପ୍ରଶାସନର ଦାୟିତ୍ୱ ମଧ୍ୟ ନିର୍ଣ୍ଣୟ କରାହେଲା। ସଫାଇ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ଜନ ପ୍ରତିନିଧି ଏବଂ ଅଧିକାରୀ ସହଯୋଗ କଲେ। ସାର୍ବଜନୀନ ସ୍ଥାନରେ ଆବର୍ଜନା ପକାଇବା ବ୍ୟକ୍ତିଙ୍କୁ ଜୋରିମନା ଜାରି କରିବାର ଦୃଢ଼ ନିୟମ ଲାଗୁ କରାହେଲା। ♦

# କେରଳର କୁନ୍ନୁରରେ ଗୋବରଧନ ଯୋଜନା ମାଧ୍ୟମରେ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରସ୍ତୁତ ହେଉଛି



କେରଳ ଦେଶର ଏଭଳି ଏକ ପ୍ରଥମ ରାଜ୍ୟ ଯେଉଁଠାରେ ଗୋବରଧନ ଯୋଜନା ମାଧ୍ୟମରେ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରସ୍ତୁତ କରିବାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। କୁନ୍ନୁର ଜିଲ୍ଲାରେ ଗୋବରଧନ ଯୋଜନା ଅନ୍ତର୍ଗତ ପ୍ରଥମ ବାୟୋଗ୍ୟାସ ପ୍ଲାଣ୍ଟ୍ ଲଗାଇବାର କାର୍ଯ୍ୟ ଦୃତ ଗତିରେ ଚାଲିଛି। ଏହାର ପଫିନେଶ୍ୱରୀ ଗ୍ରାମରେ ଲଗାଯାଉଥିବା ତୁରୁଥି ୱେଷ୍ଟ ଟ୍ରିଟମେଣ୍ଟ୍ ପ୍ଲାଣ୍ଟ୍ ଯୋଗୁଁ ଗ୍ରାମରେ ଆବର୍ଜନା ଗୁଡ଼ିକର ସେହି ଉପଯୋଗ କରାଯାଇ ପାରୁଛି। ଗୋବରଧନ ଯୋଜନାରୁ କେବଳ ଗ୍ରାମକୁ ଇନ୍ଧନ ପ୍ରାପ୍ତ ହେଲା ତାହା ନୁହେଁ, ଗ୍ରାମ ମଧ୍ୟ ସ୍ୱଚ୍ଛ ରହିଲା।

ଏହା ଦ୍ୱାରା ଗ୍ରାମର ଗୋବର ଉପଯୋଗ ହେବା ସଙ୍ଗେ ସଙ୍ଗେ କ୍ଷେତରେ କମ୍ପୋଷ୍ଟ ଭଳି ସାର ଉପଲବ୍ଧ ହେଲା। ବାୟୋଗ୍ୟାସକୁ ବାୟୋ ସିଏନ୍‌ଜିରେ ପରିବର୍ତ୍ତନ କରାଯିବ। ଏହା ଦ୍ୱାରା ଗ୍ରାମର ସମସ୍ତ ଲୋକଙ୍କ ଉପକାର ହେବ। ମହିଳାଙ୍କୁ କମ୍ ଦାମ୍‌ରେ ଇନ୍ଧନ ମିଳିବ, କୃଷକ ମାନଙ୍କୁ ସାର ମିଳିବ ଏବଂ ଯୁବାମାନଙ୍କୁ ରୋଜଗାର ମଧ୍ୟ ମିଳିପାରିବ।

ଗୋବରଧନ (ଗେଲବନାଇଜିଙ୍ଗ୍ ଅର୍ଗାନିକ୍ ବାୟୋ-ଆଗ୍ରୋ ରିସୋର୍ସ ଧନ) ଯୋଜନା ଅନ୍ତର୍ଗତ ବନାଯାଉଥିବା ଏହି ପ୍ଲାଣ୍ଟରେ ପ୍ରତିଦିନ 1000 କିଲୋଗ୍ରାମ୍ ବାୟୋ ଆବର୍ଜନା ଉପଯୋଗ କରାଯାଇ ପାରିବ। ଭାବା ଆଟୋମିକ୍ ରିସର୍ଚ ସେଣ୍ଟର୍‌ରେ ଏହି ପ୍ଲାଣ୍ଟର ଟେକ୍‌ନିକ ପ୍ରସ୍ତୁତ କରାଯାଇଥିଲା। ଏହି ପ୍ଲାଣ୍ଟରୁ ପାଖାପାଖି 25 ଘନ ମିଟର ଗ୍ୟାସ୍ ପ୍ରତିଦିନ ପ୍ରସ୍ତୁତ ହେବ।

କେରଳର ସୁଚିତ୍ୱା ମିଶନର ତରଳ ନଷ୍ଟ ପଦାର୍ଥ ପ୍ରବନ୍ଧନର ପ୍ରବନ୍ଧ ନିର୍ଦ୍ଦେଶକ ଏଲ୍‌ପି ଛିତରଙ୍କ କହିବା ଅନୁସାରେ ସୁଚିତ୍ୱା ମିଶନ ଅନ୍ତର୍ଗତ କେରଳର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଏହି ବିଷୟରେ ପରିଯୋଜନା ପ୍ରସ୍ତୁତ କରିବାର ସ୍ୱାଧୀନତା ଦିଆଯାଇଛି। ଏହି ପ୍ରକ୍ରିୟା ଅନ୍ତର୍ଗତ ଯୋଜନାକୁ ଟେକ୍‌ନିକ ମାନଦଣ୍ଡ ହିସାବରେ ମାପ କରାଯାଇଥାଏ। ଟେକନିକ୍ ଅନୁମତି ପ୍ରାପ୍ତ ହେଲା ପରେ ସ୍ୱୀକୃତ ପଞ୍ଜିକୃତ ଏଜେନ୍‌ସିକୁ କାମ ଦିଆଯାଇଥାଏ। ଗ୍ରାମ ପଞ୍ଚାୟତ ସ୍ତରରେ କେନ୍ଦ୍ର ସ୍ଥାପିତ ହେବ ଏବଂ ଏହାର ପ୍ରବନ୍ଧନ ପାଇଁ 2-3 ଜଣ ପ୍ରଶିକ୍ଷଣ ପ୍ରାପ୍ତ ଲୋକ ରଖାଯିବ। ଗୋବରଧନ ଯୋଜନା ଗ୍ରାମର ଲୋକ ମାନଙ୍କୁ, ବିଶେଷ ଭାବରେ ମହିଳାମାନଙ୍କୁ ଅନେକ ଲାଭ ପହଞ୍ଚାଇବ। ଏହାଦ୍ୱାରା ଗ୍ରାମ ପଞ୍ଚାୟତର ଆୟ ମଧ୍ୟ ବୃଦ୍ଧି ପାଇବ। ପ୍ରସ୍ତୁତ ହେଉଥିବା ବାୟୋ ଇନ୍ଧନ ଏବଂ ବାୟୋ ସାର ବିକ୍ରି ଦ୍ୱାରା ଆୟ ମଧ୍ୟ ବୃଦ୍ଧି ହେବ, ଯାହା ଦ୍ୱାରା ବିକାଶର ଅନ୍ୟ କାର୍ଯ୍ୟ ମଧ୍ୟ ହୋଇପାରିବ। ଏହିପରି ଲୋକମାନେ ଏହି ଯୋଜନାରୁ ଲାଭ ନେଇପାରିବେ। ♦

# ଜିଙ୍ଗଲ୍ ବଜାଇ ଲୋକମାନଙ୍କୁ ଜାଗୃତ କରାହେଲା, ଦ୍ୱାର ଦେଶରେ ଥିବା ଘଣ୍ଟିରେ ଲଗାହେଲା ସ୍ୱଚ୍ଛତାର ଧୁନ




**ପ୍ରଭାବ**

**କଲିଗେ ନାମକ ଗ୍ରାମର ପ୍ରତ୍ୟେକ ଘରେ ଏହା ଲଗାହେଲା। ସିଇଓ ରବି କହିଲେ ଯେ କଲିଙ୍ଗ୍ ବେଲ୍ (ଘଣ୍ଟି) ମାଧ୍ୟମରେ ସ୍ୱଚ୍ଛତାର ମହତ୍ୱ ବାରମ୍ବାର କୁହା ଯାଇପାରିବ ଯାହାକି ଲୋକମାନେ ନଜରରୁ ହଟାଇ ପାରିବେ ନାହିଁ। ଦକ୍ଷିଣ କନ୍ନଡ ଏବଂ ଉଡୁପି ଦେଶର 46 ଜିଲ୍ଲାମାନଙ୍କ ମଧ୍ୟରେ ସାମିଲ ଯାହାକୁ ସ୍ୱଚ୍ଛତା ଦର୍ପଣର ସମ୍ମାନ ମିଳିଛି। ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅନ୍ତର୍ଗତ 20 ସେପ୍‌ଟେମ୍ବର, 2016 ଦିନ ଏହି ଜିଲ୍ଲାକୁ ଖୋଲା ଶୌଚମୁକ୍ତ ଘୋଷଣା କରା ହୋଇଥିଲା।**

କର୍ଣ୍ଣାଟକର ଦକ୍ଷିଣ କନ୍ନଡ୍ ଜିଲ୍ଲାର ପଞ୍ଚାୟତର ପ୍ରଚେଷ୍ଟାର ଅଭୁତପୂର୍ବ କାର୍ଯ୍ୟର ଚର୍ଚ୍ଚା ଚାରିଆଡେ ହେଉଛି। ସ୍ୱଚ୍ଛତାକୁ ନେଇ ଏକ ଅଭିନବ ଶୁଭାରମ୍ଭ। ଏହି ଶୁଭାରମ୍ଭ ସ୍ୱଚ୍ଛତା ପାଇଁ ଲୋକମାନଙ୍କ ମନରେ ଜାଗୃତ ସୃଷ୍ଟି କରିଛି। ଲୋକମାନେ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ନିଜ ଘରେ ସ୍ୱଚ୍ଛତା ବେଲ୍ (ଘଣ୍ଟି) ଲଗାଇବାର ଶୁଭାରମ୍ଭ କରିଛନ୍ତି। ଦ୍ୱାରଦେଶର ଘଣ୍ଟିରେ ସ୍ୱଚ୍ଛତାର ଗୀତ, ଖୋଲା ଶୌଚ ମୁକ୍ତତା, ପ୍ଲାଷ୍ଟିକର ବ୍ୟବହାର ନ କରିବା, ଆବର୍ଜନା ଫୋପାଡିବା ଭଳି ଗୀତ ଲଗାହେଲା। ଏହି ଶୁଭାରମ୍ଭର ସବୁ କ୍ଷେତ୍ରରେ ଦେଖାଯିବାକୁ ଲାଗିଲାଣି। ଜିଲ୍ଲା ଏବେ ଖୋଲା ଶୌଚମୁକ୍ତ ହୋଇଗଲା। ଅବଶ୍ୟ, ଏହାର ଶୁଭାରମ୍ଭ ଗ୍ରାମ ପଞ୍ଚାୟତର ମୁଖ୍ୟ କାର୍ଯ୍ୟକରୀ ଅଧିକାରୀ ଡକ୍ଟର ଏମଆର୍ ରବି କରିଥିଲେ। ଏମ୍‌ଆର୍ ରବି କନ୍ନଡ୍ ଭାଷାରେ କବିତା ଲେଖିଲେ। ଏହି କବିତା ମାଧ୍ୟମରେ ସ୍ୱଚ୍ଛତାର ସନ୍ଦେଶ ଦେଉଥିବା ଜିଙ୍ଗଲ୍ ପ୍ରସ୍ତୁତ କରାହେଲା। ତିରିଶ ସେକେଣ୍ଡର ଏହି ଜିଙ୍ଗଲ୍‌କୁ ସୟାଦରୀ ଇଞ୍ଜିନିୟରିଙ୍ଗ୍ କଲେଜ ଏବଂ ପ୍ରବନ୍ଧନ କଲେଜର ଛାତ୍ର ମାନେ ଡୋର ବେଲ୍‌ରେ ଲଗାଇଲେ ଏବଂ ଲୋକମାନଙ୍କୁ ମଧ୍ୟ ବିତରଣ କଲେ। ଏହିପରି ସ୍ୱଚ୍ଛ କଲ୍‌ବେଲ୍ ପ୍ରଥମେ ଜିଲ୍ଲା ପଞ୍ଚାୟତର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ନିଜ ଅଫିସ୍‌ରେ ଲଗାଇ ଥିଲେ। ଅଫିସ୍ ଆସିବା ଯିବା କରୁଥିବା ଲୋକମାନଙ୍କ ଉପରେ ଜିଙ୍ଗଲର ଏହି ସନ୍ଦେଶ ପ୍ରଭାବ ପକାଇବାକୁ ଲାଗିଲା। ଏହାର ଭଲ ଫଳ ମିଳିବାରୁ କଲିଗେ ନାମକ ଗ୍ରାମର ପ୍ରତ୍ୟେକ ଘରେ ଲଗାହେଲା। ସିଇଓ ରବି କହିଲେ ଯେ କଲିଙ୍ଗ୍ ବେଲ୍ (ଘଣ୍ଟି) ମାଧ୍ୟମରେ ସ୍ୱଚ୍ଛତାର ମହତ୍ୱ ବାରମ୍ବାର କୁହାଯାଇପାରିବ ଯାହା କି ଲୋକମାନେ ନଜରରୁ ହଟାଇ ପାରିବେ ନାହିଁ। ଦକ୍ଷିଣ କନ୍ନଡ ଏବଂ ଉଡୁପି ଦେଶର 46 ଜିଲ୍ଲାମାନଙ୍କ ମଧ୍ୟରେ ସାମିଲ୍ ଯାହାକୁ ସ୍ୱଚ୍ଛତା ଦର୍ପଣର ସମ୍ମାନ ମିଳିଛି। ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅନ୍ତର୍ଗତ 20 ସେପ୍‌ଟେମ୍ବର 2016 ଦିନ ଏହି ଜିଲ୍ଲାକୁ ଖୋଲା ଶୌଚମୁକ୍ତ ଘୋଷଣା କରା ହୋଇଥିଲା। ଏମ୍‌ଆର୍ ରବି କହନ୍ତି ଯେ କଲିଙ୍ଗ୍ ବେଲ୍ ମାଧ୍ୟମରେ ସ୍ୱଚ୍ଛତାର ସନ୍ଦେଶ ଭଲ ଭାବରେ ପ୍ରସାରିତ କରାଯାଇ ପାରିବ। ଆସନ୍ତା ପଢ଼ୀକୁ ଉଚିତ ମୂଲ୍ୟବୋଧ ଏବଂ ଅଭ୍ୟାସ ଏହା ମାଧ୍ୟମରେ ଦିଆ ଯାଇପାରିବ ଏବଂ ପରିଷ୍କାର ପରିଚ୍ଛନ୍ନ ଜୀବନ ସେମାନଙ୍କର ଜୀବନଶୈଳୀର ଅଂଶ ବିଶେଷ ହୋଇପାରିବ।

ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଦୃଷ୍ଟିକୋଣରୁ, 2000 ସ୍କୁଲର 3.2 ପିଲା ସ୍ୱଚ୍ଛତା ଦିବସ ପାଳନ କରିଛନ୍ତି। ପ୍ରତି ଶନିବାର ଦିନ ପ୍ରତ୍ୟେକ କକ୍ଷ ରେ 'ସ୍ୱଚ୍ଛତା' ବିଷୟରେ ପଢ଼ାଇ କରାଯାଉଛି। 'ସ୍ୱଚ୍ଛ ଶନିବାର' ସ୍ୱଚ୍ଛତାର ପ୍ରତୀକ ହୋଇଯାଇଛି - ସ୍କୁଲ ଆସେମ୍ବ୍ଲିରେ ସ୍ୱଚ୍ଛତାକୁ ନେଇ ବିଶେଷ କାର୍ଯ୍ୟକ୍ରମ ସହିତ

ଗ୍ରମଦାନ କାର୍ଯ୍ୟକ୍ରମ ରଖା ଯାଇଥାଏ। ଭବିଷ୍ୟତରେ ଏହି କଲିଙ୍ଗ୍ ବେଲ୍‌କୁ ଅଙ୍ଗନାବାଡ଼ି କେନ୍ଦ୍ରରେ ଲଗାଇବାର ଯୋଜନା ରହିଛି। ଏହି କେନ୍ଦ୍ରକୁ ପ୍ରତିଦିନ 30 ହଜାର ମାତା ଆସନ୍ତି। ଆଜିର ସମୟରେ 2104 ଆଙ୍ଗନବାଡି ସେଣ୍ଟର୍ ରହିଛି ଯାହାକି 1600 ରୁ ଅଧିକ ଗ୍ରାମରେ ରହିଛି। ଅନେକ ଗ୍ରାମ ଜାତୀୟ ରାଜପଥରେ ରହିଛି, ଏହି କାରଣରୁ ଲୋକମାନେ ଜାତୀୟ ରାଜପଥରେ ଆବର୍ଜନା ଫୋପାଡି ଦିଅନ୍ତି। ଏଭଳି ଲୋକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନିଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଶାସନ ଟାସ୍କ ଫୋର୍ସ ଗଠନ କରାହେଲା। ସ୍ୱଚ୍ଛତାର ଗୀତ ଏହି ଲିଙ୍କରେ ଶୁଣାଯାଇ ପାରିବ। https://drive.goole.com/file/d/1quA1TE_y09wuo3YK45u-Kj2z1ER-AZXxN/view?usp=sharing ♦

# 'ପଲ୍ଲେ ସୁଦଲୁ' ଲୋକକଳା ସହାୟତାରେ ଗ୍ରାମ ଲୋକଙ୍କ ଅଭ୍ୟାସରେ ପରିବର୍ତ୍ତନ

ଲୋକକଳା ହେଉଛି ଅଭିବ୍ୟକ୍ତ କରିବାର ଏକ ମାଧ୍ୟମ। ଏହା ବର୍ତ୍ତମାନର ଏକ ସଶକ୍ତ ମାଧ୍ୟମ ରୂପେ ପରିଗଣିତ ହୋଇଛି। ଏହି ଲୋକକଳା ହିଁ ଲୋକମାନଙ୍କୁ ପରସ୍ପର ଭିତରେ ବାନ୍ଧିରଖିଥାଏ। ଲୋକମାନଙ୍କ ଭିତରେ ଏହାର ପ୍ରଭାବକୁ ଆଖି ଆଗରେ ରଖି ତେଲେଙ୍ଗାନାର ବନାପର୍ଥୀ ଜିଲ୍ଲାର ଅଧିକାରୀ ସ୍ୱେତା ମୋହଂତି ଏହାକୁ ସମାଜ ପରିବର୍ତ୍ତନର ମାଧ୍ୟମ ରୂପେ ବ୍ୟବହାର କଲେ। 'ପଲ୍ଲେ ସୁଦଲୁ' ନାମର ଲୋକକଳାକୁ ଲୋକଜାଗୃତତାର ମାଧ୍ୟମ ମାନି ନିଆଗଲା ଏବଂ ଜିଲ୍ଲାର ସ୍ୱଚ୍ଛତା ଅଭିଯାନରେ କଳାକାରଙ୍କୁ ଯୋଡ଼ା ହେଲା। ଏହା ତେଲେଙ୍ଗାନାର ଏକ ଲୋକକଳା ଯେଉଁଥିରେ 5-7 ଜଣ କଳାକାର ବାଦ୍ୟଯନ୍ତ୍ରର ଧ୍ୱନି ସହିତ ଗାଇବା ମାଧ୍ୟମରେ ଲୋକମାନଙ୍କୁ ରୋମାଞ୍ଚକର କାହାଣୀ ଶୁଣାଇ ଥାନ୍ତି। ସମସାମୟିକ ବିଷୟରେ ପ୍ରସ୍ତୁତ କରାଯାଇ-ଥିବା କାହାଣୀ ହୃଦୟସ୍ପର୍ଶୀ ଭାବରେ ଶୁଣା ଯାଇଥାଏ। ଏସବୁ କାହଣୀ ହାସ୍ୟରସରେ ଭରପୁର ହୋଇଥାଏ। ଏହାକୁ ଲୋକ ଆଗ୍ରହରେ ଶୁଣନ୍ତି। ବର୍ଷ-ବର୍ଷ ଧରି ଏହି ପରମ୍ପରା ଚାଲି ଆସିଥିବାରୁ ଲୋକମାନେ ଏହାକୁ ଭାବନାତ୍ମକ ଭାବରେ ଯୋଡ଼ିଥାନ୍ତି।



ଜିଲ୍ଲା ଅଧିକାରୀ ଏହି ଲୋକକଳାର ପ୍ରଭାବ ଦେଖି ଏହା ମାଧ୍ୟମରେ ନିଜର ସନ୍ଦେଶ ଲୋକମାନଙ୍କ ପାଖକୁ ପହଞ୍ଚାଇବା ଆରମ୍ଭ କଲେ। ଖୋଲାଶୌଚ ହେବାର ଅପକାରିତା ବିଷୟରେ ଲୋକମାନଙ୍କୁ କୁହା ହେଲା। ବର୍ଷ ବର୍ଷ ଧରି ଚାଲିଆସିଥିବା ଏହି ପୁରୁଣା ଅଭ୍ୟାସ ପରିବର୍ତ୍ତନ କରିବା ପାଇଁ ଲୋକମାନଙ୍କୁ ପ୍ରେରିତ କରାହେଲା। ବିଷେଷ ଭାବରେ ବୟସ୍କ ଲୋକମାନେ ଯେଉଁମାନେ ଏହାର ପରମ୍ପରା ଏବଂ ସଂସ୍କୃତି ସହିତ ଯୋଡୁଥିଲେ, ସେମାନେ ମଧ୍ୟ ଜାଗୃତ ହେଲେ ଏବଂ ନିଜ ଘରରେ ଶୌଚାଳୟ ନିର୍ମାଣ ପାଇଁ ରାଜି ହେଲେ। ଜିଲ୍ଲାର ସମସ୍ତ ପଞ୍ଚାୟତରେ ପ୍ରତିଦିନ 'ପଲ୍ଲେ ସୁଦଲୁ'ର ଏକ କାର୍ଯ୍ୟକ୍ରମ ଆୟୋଜନ କରା ହେଲା। କାହାଣୀ ଗୁଡ଼ିକରେ ସ୍ୱଚ୍ଛତାର ସନ୍ଦେଶକୁ ମଧ୍ୟ ସାମିଲ କରାହେଲା। ଜିଲ୍ଲା ଅଧିକାରୀ ଭାରତ କୁମାରଙ୍କ କହିବା ଅନୁସାରେ କଳାକାର ମାନେ ଲୋକମାନଙ୍କ ଭାବନା ହିଁ ବ୍ୟକ୍ତ କରୁଥିଲେ। ଏଥିପାଇଁ କଥା ସିଧା ଲୋକମାନଙ୍କ ହୃଦୟକୁ ସ୍ପର୍ଶ କରୁଥିଲା। କଳାକାର ଲୋକମାନଙ୍କର ଅସୁବିଧା ମଧ୍ୟ ସେହି ସନ୍ଦେଶରେ ସାମିଲ କରୁଥିଲେ ଏବଂ ତାର ସମାଧାନ ମଧ୍ୟ ବତାଉଥିଲେ। ଗ୍ରାମର ସାଧାରଣ ଜନତା ଭାବରେ ଲୋକମାନଙ୍କ ସହିତ କଥାବାର୍ତ୍ତା କରୁଥିଲେ। ଏହି କାର୍ଯ୍ୟକ୍ରମ ଯୋଗୁଁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ସଫଳ ହୋଇଥିଲା। 2 ଜୁନ, 2018 କୁ ତେଲେଙ୍ଗାନାର ସ୍ଥାପନ ଦିବସ ଅବସରରେ 50 ଟି ଗ୍ରାମ ଖୋଲାଶୌଚ ମୁକ୍ତ ଘୋଷିତ କରାହେଲା। ଏହି ଅଭିଯାନକୁ ଭବିଷ୍ୟତରେ ମଧ୍ୟ ଜାରି ରଖିବା ପାଇଁ ଗ୍ରାମ ପଞ୍ଚାୟତ ଗୁଡ଼ିକ ନିରୀକ୍ଷଣ କମିଟି ଗଠନ କଲେ, ଯେଉଁଥିରେ ଗ୍ରାମର ସଦସ୍ୟ ମଧ୍ୟ ସଦସ୍ୟ ବନିଥାନ୍ତି। ଏହି କମିଟି ପ୍ରତିଦିନ ସେମାନଙ୍କର କାର୍ଯ୍ୟ କରିଥାନ୍ତି ଏବଂ ଖୋଲା ଶୌଚ କରୁଥିବା ଲୋକମାନଙ୍କୁ ବୁଝାଉଥାନ୍ତି।♦

## ପ୍ରଭାବ

**ଜିଲ୍ଲା ଅଧିକାରୀ ଏହି ଲୋକ କଳାର ପ୍ରଭାବ ଦେଖି ଏହା ମାଧ୍ୟମରେ ନିଜର ସନ୍ଦେଶ ଲୋକମାନଙ୍କ ପାଖକୁ ପହଞ୍ଚାଇବା ଆରମ୍ଭ କଲେ। ଖୋଲାଶୌଚ ହେବାର ଅପକାରିତା ବିଷୟରେ ଲୋକମାନଙ୍କୁ କୁହା ହେଲା। ବର୍ଷ ବର୍ଷ ଧରି ଚାଲିଆସିଥିବା ଏହି ପୁରୁଣା ଅଭ୍ୟାସ ପରିବର୍ତ୍ତନ କରିବା ପାଇଁ ଲୋକମାନଙ୍କୁ ପ୍ରେରିତ କରାହେଲା।**

# ଆପଣ ଜାଣିଛନ୍ତି କି

**ଉପଶିଷ୍ଟ ଜଳ ଏବଂ ମଳଯୁକ୍ତ ଗାଦ ପ୍ରବନ୍ଧନ ପାଇଁ କେତେକ ଟେକନିକ୍ ପ୍ରୟୋଗରେ ଅଣା ଯାଇଛି ।**



## ମଳଯୁକ୍ତ ଗାତରେ ସାର ପ୍ରସ୍ତୁତ କରିବାର ପ୍ରକ୍ରିୟା (କମ୍ପୋଷ୍ଟିଙ୍ଗ୍)

ମଳଯୁକ୍ତ ଗାତର ପ୍ରବନ୍ଧନ କରିବା ପାଇଁ କମ୍ପୋଷ୍ଟିଙ୍ଗ୍ ର ମୁଖ୍ୟ ଭୂମିକା ରହିଛି। ଏହା ଏକ ସାର ପ୍ରସ୍ତୁତ କରିବା ପ୍ରକ୍ରିୟା ଯେଉଁଥିରେ ଜୀବାଣୁର ସହାୟତାରେ ସମସ୍ତ ମଳକୁ ସଡ଼ାଯାଇଥାଏ। ଏହି ପ୍ରକ୍ରିୟାରେ ପ୍ରସ୍ତୁତ ହୋଇଥିବା ଜୈବୀକ ସାରର ବ୍ୟବହାର କ୍ଷେତ ଗୁଡ଼ିକରେ କରାଯାଇଥାଏ।

## ଅପରିଷ୍କାର ଜଳ ଶୋଧନ ପୋଖରୀ

ଏହି ଟେକନିକ୍‌ରେ ଅନେକ ଛୋଟ ବଡ଼ ପୋଖରୀର ଆବଶ୍ୟକତା ହୋଇଥାଏ। ସମସ୍ତ ପୋଖରୀ ଗୋଟିଏ ଅନ୍ୟ ସହିତ ଯୋଡ଼ି ହୋଇ ରହିଥାନ୍ତି। ପ୍ରତ୍ୟେକ ସ୍ତରରେ ଅପରିଷ୍କାର ଜଳ ଛାଣିବାର ପ୍ରକ୍ରିୟା ଚାଲୁ ରହିଥାଏ ଯେଉଁ ପର୍ଯ୍ୟନ୍ତ ପାଣି ଏବଂ କଠିନ ଅବଶିଷ୍ଟଗୁଡ଼ିକ ଅଲଗା-ଅଲଗା ହୋଇ ନଥିବ। ଏହି ପ୍ରକାରର ଟେକ୍‌ନିକ୍‌ରୁ ବାହାରିଥିବା ପାଣିର ବ୍ୟବହାର ଏହି ପାର୍କରେ ମଧ୍ୟ କରାଯାଉଅଛି।

## ଗଭୀର ଗାତ ପ୍ରସ୍ତୁତ କରି ମଳଯୁକ୍ତ ଅପରିଷ୍କାର ପଦାର୍ଥର ପରିଚାଳନା

ଏହି ପ୍ରକ୍ରିୟାରେ ଅବଶିଷ୍ଟ ଏବଂ ମଳଯୁକ୍ତ ଅପରିଷ୍କାର ପଦାର୍ଥରୁ ବର୍ତ୍ତିବା ପାଇଁ ଏହି ଗଭୀର ଭାବରେ ଖୋଳା ଯାଇଥିବା ପକାଯାଇଥାଏ। ଏହି ଗାତକୁ ପୁଣି ମାଟିରେ ଭରା ଯାଇଥାଏ। ତା ଉପରେ ଗଛଲତା ଲଗାଯାଇଥାଏ। ମଳର ଏହି ପ୍ରକାର ପରିଚାଳନାରେ ଭୂମିର ଆବଶ୍ୟକତା ପଡିଥାଏ। ଏଥିପାଇଁ ଯେଉଁଠାରେ ଭୂମିର ଆବଶ୍ୟକତା ଉପଲବ୍ଧି ହୋଇଥାଏ, ସଫଳତା ଅତିକମ୍ ଖର୍ଚ୍ଚରେ ହେବା ସମ୍ଭବ ହୋଇଥାଏ।

## ଖାଲ ଗୁଡ଼ିକରେ ମଳଯୂକ୍ତ ଗାଦର ପ୍ରବନ୍ଧନ

ଭାରତରେ ଏହି ପ୍ରକାର ପ୍ରବନ୍ଧନ ବ୍ୟବସ୍ଥା ପୁରୁଣା ଅଟେ। ଆମେରିକା ମଧ୍ୟ 80 ଦଶକ ପର୍ଯ୍ୟନ୍ତ ଏହି ପ୍ରକାର ଟେକନିକ୍ ବ୍ୟବହାର କରୁ ଥିଲା। ସାଉଥ୍ ଆଫ୍ରିକା ଏବଂ ମାଲେସିୟାରେ ବର୍ତ୍ତମାନ ସମୟରେ ମଧ୍ୟ ଏହି ଟେକ୍‌ନିକ୍ ମାଧ୍ୟମରେ ମଳଯୁକ୍ତ ଗାଦର ପ୍ରବନ୍ଧନ କରାଯାଇଥାଏ। ଏଥିପାଇଁ ଗଭୀର ଖାଲ ଏବଂ କମ୍ ଗଭୀରର ଖାଲ ଆବଶ୍ୟକତା ହୋଇଥାଏ। ଏହି ଗାତର ଆଖ ପାଖ ଅଞ୍ଚଳରେ ଗଛ ଲଗାଯାଇଥାଏ।

## ମଳଯୁକ୍ତ ଗାଦ ପ୍ରବନ୍ଧନ ପ୍ଲାଣ୍ଟ (ଏଫ୍‌ଏସ୍‌ଟିପି)

ସିୱେଜ ପ୍ଲାଣ୍ଟରେ କେତେକ ଟେକନିକ୍ ମଡ୍ୟୁଲ ସାମିଲ କରାଯାଇଥାଏ। ଏଥିରେ ଏକ ସେପଟିକ୍ ଟ୍ୟାଙ୍କ୍, ରିଆକ୍ଟର୍ ଏବଂ ଫିଲଟର୍, ଦଲ୍‌ଦଲ୍ ଭୂମି, ମଳଯୁକ୍ତ ଖାଦକୁ ପାଣିରୁ ଅଲଗା କରିବା ପ୍ରଣାଳୀ, ବାୟୋଗ୍ୟାସ୍ ପ୍ଲାଣ୍ଟ ଏବଂ ସାର ପ୍ରସ୍ତୁତ କରିବା ସ୍ଥାନ ଆବଶ୍ୟକତା ହୋଇଥାଏ।

## ଗୋବରଧନ ଯୋଜନା କଣ?

ଗୋବର (ଗେଲଭାନାଇଜିଙ୍ଗ୍ ଅର୍ଗାନିକ ବାୟୋ ଆଗ୍ରୋ ରିସୋର୍ସ) ଧନ ଯୋଜନା ସ୍ୱଚ୍ଛତା ଏବଂ ପାନୀୟ ଜଳ ମନ୍ତ୍ରଣାଳୟ 30 ଏପ୍ରିଲ୍ 2018ରେ ଆରମ୍ଭ ହୋଇଥିଲା। ଏହି ଯୋଜନା ଅନ୍ତର୍ଗତ ଗୋବର ଏବଂ କ୍ଷେତର ଜୈବୀକ ପଦାର୍ଥରେ କମ୍ପୋଷ୍ଟ ପ୍ରସ୍ତୁତ ହୋଇଥାଏ। ବାୟୋଗ୍ୟାସ୍‌କୁ ବାୟୋ ସିଏନଜିରେ ପରିବର୍ତ୍ତନ କରିବା ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯାଇଛି। ଏହା ଦ୍ୱାରା ଗ୍ରାମର ଗୋବରରୁ କେବଳ ଶକ୍ତିର ଆବଶ୍ୟକତା ପୁରା କରାଯାଇ ପାରିବ ତାହା ନୁହେଁ ରୋଜଗାର ପାଇଁ ନୂଆ ସାଧନ ମଧ୍ୟ ମିଳିପାରିବ।

ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ରହିଛି, ତାହା ହେଉଛି ଗ୍ରାମକୁ ସ୍ୱଚ୍ଛ ରଖିବା ଏବଂ ଖୋଲା ଶୌଚମୁକ୍ତ କରିବା ପରେ ମଳଯୁକ୍ତ ଖାଦର ପ୍ରବନ୍ଧନ ମଧ୍ୟ ସାମିଲ ଅଟେ। ଦେଶର ଗ୍ରାମ ଗୁଡ଼ିକରେ ଖୋଲାରେ ଶୌଚ କରିଥାନ୍ତି, ସେଥିପାଇଁ ମଳଯୁକ୍ତ ଖାଦର ପ୍ରବନ୍ଧନ ପାଇଁ କାର୍ଯ୍ୟ ମଧ୍ୟ କରାଯାଉଛି। ଗ୍ରାମକୁ ଖୋଲା ଶୌଚମୁକ୍ତ କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନ ଦ୍ୱିତୀୟ ପର୍ଯାୟରେ ଗାଦ ପ୍ରବନ୍ଧନ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆ ହେଉଛି। ଖାଦ ପରିଚାଳନାରେ ଗୋବରଧନ ଯୋଜନା ପ୍ରଭାବଶୀଳ ପ୍ରମାଣିତ ହେଉଛି। ଏହି ଆର୍ଥିକ ବର୍ଷରେ ଦେଶର ବିଭିନ୍ନ ରାଜ୍ୟରେ 700 ବାୟୋଗ୍ୟାସ୍ ପ୍ଲାଣ୍ଟ୍ ଲଗାଇବାର ଲକ୍ଷ୍ୟ ରହିଛି।♦





# ନିର୍ମଳ ଗଙ୍ଗା ପାଇଁ ଗ୍ରାମବାସୀମାନେ ବାହାର କଲେ ସ୍ୱଚ୍ଛତା କଳସ ଯାତ୍ରା

## ଖେଳ ଖେଳ ଭିତରେ ଗଙ୍ଗାକୁ ସଫା କରିବା ପାଇଁ ବତାଇଲେ କୌଶଳ



ଲୋକମାନଙ୍କର ସାମୂହିକ ପ୍ରଚେଷ୍ଟା ବଳରେ ସର୍ବଦା ସାକାରାତ୍ମକ ପରିବର୍ତ୍ତନ ଆସିଥାଏ। ସମାଜର ଲୋକମାନଙ୍କୁ ଏହାର ଲାଭ ମଧ୍ୟ ମିଳିଥାଏ। ଝାଡଖଣ୍ଡର ସାହିବଗଞ୍ଜ ଜିଲ୍ଲାରେ ସ୍ୱଚ୍ଛ ଭାରତ ମିଶନ୍ (ଗ୍ରାମୀଣ) ଅଭିଯାନ ମାଧ୍ୟମରେ ଏପରି ସାକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳୁଅଛି। ଜିଲ୍ଲାରେ ଲୋକମାନଙ୍କୁ ସ୍ୱଚ୍ଛତା ଅଭିଯାନରେ ମିଶାଇବା ପାଇଁ ସ୍ୱଚ୍ଛତା ଫୁଟ୍‌ବଲ୍ ପ୍ରତିଯୋଗୀତା, ସ୍ୱଚ୍ଛତା କଳଶ ଯାତ୍ରା, ଗଙ୍ଗା ଆଳତୀର ଆରମ୍ଭ କରାଯାଇଥିଲା। ଏହା ସହିତ ବିଶ୍ୱପର୍ଯ୍ୟାବରଣ ସପ୍ତାହ 30 ମଇ ରୁ 5 ଜୁନ୍ ପର୍ଯ୍ୟନ୍ତ ପାଳିତ ହୋଇଥିଲା। ଏହି ସବୁ କାର୍ଯ୍ୟକ୍ରମ ଗୁଡ଼ିକରେ ଲୋକମାନେ ବଡାଇ କରି ଭାଗ ନେଇଥିଲେ। ଗଙ୍ଗାକୁ ସଫା ଏବଂ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଲୋକମାନେ କାମ କରିଥିଲେ। ସ୍ୱଚ୍ଛତା ଅଭିଯାନରେ ଲୋକମାନଙ୍କ ଅଂଶୀଦାରତା ସୁନିଶ୍ଚିତ କରାଗଲା। ଜିଲ୍ଲାର ପ୍ରତ୍ୟେକଟି ଦିନର ଆରମ୍ଭ ସ୍ୱଚ୍ଛତା ଭଜନରୁ ହିଁ ହୋଇଥାଏ, ଏହା ପରେ ଲୋକମାନେ କିଛି ଘଣ୍ଟା ଗଙ୍ଗା ନଦୀ କୂଳରେ ପ୍ଲାଷ୍ଟିକ୍, ଅଳିଆକୁ ଉଠାଇଥାନ୍ତି, ନଦୀକୂଳରେ ଗଛ ଲଗାଇଥାନ୍ତି ଏବଂ ସଂଧ୍ୟା ବେଳକୁ ଗଙ୍ଗା ଆଳତୀ କରିଥାନ୍ତି। ଗଙ୍ଗା ଆଳତୀ ଏବଂ ଭଜନ ଦ୍ୱାରା ଗ୍ରାମର ଲୋକମାନେ ଉତ୍ସାହିତ ହୋଇ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥାନ୍ତି। ଯୁବକମାନଙ୍କୁ ଜାଗରଣ କାର୍ଯ୍ୟକ୍ରମରେ ମିଶାଇବା ପାଇଁ ଖେଳ ପ୍ରତିଯୋଗୀତାର ଆୟୋଜନ କରାଯାଇଥାଏ।




### ପ୍ରଭାବ

**ସ୍ୱଚ୍ଛତା ଅଭିଯାନରେ ଲୋକମାନଙ୍କର ଅଂଶୀଦାରତା ସୁନିଶ୍ଚିତ କରାଯାଇଥିଲା। ଜିଲ୍ଲାର ପ୍ରତ୍ୟେକଟି ଦିନର ଆରମ୍ଭ ସ୍ୱଚ୍ଛତା ଭଜନରୁ ହିଁ ହୋଇଥାଏ, ଏହା ପରେ ଲୋକମାନେ କିଛି ଘଣ୍ଟା ଗଙ୍ଗା ନଦୀ କୂଳରେ ପ୍ଲାଷ୍ଟିକ୍, ଅଳିଆକୁ ଉଠାଇଥାନ୍ତି, ନଦୀକୂଳରେ ଗଛ ଲଗାଇଥାନ୍ତି ଏବଂ ସଂଧ୍ୟା ବେଳକୁ ଗଙ୍ଗା ଆଳତୀ କରିଥାନ୍ତି। ଗଙ୍ଗା ଆଳତୀ ଏବଂ ଭଜନ ଦ୍ୱାରା ଗ୍ରାମର ଲୋକମାନେ ଉତ୍ସାହିତ ହୋଇ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥାନ୍ତି। ଯୁବକମାନଙ୍କୁ ସଚେତନତା କାର୍ଯ୍ୟକ୍ରମରେ ମିଶାଇବା ପାଇଁ ଖେଳ ପ୍ରତିଯୋଗୀତାର ଆୟୋଜନ କରାଯାଇଥାଏ।**

ସାହିବଗଞ୍ଜର ଏହି ଲକ୍ଷ୍ୟ ଦ୍ୱାରା ଗାଁ-ଗାଁ ରେ ସ୍ୱଚ୍ଛତା ପ୍ରତି ଜାଗରଣତାର ଭାବନା ଆସିଯାଇଥିଲା। ସାହିବଗଞ୍ଜରେ ସ୍ୱଚ୍ଛତା ମିଶନ୍ ମାଧ୍ୟମରେ ଉଠାଯାଇଥିବା କିଛି ପଦକ୍ଷେପ -

**ସ୍ୱଚ୍ଛତା କଳସ ଯାତ୍ରା -** କଳସ ଯାତ୍ରାରେ ଗ୍ରାମର ମହିଳାମାନେ ରଙ୍ଗ ବେରଙ୍ଗର ପୋଷାକ ପରିଧାନ ପରି ମୁଣ୍ଡରେ ଗଙ୍ଗା ପାଣି ଭରା କଳସ ନେଇ ବାହାରନ୍ତି। ଏହି ଯାତ୍ରା ସମୟରେ ସେମାନେ ଲୋକମାନଙ୍କୁ ଶୌଚାଳୟର ମହତ୍ୱ ବିଷୟରେ ବୟାନ କରିଥାନ୍ତି। ଏହି ଯାତ୍ରା ଗଙ୍ଗା ଆଳତୀ ସହିତ ସମ୍ପନ୍ନ ହୋଇଥାଏ। ମହିଳାମାନଙ୍କର ଏହି ପଦକ୍ଷେପ ଦ୍ୱାରା ଲୋକ ଗଙ୍ଗା ନଦୀକୁ ସଫା ରଖିବା ପ୍ରତି ସଚେତନ ହୋଇଗଲେ।

**ସ୍ୱଚ୍ଛତା ଫୁଟ୍‌ବଲ୍ ପ୍ରତିଯୋଗୀତା -** ସାହିବଗଞ୍ଜର ସମସ୍ତ ବ୍ଲକ୍‌ରେ ସ୍ୱଚ୍ଛତା ଫୁଟ୍‌ବଲ୍ ପ୍ରତିଯୋଗୀତାରେ ଯୁବକମାନଙ୍କୁ ମିଶା ଯାଇଥାଏ। ଏଥିରେ ଗ୍ରାମୀଣ ଖେଳ ମଧ୍ୟ ସାମିଲ୍ କରାଯାଇଥାଏ। ଯୁବକମାନଙ୍କୁ ଏହି ଖେଳରେ ମିଶାଇବା ପାଇଁ ପଠନା ବ୍ଲକ୍ ଲକ୍ଷ୍ୟ କରି ଏହି ଖେଳର ପ୍ରତିଯୋଗୀତାର ଆୟୋଜନ କରିଥିଲେ। ♦



# କାଞ୍ଚିପୁରମ୍ ନଜୀରର ପ୍ରସ୍ତୁତ କରିଥିଲେ, ବେକାର ହେଲା 8326 ଶୌଚାଳୟକୁ ବ୍ୟବହାର ଉପଯୋଗ୍ୟ ଭାବରେ ତିଆରି କଲେ

ସିଲ୍କର ଶାଢ଼ୀ ପାଇଁ ପ୍ରସିଦ୍ଧ ସହର କାଞ୍ଚିପୁରମ୍ ଏବେ ସଫାସୁତରା ସହରରେ ମଧ୍ୟ ସାମିଲ ହୋଇସାରିଲାଣି। ପ୍ରଶାସନ ଏବଂ ଲୋକମାନଙ୍କର ପ୍ରଚେଷ୍ଟା ବଳରେ କାଞ୍ଚିପୁରମ୍ ଏବେ ଖୋଲାରେ ଶୌଚମୁକ୍ତ ସହର ହୋଇଗଲା। 27 ଫେବୃୟାରୀ, 2018 ରୁ କାଞ୍ଚିପୁରମ୍‌କୁ ଏହି ସମ୍ମାନ ହାସିଲ୍ ହେଲା। ଏହି ସମ୍ମାନ ହାସିଲ କରିବା ପାଇଁ ପ୍ରଶାସନ ପ୍ରଥମରୁ ବେକାର ପଡ଼ିଥିବା ଶୌଚାଳୟକୁ ଠିକ୍ କରିବାର କଥା ଉତ୍‌ଥାପନ କଲା। ଏହିପରି ଭାବରେ ଜିଲ୍ଲାର 8326 ଟି ଶୌଚାଳୟ ବ୍ୟବହାର ପରି ତିଆରି କରାଗଲା। ବିଗତ କିଛି ମାସରେ କାଞ୍ଚିପୁରମ୍‌ରେ 8326 ଶୌଚାଳୟକୁ ବ୍ୟବହାର କରିବା ପରି ତିଆରି ହୋଇ ସାରିଲାଣି। ବର୍ଷ 2012 ରେ କାଞ୍ଚିପୁରମ୍‌ରେ ଏକ ସର୍ଭେ କରାଯାଇଥିଲା। ସର୍ଭେରେ ଜଣାପଡିଲା କି ଜିଲ୍ଲାର ସବୁ ବ୍ଲକ୍‌ରେ 8326 ଶୌଚାଳୟ ବ୍ୟବହାରରେ ଆସୁଅଛି। ଏଥି ମଧ୍ୟରୁ ପାଖାପାଖି ସାଢ଼େ ତିନି ହଜାର ତ ବ୍ୟବହାର କରିବା ପରି ନଥିଲା। ଏହି ସଂଖ୍ୟାର ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ଅଧିକାରୀ 8326ଟି ଶୌଚାଳୟର ଆଉ ଥରେ ସର୍ଭେ କଲେ ଏବଂ ସର୍ଭେ ସଠିକ୍ ଥିଲା।ଏଥି ମଧ୍ୟରୁ 5000 ଶୌଚାଳୟରେ ଥିବା ଅଭାବକୁ ଦୂର କରି ତାକୁ ବ୍ୟବହାରପଯୋଗୀ ତିଆରି କରାହେଲା। ଯେତେବେଳେ 3326 ଟି ଶୌଚାଳୟ ବ୍ୟବହାର କରିବ ଉପଯୋଗୀ ନଥିଲା, ତେଣୁ ସେ ସ୍ଥାନରେ ନୂଆ ଶୌଚାଳୟ ତିଆରି ହେଲା। ଏଥିପାଇଁ ସେହି ପରିବାରଗୁଡ଼ିକୁ ଆର୍ଥିକ ସହାୟତା ଦିଆଗଲା। ସ୍ୱୟଂ ସେବକ ଗୋଷ୍ଠି ସହାୟତାରେ ନିର୍ମାଣ କାର୍ଯ୍ୟ କରାଗଲା। ଏହି କାର୍ଯ୍ୟଗୁଡ଼ିକୁ ନଜର ରଖିବାର ଦାୟିତ୍ୱ ସ୍ୱୟଂସେବକ ଗୋଷ୍ଠି ଉପରେ ନ୍ୟସ୍ତ ଥିଲା। ସବୁ କାର୍ଯ୍ୟର ଫଳାଫଳକୁ ଯାଞ୍ଚ୍ କରିବା ପାଇଁ ଅକ୍ଟୋବର, 2017ରେ ଆଉ ଥରେ ପୁଣି ସର୍ଭେ କରାଗଲା। ଲୋକ ଏବଂ ପ୍ରଶାସନର ଲକ୍ଷ୍ୟରେ କୁନ୍ଦ୍ରାଥୁର୍, ସେଣ୍ଟ୍ ଥୋମସ୍ ମାଉଣ୍ଟ୍, ଥିରୁପୋରୁର୍ ଭଲ ପରିଣାମ ଦେଖିବାକୁ ମିଳିଥିଲା। ଏହି ସ୍ଥାନଗୁଡ଼ିକରେ ଶୌଚାଳୟ

| ବ୍ଲକ୍‌ର ନାମ | ଶୌଚାଳୟ ସଂଖ୍ୟା |
|---|---|
| 1. କାଞ୍ଚିପୁରମ୍ | 541 |
| 2.ଆଚିରୁପାକ୍କମ୍ | 603 |
| 3. ଚିତାମୁର୍ | 552 |
| 4.କାଟ୍‌ଟାଙ୍କୁଲତ୍ତୁର | 344 |
| 5. କୁଣ୍ଡ୍ରତ୍ତୁର୍ | 1437 |
| 6. ଲତ୍ତୁର | 374 |
| 7.ମଦୁରାନ୍ତକମ୍ | 482 |
| 8. ଶ୍ରୀପେରମ୍ବୁଥୁର | 186 |
| 9. ସେଣ୍ଟ୍ ଥୋମସ୍ ମାଉଣ୍ଟ୍ | 435 |
| 10. ଥିରୁପୋରୁର୍ | 463 |
| 11.ତିରୁକଲ୍ଲୁକ୍ରମ୍ | 308 |
| 12. ଉତ୍ତିର୍‌ମରୁର୍ | 2360 |
| 13. ବାଲାଜାବାଦ | 241 |
| **ସମୁଦାୟ** | **8326** |

ଠିକ୍ କରା ଯାଇସାରିଲାଣି ଏବଂ ଲୋକମାନେ ସେଗୁଡ଼ିକର ମଧ୍ୟ ବ୍ୟବହାର କରୁଛନ୍ତି। ♦

**ସଫଳତାର କାହାଣୀ**

# ପ୍ରଧାନମନ୍ତ୍ରୀଙ୍କ ଠାରୁ ପ୍ରେରଣା ନେଇ ଗାୟତ୍ରୀ ପ୍ରସ୍ତୁତ କରୁଛନ୍ତି ରାଣୀ ରାଜମିସ୍ତ୍ରୀ

ଅଫିମ କ୍ଷେତି ଏବଂ ମଣିଷ ଚୋରୀକୁ ନେଇ ବଦନାମ ହୋଇଥିବା ଝାଡଖଣ୍ଡର ପଛୁଆ ଜିଲ୍ଲା ଖୁଣ୍ଟିର ଗୁଟ୍‌ଜୋରାର ଗାୟତ୍ରୀର କଥା କିଛି ଅଲଗା ଥିଲା। ସେ ସାଧାରଣ ମଜୁରୀଆ ହୋଇ ଆଉ ନାହାନ୍ତି। ନିର୍ମାଣ କ୍ଷେତ୍ରରେ ଯେତେବେଳେ ପୁରୁଷ ରାଜମିସ୍ତ୍ରୀର ଅସ୍ତିତ୍ୱ ଥିଲା, ସେଠାରେ ନିଜର ପ୍ରଭାବଶାଳୀନତା ଦେଖାଇ ଗାୟତ୍ରୀ ରାଜମିସ୍ତ୍ରୀ ହୋଇଗଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍‌ସ ମାଧ୍ୟମରେ ଆଠ ମିନିଟ୍ ଧରି ତାଙ୍କ ସହ କଥା ହେଲେ, ତାଙ୍କର କାମକୁ ପ୍ରଂଶସା ମଧ୍ୟ କଲେ। ଏହା ଦ୍ୱାରା ଗାୟତ୍ରୀଙ୍କର ସାହସ ଏବଂ ଧୈର୍ଯ୍ୟ ହୋଇଗଲା। ସେ ନିଜ କ୍ଷେତ୍ରରେ ନିଜ ପରି ଆଉ ରାଣୀ ମିସ୍ତ୍ରୀ କରିବାରେ ଲାଗି ପଡ଼ିଲେ। ଖୁଣ୍ଟିର ପଛୁଆ ଅଞ୍ଚଳରୁ ଆସିଥିବା ଗାୟତ୍ରୀ ରାଣୀ ମିସ୍ତ୍ରୀର ପ୍ରଶିକ୍ଷଣ ନେଇ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ଅଭିଯାନରେ ହାତ ମିଳାଇଲେ, ଶୌଚାଳୟ ବନାଇଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ମଧ୍ୟ ନିର୍ମାଣ କଲେ, ଏବଂ ଆଉ ମଧ୍ୟ ଘର ତିଆରି କରୁଛନ୍ତି। ନିଜ ହାତରେ ନିଜ ଘର ତିଆରି କଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରଂଶସା ଦ୍ୱାରା ପ୍ରେରିତ ଗାୟତ୍ରୀ ଅନ୍ୟକୁ ରାଣୀ ମିସ୍ତ୍ରୀ କରିବା ପାଇଁ



ପ୍ରଶିକ୍ଷଣରେ ଲାଗିଛନ୍ତି। 30 ଜଣିଆ ଟିମ୍‌କୁ ପ୍ରଶିକ୍ଷଣ ଦେଉଛନ୍ତି, ଯାହା ଫଳରେ ସେମାନଙ୍କ ହାତ ମଧ୍ୟ ମଜଭୁତ ହେଉ ଆଉ ଅନ୍ୟମାନଙ୍କର ଲକ୍ଷ୍ୟ ପ୍ରସ୍ତୁତ ହେଉ। ତାଙ୍କର କାମର ପ୍ରଂଶସା ହେଲାରୁ ପଡ଼ୋଶୀ ଜିଲ୍ଲାରୁ ମଧ୍ୟ ତାଙ୍କର ଚାହିଦା ବଢ଼ିଲା। ଗୁମଲା ଏବଂ ସିମଡେଗା ଜିଲ୍ଲା ପ୍ରଶାସନ ମଧ୍ୟ ପ୍ରଶିକ୍ଷଣ ଦେବା ପାଇଁ ସେମାନଙ୍କ ଅଞ୍ଚଳକୁ ଗାୟତ୍ରୀଙ୍କୁ ଡକାଉଥିଲେ। ରାଜ୍ୟ ସରକାର ତରଫରୁ ମଧ୍ୟ ରାଜମିସ୍ତ୍ରୀ ଲାଇନ୍‌ରେ ମହିଳାମାନଙ୍କୁ ରାଣୀ ମିସ୍ତ୍ରୀର ଟ୍ରେନିଂ ଦିଆଯାଉଅଛି। ଗାୟତ୍ରୀ କହିଲେ କି 2016 ରେ ରାଣୀମିସ୍ତ୍ରୀର ପ୍ରଶିକ୍ଷଣ ନେବା ପରେ ସେ ତିନି ଶୌଚାଳୟ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ 15ଟି ଘର ତିଆରି କରି ସାରିଲେଣି। ଲୋକମାନଙ୍କୁ ମୋର କାରୀଗରୀ ପସନ୍ଦ ହୋଇଗଲାଣି। ମୋ ଘର ମଧ୍ୟ କୁଡିଆ ଘର ପରି ଥିଲା, ମୁଁ ନିଜ ଘରର ତଳ ମହଲା ମଧ୍ୟ ନିଜେ ତିଆରି କଲି। ପତି ଏବଂ ପିଲାମାନେ ମଧ୍ୟ ସାହାଯ୍ୟ କରିଥିଲେ।

**ଖୁଣ୍ଟିରେ ମହିଳାମାନେ ହେଉଛନ୍ତି ଦକ୍ଷ:** ଖୁଣ୍ଟିର ପ୍ରାୟ ଏକ ଡଜନ ମହିଳା ରାଜମିସ୍ତ୍ରୀ ପ୍ରଶିକ୍ଷଣ ନେଇ ରାଣୀ ମିସ୍ତ୍ରୀ ହୋଇଗଲେ। ଲୋକମାନଙ୍କର ସ୍ୱପ୍ନର ଘର ତିଆରିରେ ଲାଗିଛନ୍ତି। ଏପରି ମହିଳାମାନେ ସମାଜର ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଗଲେ। ଲୋକମାନେ ସେମାନଙ୍କର କାମକୁ ପ୍ରଂଶସା କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍‌ସ୍ ମାଧ୍ୟମରେ ପୁରା ଦେଶର ମହିଳାମାନଙ୍କ ସମ୍ବାଦ କାର୍ଯ୍ୟକ୍ରମରେ ଖୁଣ୍ଟିର ତିନୋଟି ରାଣୀ ମିସ୍ତ୍ରୀ ସହ ବାର୍ତ୍ତାଳାପ କରିଥିଲେ। ମହିଳାମାନେ ନିଜର ଅନୁଭବକୁ ପ୍ରଧାନମନ୍ତ୍ରୀଙ୍କ ସହ ବାଣ୍ଟିଥିଲେ। ପ୍ରଧାନମନ୍ତ୍ରୀ ଗାୟତ୍ରୀଙ୍କ ସହ ପାଖାପାଖ୍ ଆଠ ମିନିଟ୍ ପର୍ଯ୍ୟନ୍ତ କଥା ହୋଇ ସମ୍ପୂର୍ଣ୍ଣ ସୂଚନା ନେଇଥିଲେ। ♦

# ଚାକିରୀର ମୋହ ତ୍ୟାଗ କରି ସ୍ୱଚ୍ଛତା ଦୂତ ହୋଇଲେ ସଂଧ୍ୟା

ଛତିଶଗଡ଼ର ବିଳାସପୁର ସହ ଲାହି କିଥିବା ନଗର ପଞ୍ଚାୟତ ସକରୀ ନିବାସୀ ସଂଧ୍ୟା ବଗ୍‌ଗା କମର୍ସରେ ଗ୍ରାଜୁଏଟ୍ ଅଟନ୍ତି। ସହର ଯାଇ ଚାକିରୀ ପାରିଥାନ୍ତା। ସମସ୍ତ ରାସ୍ତା ତା ପାଇଁ ଖୋଲା ଥିଲା। ପ୍ରାଇଭେଟ୍ ଚାକିରିର ମଧ୍ୟ ବଢ଼ିଆ ବିକଳ୍ପ ମଧ୍ୟ ଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛତା ସହ ଯୋଡ଼ି ହୋଇରହିଥିବା ବିଚାରର ଏପରି ଅସର ପଡ଼ିଲା ଯେ ସଂଧ୍ୟା ସ୍ୱଚ୍ଛତାର ଦୂତ ହେବାକୁ ପସନ୍ଦ କଲା। ସ୍ୱୟଂ ସେବକ ଗୋଷ୍ଠି ସହ ମିଶି ଗ୍ରାମର ପରିଷ୍କାରତାର ଦାୟିତ୍ୱ ସମ୍ଭାଳୁଅଛି 24 ବର୍ଷୀୟ ସଂଧ୍ୟା ଗ୍ରାମରେ ହିଁ ସଫାଇକର୍ମୀର କାମକୁ ଭଲ ଭାବରେ ପୁରା କରୁଅଛି। ସ୍ୱୟଂ ସେବକ ଗୋଷ୍ଠି ତରଫରୁ ମାସକୁ ପାଞ୍ଚ ହଜାର ଟଙ୍କା ମିଳୁଛି, କିନ୍ତୁ ତାଙ୍କୁ ତାହା ଠାରୁ ନିଜର କାମରେ ଅଧିକ ଶାନ୍ତି ପାଉଛନ୍ତି। ସଂଧ୍ୟା ଘରୁ ଘରୁ ଅଳିଆ ଉଠାଇ ନିଜ ଗ୍ରାମକୁ ସ୍ୱଚ୍ଛ ରଖିବାର ଲକ୍ଷ୍ୟ ରଖିଲା। ରିକ୍ସା ଉପରେ ଅଳିଆ ଚଢ଼ାଏ। ପ୍ରଥମ ସମୟ ପାଇଁ ରିକସା ଚଲାଇବାବେଳେ ଖଣ୍ଡିଆଖାବରା ତ ହେଲା, ଲୋକମାନେ ମଜାକ୍ ତ ବହୁତ କଲେ, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଦ୍ୱାରା ପ୍ରେରିତ



ରିକ୍ସା ଉପରେ ଅଳିଆ ଚଢ଼ାଇଥିବା ନଗର ପଞ୍ଚାୟତ ସକରୀ ନିବାସୀ ସଂଧ୍ୟା ବଗ୍‌ଗା

ସଂଧ୍ୟା କୌଣସି କଥାକୁ ଖାତିର କଲା ନାହିଁ। ସଂଧ୍ୟାର କହିବା ଅନୁସାରେ କିଛି ଅଲଗା କରିବା ପରିବାରର ଦାୟିତ୍ୱରେ ବାପାଙ୍କ ସହଯୋଗ କରିବାର ଇଚ୍ଛା ମନରେ ସବୁବେଳେ ଥିଲା। ସହରରେ ପ୍ରାଇଭେଟ୍ ଜବ୍‌ର ମଧ୍ୟ ଅଫର୍ ଥିଲା। କିନ୍ତୁ ଗ୍ରାମରେ ରହି କିଛି ସାର୍ଥକ କରିବାର ମନ ବଳାଇଲା। ସ୍ୱୟଂସେବକ ଗୋଷ୍ଠି ମଣିକାଞ୍ଚନ କେନ୍ଦ୍ରର ସନ୍ତୋଷୀ ଦିଦି ସମ୍ପର୍କରେ ରହିଥିଲେ। ସେ ଏହି ସାର୍ଥକ କାମର ରାସ୍ତା ଦେଖାଇଥିଲେ। ପ୍ରଥମ ଥର ପାଇଁ ରିକ୍‌ସା ରଖିବା ବେଳେ ମନରେ ଟିକେ ସଙ୍କୋଚ ଥିଲା, କିନ୍ତୁ ଧିରେ ଧିରେ ଲୋକମାନଙ୍କର ସହଯୋଗ ମିଳିବା ଯୋଗୁଁ ଉଦ୍ଦେଶ୍ୟ ଆହୁରି ମଧ୍ୟ ମଜଭୁତ ହୋଇଗଲା। ଟାହି ଟାପରାକୁ ଖାତିରି ନ କରି ଏହି କାର୍ଯ୍ୟକୁ କରି କରି ସଂଧ୍ୟା କୁହନ୍ତି ଯେ, କାମ ଛୋଟ କିମ୍ବା ବଡ଼ ହୁଏ ନାହିଁ। କେବଳ ଭାବନା ବଡ଼ ଛୋଟ ହୋଇଥାଏ। ପ୍ରଥମେ ପ୍ରଥମେ ପିତା ମଧ୍ୟ ନାରାଜ ଥିଲେ। ସାମାଜିକ ଏବଂ ଲୋକ ମର୍ଯ୍ୟାଦାର ଡରରେ ଏହି କାମ ସପକ୍ଷରେ ନଥିଲେ, କିନ୍ତୁ ପରିଶ୍ରମ ଏବଂ ସାହସକୁ ଦେଖି ସେ ଆସି ଝିଅର ପଛରେ ଛିଡ଼ା ହୋଇଥିଲେ। ସ୍ୱଚ୍ଛତାକୁ ନେଇ ସଂଧ୍ୟା କୁହନ୍ତି କି ଏହା ସବୁଠାରୁ ବଡ଼ ପୂଣ୍ୟ କାର୍ଯ୍ୟ ଅଟେ। ଯଦି ଏହା ଛୋଟ କାମ ହୋଇଥାନ୍ତା ତେବେ ଗାନ୍ଧୀଜୀଙ୍କଠାରୁ ଆରମ୍ଭ କରି ଆମର ପ୍ରଧାନ ମନ୍ତ୍ରୀ ମୋଦି ପର୍ଯ୍ୟନ୍ତ ସମସ୍ତେ ସ୍ୱଚ୍ଛତା ଅଭିଯାନ ଚଲାଇ ନଥାନ୍ତେ। ସ୍ୱଚ୍ଛତା ହିଁ ଆମକୁ ସ୍ମାର୍ଟ୍ ସହର ହିସାବରେ ଗଣିତା କରିଥିଲା। ଏହି କାରଣରୁ ଜୀବନ ଭର ସ୍ୱଚ୍ଛତା ପ୍ରହରୀ ହୋଇ କାମ କରୁଥିବି। ସେ ସଂଧ୍ୟା ବେଳକୁ ଗ୍ରାମରେ ଚଉପାଠୀ ବସାଇ ମହିଳାମାନଙ୍କୁ ସଫାସୁତରା ପ୍ରତି ସଚେତନତା ମଧ୍ୟ କରନ୍ତି। ♦

# ଇନ୍ଦୋର ଜିଲ୍ଲା ଗ୍ରାମୀଣର ସ୍ୱଚ୍ଛତା ସନ୍ଦେଶ ବାହକ: ଚତୁରସିଂହ-ମ୍ୟାଡମ୍ ବାତୁନୀ

ଇନ୍ଦୋର ଜିଲ୍ଲା ଗ୍ରାମୀଣ ଜାନୁଆରୀ 2016ରେ ପୂର୍ଣ୍ଣ ଭାବରେ ଖୋଲା ଜାଗାରେ ଶୌଚମୁକ୍ତ ହୋଇସାରିଛି। ତାହା ପରେ ନା ଯେ କେବଳ ଏହାକୁ ଚାଲୁ ରଖିବା ପାଇଁ ଲୋକମାନେ ପ୍ରୟାସରତ ବରଂ ଏହା ବ୍ୟତୀତ ଗ୍ରାମରେ କଠିନ ଏବଂ ତରଳ ମଇଳା ପଦାର୍ଥର ନିଷ୍କାସନ ପାଇଁ ମଧ୍ୟ କାର୍ଯ୍ୟ କରାଯାଉଅଛି। ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ସିସି ରୋଡ୍ ଏବଂ ନାଳୀ ତିଆରି କରିବା ସହିତ ପ୍ରାୟ 30ଟି ଗ୍ରାମ ପଞ୍ଚାୟତରେ ମୋଟରାଇଜଡ୍ ଅଳିଆ ଡବାରେ ଅଳିଆର ସଂରକ୍ଷଣ ଏବଂ ପୃଥକୀକରଣ କରାଯାଉଛି। କିଛି ଗ୍ରାମ ପଞ୍ଚାୟତରେ ସ୍ଥାନୀୟ ସଂଶାଧନର ବ୍ୟବହାର କରି ଅଳିଆ ସଂରକ୍ଷଣ କରାଯାଉଛି।

ବିଗତ ଦୁଇ ବର୍ଷରୁ ନଗରୀୟ କ୍ଷେତ୍ରର ସ୍ୱଚ୍ଛତା ସର୍ବେକ୍ଷଣରେ ଇନ୍ଦୋର ଜିଲ୍ଲା ନଂ 1 ରେ ରହିଛି। ଏହି ବର୍ଷ ସ୍ୱଚ୍ଛତା ସର୍ବେକ୍ଷଣ ଗ୍ରାମୀଣ 2018ର ଶୁଭାରମ୍ଭ କରାଗଲା, ଯେଉଁଥିରେ ସହର ପରି ଗ୍ରାମୀଣ ସ୍ୱଚ୍ଛତାକୁ ଆଧାର କରି ଜିଲ୍ଲାକୁ ରାଙ୍କିଙ୍ଗ୍ ଦିଆଯିବ।

ଇନ୍ଦୋର ଜିଲ୍ଲା ପଞ୍ଚାୟତ ଦ୍ୱାରା ନୂତନ ଭାବରେ କରାଯାଇଛି। ଏପରି ଗଠନ କରି ଇନ୍ଦୋର୍ ଜିଲ୍ଲା ପଞ୍ଚାୟତ ଭାରତ ବର୍ଷର ପ୍ରଥମ ଜିଲ୍ଲା ପଞ୍ଚାୟତ ହୋଇଯାଇଛି ଯାହା ଏକ ଶୁଭଙ୍କର ମାଧ୍ୟମରେ ସ୍ୱଚ୍ଛତାର ଖବର ପ୍ରତି ଘରକୁ ପହଞ୍ଚାଇବ। ଇନ୍ଦୋର ଜିଲ୍ଲାର ସ୍ୱଚ୍ଛତା ସନ୍ଦେଶ ବାହକ ରୂପରେ ଶୁଭଙ୍କର ରୂପରେ ସ୍ଥାନୀୟ ମାଲଜ୍ୱି ସଂସ୍କୃତିକୁ ଆଖିଆଗରେ ରଖି ଚରିତ୍ରର ନିର୍ଦ୍ଧାରଣ କରାଯାଇଥିଲା। ଯେପରି କି ଚତୁରସିଂହ ଏବଂ ମ୍ୟାଡମ୍ ବାତୁନୀ ନାମରେ ପୋଷ୍ଟରର ଶୁଭାରମ୍ଭ କରାକଲା। ଚତୁରସିଂହ ଏବଂ ମ୍ୟାଡମ୍ ବାତୁନୀ ଚରିତ୍ର ସ୍ଥାନୀୟ ମାଲଜ୍ୱି ପୋଷାକରେ ସ୍ତ୍ରୀ ଏବଂ ପୁରୁଷ ମଧ୍ୟ ଅଛନ୍ତି, ଯେଉଁମାନେ ହାତରେ ସଫାଇର ପ୍ରତୀକ ଭାବରେ ଝାଡୁ ଏବଂ ବାଲ୍‌ଟି ନେଉଛନ୍ତି।

ଶୁଭଙ୍କର ଚତୁରସିଂହ ଏବଂ ମ୍ୟାଡମ୍ ବାତୁନୀଙ୍କ ଶୁଭାରମ୍ଭ 21.8.18 ତାରିଖରେ ଜିଲ୍ଲା ପଞ୍ଚାୟତ ଇନ୍ଦୋର ଦ୍ୱାରା ମାନନୀୟ ଅଧ୍ୟକ୍ଷ ପଞ୍ଚାୟତ ସୁଶ୍ରୀ କବିତା ପାଟିଦାର ଏବଂ କଲେକ୍ଟର ଶ୍ରୀ ନିଶାନ୍ତ ବରୱଡେ, ମୂଖ୍ୟ




କାର୍ଯ୍ୟପାଳନ ଅଧିକାରୀ ସୁଶ୍ରୀ ନେହା ମିନା ଏବଂ ଜିଲ୍ଲା ପଞ୍ଚାୟତ ସଦସ୍ୟର ଉପସ୍ଥିତିରେ କରାଗଲା।

ଶୁଭଙ୍କର ଚରିତ୍ର ନିର୍ମାଣର ଉଦ୍ଦେଶ୍ୟ ଏହା ଯେ ଯେଉଁ ପ୍ରକାରରେ ଇନ୍ଦୋର ସ୍ୱଚ୍ଛତା ସଂଗ୍ରାମକୁ ବିଶେଷ ଅଭିଯାନ ପରି ନେଇ ଜିଲ୍ଲାକୁ ଓଡିଏଫ୍ ତିଆରି କଲା, ସେହି ପ୍ରକାରରେ ସ୍ୱଚ୍ଛତାର ଆସନ୍ତା ଅନ୍ୟ ଅବୟବକୁ ଅଭିଯାନ ରୂପରେ ପୂର୍ଣ୍ଣ କରାଯାଉ। ଶୁଭଙ୍କର ନିର୍ମାଣ ହେତୁ ଏହି କଥାର ବିଶେଷ ଧ୍ୟାନ ରଖାଗଲା ଯେ ଚରିତ୍ର ପ୍ରଭାବୀ ଗ୍ରାମୀଣ ମଧ୍ୟରେ ସ୍ୱୀକାର୍ଯ୍ୟତା ବାଲା ହେଉ କିମ୍ବା ମାଲଜ୍ୱା କ୍ଷେତ୍ରର ପ୍ରତିନିଧିତ୍ୱ କରିଥାଉ। ଏହା ଧ୍ୟାନରେ ରଖାଗଲା କି ଚରିତ୍ର ଏପରି ହେବା ଉଚିତ୍ ଯେପରି ଲୋକମାନଙ୍କୁ ଲାଗିବ କି ଏହି ଚରିତ୍ର ସେମାନଙ୍କ ମଧ୍ୟରେ ନିଆଗଲା, ଯାହା ଦ୍ୱାରା ତାଙ୍କୁ ଦିଆଯାଉଥିବା ଖବରକୁ ଲୋକମାନେ ସହଜରେ ଗ୍ରହଣ କରି ଆପଣେଇ ପାରନ୍ତୁ। ଏଥିପାଇଁ ଜିଲ୍ଲା ଅଧିକାରୀ ଏବଂ ଲାଳିତ୍ୟ ଫାଉଣ୍ଡେସନ ଦ୍ୱାରା ଚତୁରସିଂହ ଏବଂ ମ୍ୟାଡମ୍ ବାତୁନୀଙ୍କ ମାଲଜ୍ୱା ସଂସ୍କୃତି ଦ୍ୱାରା ପ୍ରେରିତ ଲୋକନାୟକ ରୂପରେ ନା କେବଳ ସ୍ୱଚ୍ଛତାର ଖବର ଗ୍ରାମ ଗ୍ରାମ ପର୍ଯ୍ୟନ୍ତ ପହଞ୍ଚାଇବ ବରଂ ସେମାନଙ୍କର ଜୀବନ ଚରିତ୍ର ମଧ୍ୟ ପଥ ନାଟକ ଆଦି ମାଧ୍ୟମରେ ଜନ ଜାଗରଣରେ ସହଯୋଗ କରିବେ।

ଶୁଭଙ୍କର ଚତୁରସିଂହ ଏବଂ ମ୍ୟାଡମ୍ ବାତୁନୀଙ୍କ ବ୍ୟବହାର ଜିଲ୍ଲାର ଗ୍ରାମୀଣ ସ୍ୱଚ୍ଛତାକୁ ଉନ୍ନତ କରିବା ପାଇଁ କରାଯାଉଥିବା, ଗତିବିଧି, କାର୍ଯ୍ୟକ୍ରମ ଆଦିରେ ବ୍ୟବହାର କରାଗଲା। ଏହି ଚରିତ୍ର ଉପରେ ଆଧାରିତ ଜୀବନ୍ତ ମସ୍କଟ୍ର ମଧ୍ୟ ନିର୍ମାଣ କରାଯିବା।ତା ସହିତ ଏହା ଉପରେ ଆଧାରିତ କମିକ୍ସ ପୁସ୍ତିକାର ମଧ୍ୟ ନିର୍ମାଣ କରାଯିବ। ଯେଉଁଥିରେ ସ୍ୱଚ୍ଛତାର ସମସ୍ତ ଘଟଣାର ସମାବେଶ କରି ଶିକ୍ଷାପ୍ରଦ କାହାଣୀର ସଂକଳନ ହେବ।

**1. ଜୀବନ ଚରିତ୍ର -** ଶୁଭଙ୍କର ବ୍ୟବହାର ଗ୍ରାମୀଣ କ୍ଷେତ୍ରରେ ସ୍ୱଚ୍ଛତା ଅଭ୍ୟାସର ବିକାଶ ଏବଂ ବ୍ୟବହାର ପରିବର୍ତ୍ତନ ହେତୁ କରାଯାଉଅଛି, ଯେଉଁଥିରେ କଳାକାର ନିର୍ମିତ ଚରିତ୍ରର ବେଶଭୂଷାରେ ଲୋକମାନଙ୍କ ମଧ୍ୟକୁ ଯାଉଅଛି ଯାହାଦ୍ୱାରା ମନୋରଞ୍ଜନାତ୍ମକ ଉପାୟରେ ସୂଚନା ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦିଆଯାଉଅଛି।

**2. କମିକ୍ସ ପୁସ୍ତିକା -** ପିଲାମାନଙ୍କଠାରେ ଆରମ୍ଭରୁ ସ୍ୱଚ୍ଛତା ଜନିତ ଅଭ୍ୟାସର ବିକାଶ କରାଯିବା କାରଣରୁ ସ୍ୱଚ୍ଛତାର ସମସ୍ତ ସ୍ତରରେ ଆଧାରିତ କମିକ୍ସ୍ ପୁସ୍ତିକା ତିଆରି କରାଯାଇ ବଣ୍ଟନ କରାଯାଉଅଛି, ଯାହାଦ୍ୱାରା ବାଲ୍ୟାବସ୍ଥାରୁ ହିଁ ସେମାନଙ୍କଠାରେ ସ୍ୱଚ୍ଛତା ଅଭ୍ୟାସ ହୋଇଯାଉ।

**3. କାନ୍ଥରେ ଲେଖନ -** ତିଆରି କରାଯାଇଥିବା ଚରିତ୍ର ଆଧାରିତ କାହାଣୀଗୁଡ଼ିକ ମାଧ୍ୟମରେ ଖବର ଘରେ-ଘରେ ପହଞ୍ଚାଯାଉଅଛି।

**4. ସୋଶାଲ୍ ମିଡିଆ -** ଚତୁରସିଂହ ଏବଂ ମ୍ୟାଡମ୍ ବାତୁନୀ... ସ୍ୱଚ୍ଛତାର ସନ୍ଦେହବାହକ ନାମରେ ସୋସିଆଲ୍ ମିଡିଆ ମାଧ୍ୟମରେ ଲୋକମାନଙ୍କ ବିଚାର ଏବଂ ପ୍ରସ୍ତାବ ଦେବା ହେତୁ ପ୍ଲାଟ୍‌ଫର୍ମ୍ ଉପଲବ୍ଧ କରାଯିବ। ♦

# ରାଉଣ୍ଡ୍ ଅପ୍ ଆକ୍ଟିଭିଟି

## ସ୍ୱଚ୍ଛତା ପଖୱାଡ଼ା






ସ୍ୱଚ୍ଛତା ପଖୱାଡ଼ାର ଆରମ୍ଭ ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦିଙ୍କ ପ୍ରେରଣାରେ ଏପ୍ରିଲ, 2016 ରେ ହୋଇଥିଲା । ଏହି ସ୍ୱଚ୍ଛତା ଅଭିଯାନ ଦ୍ୱାରା ସମସ୍ତ ମନ୍ତ୍ରାଳୟ ଏବଂ ବିଭାଗ ମିଶିଲେ ଏବଂ ସ୍ୱଚ୍ଛତା ପ୍ରତି ସଚେତନତା ଅଭିଯାନ ଚଳାଇଲେ । ସ୍ୱଚ୍ଛତାରେ ସମସ୍ତଙ୍କର ଅଂଶୀଦାରତା ସୁନିଶ୍ଚିତ କରିବା ପାଇଁ ଜୁଲାଇ 2018ରେ କୌଶଳ ବିକାଶ ଏବଂ ଉଦ୍ୟୋଗୀତା ମନ୍ତ୍ରଣାଳୟ, ସାମାଜିକ ନ୍ୟାୟ ଏବଂ ଅଧିକାରିତା ମନ୍ତ୍ରଣାଳୟ, ଦିବ୍ୟାଙ୍ଗ ଜନ ସଶକ୍ତିକରଣ ବିଭାଗ, ପେଟ୍ରୋଲିଅମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ସ୍ୱଚ୍ଛତା ପଖୱାଡ଼ା ତିଆରି କଲେ ।

### ସ୍ୱଚ୍ଛ ପ୍ରତିଷ୍ଠିତ ସ୍ଥାନ (ଏସ୍ଆଇପି)

ପାନୀୟ ଜଳ ଏବଂ ସ୍ୱଚ୍ଛତା ମନ୍ତ୍ରଣାଳୟ (ଏମ୍ଡିଡବ୍ଲ୍ୟୁଏସ) ଦେଶର 100ଟି ପ୍ରତିଷ୍ଠିତ ସ୍ଥାନକୁ ସ୍ୱଚ୍ଛ କରିବା ପାଇଁ ଯୋଜନା ପ୍ରସ୍ତୁତି କଲେ । ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରଣାଳୟ ଏବଂ ସହରୀ ବିକାଶ ମନ୍ତ୍ରଣାଳୟ ସହାୟତାରେ ଦେଶ ସାରା 100 ପ୍ରତିଷ୍ଠିତ ସ୍ଥାନର ଚୟନ କରାଗଲା । ଏହି ଯୋଜନାରେ ଘରୋଇ କମ୍ପାନୀମାନଙ୍କୁ ମଧ୍ୟ ସାମିଲ୍ କରାଗଲା । ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ 20ଟି ସ୍ଥାନକୁ ଚୟନ କରାଗଲା ।




**ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଏକ ନଜରରେ**

- **ଦେଶରେ 2 ଅଗଷ୍ଟ, 2018 ପର୍ଯ୍ୟନ୍ତ ସ୍ୱଚ୍ଛତାର ଦର 89.07**
- **2 ଅକ୍ଟୋବର, 2014 ରୁ ଏ ପର୍ଯ୍ୟନ୍ତ 7,97,14,455 ଶୌଚାଳୟର ନିର୍ମାଣ**
- **4,09,442 ଗ୍ରାମ ଖୋଲାରେ ଶୌଚମୁକ୍ତ ଘୋଷିତ**
- **ନମାମୀ ଗଙ୍ଗେ ମାଧ୍ୟମରେ 4,465ଟି ଗ୍ରାମ ଖୋଲାରେ ଶୌଚମୁକ୍ତ ଘୋଷିତ**
- **421ଟି ଜିଲ୍ଲା ଖୋଲାରେ ଶୌଚମୁକ୍ତ ଘୋଷିତ**
- **19ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ରାଜ୍ୟ ଖୋଲାରେ ଶୌଚମୁକ୍ତ ଘୋଷିତ**

ଏହି ସ୍ଥାନଗୁଡ଼ିକ ସଫାଇ ବ୍ୟବସ୍ଥାକୁ ଭଲ ଭାବରେ ଦେଖା ରଖା କରିବାର ଯୋଜନା ମଧ୍ୟ ପ୍ରସ୍ତୁତ କରାଗଲା । ଏହା ବ୍ୟତୀତ, 10ଟି ନୂଆ ପ୍ରତିଷ୍ଠିତ ସ୍ଥାନକୁ ଚୟନ କରାଗଲା ଯେଉଁଥିରେ ଶ୍ରୀ ରାଘବେନ୍ଦ୍ର ସ୍ୱାମୀ ମଠ ମନ୍ତ୍ରାଳୟମ୍ (ଆନ୍ଧ୍ର ପ୍ରଦେଶ), ହଜାରଦୁୟାରିର ମହଲ (ପଶ୍ଚିମବଙ୍ଗ), ଶ୍ରୀ ବ୍ରହ୍ମା ସରୋବର ମନ୍ଦିର (ହରିୟାଣା), ବିଦୁର କୁଟି ମନ୍ଦିର (ଉତ୍ତର ପ୍ରଦେଶ), ମାନା ଗାଓଁ (ଉତ୍ତର ପ୍ରଦେଶ), ପେଙ୍ଗୋଙ୍ଗ୍ ସୋ (ଜାମ୍ମୁ ଏବଂ କାଶ୍ମୀର), ଶ୍ରୀ ନାଗବାସୁକୀ ମନ୍ଦିର (ଉତ୍ତର ପ୍ରଦେଶ), ନୁପି କିଥଲ୍ (ମଣିପୁର), ଶ୍ରୀ ଧର୍ମ ସଂସ୍ଥା ମନ୍ଦିର (କେରଳ) ଏବଂ କଣ୍ୱାଶ୍ରମ (ଉତ୍ତରାଖଣ୍ଡ) ସାମିଲ୍ ଅଛି ।

### ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ 2018

ପାନୀୟ ଜଳ ଏବଂ ସ୍ୱଚ୍ଛତା ମନ୍ତ୍ରଣାଳୟ ବର୍ଷ 2018 ରେ ଦେଶର ସମସ୍ତ ଜିଲ୍ଲାରେ ସ୍ୱଚ୍ଛତା ସର୍ବେକ୍ଷଣର ଆରମ୍ଭ କରିଥିଲେ । ଏହି ସର୍ଭେ 1 ଅଗଷ୍ଟ ରୁ 31 ଅଗଷ୍ଟ ପର୍ଯ୍ୟନ୍ତ କରାଗଲା । ଏହି ସର୍ବେକ୍ଷଣରେ ସ୍ୱଚ୍ଛତାର ସମସ୍ତ ସ୍ତରର ନଜର ରଖାଗଲା । ସର୍ଭେରେ ପ୍ରଥମରେ ଆସୁଥିବା ରାଜ୍ୟ ଏବଂ ଜିଲ୍ଲାକୁ 2 ଅକ୍ଟୋବର, 2018କୁ ପୁରସ୍କୃତ କରାଯିବ । ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣରେ 6980 ଗ୍ରାମ ଏବଂ 698 ଜିଲ୍ଲାକୁ ସାମିଲ୍ କରାଗଲା । ସମୁଦାୟ 34000 ସାର୍ବଜନିକ ସ୍ଥାନ ଉପରେ ସର୍ଭେ କରାଗଲା, ଯେଉଁଥିରେ ସ୍କୁଲ୍ ଅଙ୍ଗନୱାଡ଼ି, ଜନସ୍ୱାସ୍ଥ୍ୟ କେନ୍ଦ୍ର, ବଜାର, ଧାର୍ମିକ ସ୍ଥଳ ସାମିଲ୍ କରାଗଲା । ସର୍ବେକ୍ଷଣରେ ଜନତାର ମଧ୍ୟ ରାୟ ନିଆଗଲା । ପାଖାପାଖି 50 ଲକ୍ଷ ଲୋକଙ୍କର ମତାମତ ନିଆଗଲା ।




### ସ୍ୱଚ୍ଛ ସଂଗ୍ରହ

ସ୍ୱଚ୍ଛ ସଂଗ୍ରହ ଏକ ୱେବ୍ ପୋର୍ଟାଲ୍ ଅଟେ, ଯେଉଁଥିରେ ମନ୍ତ୍ରଣାଳୟର ଯୋଜନାଗୁଡ଼ିକୁ ଏବଂ ସ୍ୱଚ୍ଛତା ସହ ସମ୍ପର୍କିତ ଯୋଜନାଗୁଡ଼ିକ ବିଷୟରେ ସୂଚନା ଅପଲୋଡ୍ କରାଯାଇଛି । ଏହି ୱେବ୍ ପୋର୍ଟାଲ୍ ଦ୍ୱାରା ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ବିଷୟରେ ସୂଚନା ହାସିଲ୍ କରାଯାଇପାରେ । ଏହି ପୋର୍ଟାଲ୍ ଦ୍ୱାରା ଅଲଗା ଅଲଗା ଗ୍ରାମ ପଞ୍ଚାୟତଗୁଡ଼ିକ ଜଣେ ଅନ୍ୟ ଜଣଙ୍କଠାରୁ ବହୁତ କିଛି ଶିଖିପାରିବେ । ସଫଳ ଏବଂ ପ୍ରଂଶସିତ ପଦକ୍ଷେପକୁ ଜଣେ ଅନ୍ୟଜଣଙ୍କ ବାଣ୍ଟି ପାରିବେ । ସ୍ୱଚ୍ଛ ଭାରତ ମିଶନର ଉଦ୍ଦେଶ୍ୟକୁ ସାକାର କରିବା ଦିଗରେ ଏହା ପ୍ରଭାବଶୀଳ ପ୍ରମାଣିତ ହେଲା । ଖେଳ ପ୍ରତିଯୋଗୀତା ଆୟୋଜନ କରାଗଲା । ♦

सत्यमेव जयते

# ଭାରତ ସରକାର
## ପଞ୍ଚାୟତି ରାଜ ମନ୍ତ୍ରଣାଳୟ

ବର୍ଷ 2019 (ମୂଲ୍ୟାଙ୍କନ ବର୍ଷ 2017-18 ପାଇଁ) ଅନ୍ତର୍ଗତ

# ରାଷ୍ଟ୍ରୀୟ ପୁରସ୍କାର

**ପାଇଁ ଅନ୍‌ଲାଇନ ନାମ ଆମନ୍ତ୍ରଣକରଣ**

## ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର (ଡିଡିୟୁପିଏସ୍‌ପି)

ପଞ୍ଚାୟତ (ଗ୍ରାମ, ମଧ୍ୟବର୍ତ୍ତୀ ଏବଂ ଜିଲ୍ଲା)ର ସମସ୍ତ ତିନିସ୍ତର
ପାଇଁ ସାମାନ୍ୟ ଏବଂ ବିଷୟଗତ ଶ୍ରେଣୀରେ

## ନାନାଜି ଦେଶମୁଖ ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର (ଏନ୍‌ଡିଆରଜିଜିଏସ୍‌ପି)

ଗ୍ରାମ ସଭାର ସର୍ବୋତ୍ତମ ପ୍ରଦର୍ଶନ କାରଣରୁ ଗ୍ରାମ ପଞ୍ଚାୟତ ପାଇଁ

## ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପୁରସ୍କାର

ପଞ୍ଚାୟତି ରାଜ ମନ୍ତ୍ରଣାଳୟ ଦ୍ୱାରା ଜାରି ମଣ୍ଡଳ ନିର୍ଦ୍ଦେଶର ଅନୁରୂପ ଏବଂ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳ କ୍ଷେତ୍ରର ବିଶିଷ୍ଟ ନିର୍ଦ୍ଦେଶ ଅନୁସାରେ ନିଜର ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ କରୁଥିବା ଗ୍ରାମ ପଞ୍ଚାୟତକୁ ପ୍ରୋତ୍ସାହନ କରିବା ପାଇଁ

ଡିଡିୟୁଏସ୍‌ପି ଏବଂ ଏନ୍‌ଡିଆର୍‌ଜିଜିଏସ୍‌ପି ପାଇଁ 28 ସେପ୍‌ଟେମ୍ବର, 2018କୁ **http://panchayataward.gov.in** ରେ ଅନ୍‌ଲାଇନ୍ ଆବେଦନପତ୍ର ଆମନ୍ତ୍ରିତ କରାଯାଇଛି। ଏହି ଲିଙ୍କ୍ ରେ ଆଗେ ଏବଂ ଅପ୍‌ଡେଟ୍ ଉପଲବ୍ଧ ହେବ। ଗ୍ରାମ ପଞ୍ଚାୟତ ବିକାଶ ପୁରସ୍କାର ବିଷୟରେ ଘୋଷଣା ଶୀଘ୍ର ହୋଇଯିବ। ଅନ୍‌ଲାଇନ ନାମାଙ୍କନ ଭରିବା ପାଇଁ, ପୁରସ୍କାର ଦିଶା-ନିର୍ଦ୍ଦେଶ ଏବଂ ପ୍ରକ୍ରିୟା ବିଷୟରେ ଅଧିକ ସୂଚନା ଏବଂ ଆଗ ପାଇଁ ଅପଡେଟ୍ ପାଇଁ ମନ୍ତ୍ରଣାଳୟର ଲିଙ୍କ୍ **http://www.panchayat.gov.in** ଏବଂ **http://www.panchayataward.gov.in** ରେ ଦେଖାଯାଇ ପାରିବ।

ଅନ୍‌ଲାଇନ ନାମାଙ୍କନ ଭରିବାରେ ସହାୟତା କରିବା ପାଇଁ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର ପଞ୍ଚାୟତ ବିଭାଗର ନୋଡାଲ ଅଧିକାରୀ କିମ୍ବା ଏହାର ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ସମନ୍ୱୟକଙ୍କ ସହିତ ସମ୍ପର୍କ କରାଯାଇ ପାରିବ। ଏହି ପୁରସ୍କାରର ପ୍ରଚାର-ପ୍ରସାର ପାଇଁ ରାଜ୍ୟ ସରକାର/କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କ ପ୍ରଶାସନକୁ ଅନୁରୋଧ କରାଯାଇ ପାରେ।

ପଞ୍ଚାୟତି ରାଜ

**(ପୁନୀତ ଶର୍ମା)**
ଅବର ସଚିବ, ଭାରତ ସରକାର



ନରେନ୍ଦ୍ର ସିଂ ତୋମାର
ଗ୍ରାମୀଣ ବିକାଶ, ପଞ୍ଚାୟତି ରାଜ
ଏବଂ ଖଣି ମନ୍ତ୍ରୀ



## 2 ଅକ୍ଟୋବର, 2018 ରୁ 31 ଡିସେମ୍ବର, 2018

# ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) 'ସବ୍‌କୀ ଯୋଜନା ସବକୀ ବିକାଶ' ଜନ ଯୋଜନା ଅଭିଯାନ

**ସମସ୍ତ ଗ୍ରାମ ପଞ୍ଚାୟତ/ଗ୍ରାମ ସଭାଙ୍କୁ ଅନୁରୋଧ ଯେ ଏହି ଅଭିଯାନରେ ନିଜର ଯୋଗଦାନ ଦେଇ ନିଜ ଗ୍ରାମର ବିକାଶରେ ସହଯୋଗ କରନ୍ତୁ ।**

## ଅଭିଯାନ ପାଇଁ କାର୍ଯ୍ୟକଳାପର କ୍ୟାଲେଣ୍ଡର

| କ୍ରମ ନଂ | କାର୍ଯ୍ୟକଳାପ | ସମୟସୀମା |
|---|---|---|
| 1. | ସୁବିଧା ପ୍ରଦାନକାରୀଙ୍କ ପ୍ରଶିକ୍ଷଣ ମଡ୍ୟୁଲ୍‌ର ଆରମ୍ଭ | 30 ଅଗଷ୍ଟ, 2018 |
| 2. | ନୋଡାଲ୍ ଅଧିକାରୀଙ୍କ ନିଯୁକ୍ତି, ରାଜ୍ୟ, ଜିଲ୍ଲା ଏବଂ ବ୍ଲକ ସ୍ତରରେ ଏବଂ ସମସ୍ତ ନୋଡାଲ ଅଧିକାରୀଙ୍କର ୱେବ ପୋର୍ଟାଲରେ ପଞ୍ଜିକରଣ | 10 ସେପ୍‌ଟେମ୍ବର, 2018 |
| 3. | ଗ୍ରାମ ସଭା ବୈଠକର କାର୍ଯ୍ୟକ୍ରମ ଅପଲୋଡ୍ କରିବା | 10 ସେପ୍‌ଟେମ୍ବର, 2018 |
| 4. | ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ପାଇଁ ସୁବିଧା ପ୍ରଦାତାଙ୍କର ନିଯୁକ୍ତି | 10 ସେପ୍‌ଟେମ୍ବର, 2018 |
| 5. | ସୁବିଧା ପ୍ରଦାତାଙ୍କର ପ୍ରଶିକ୍ଷଣ ସମାପ୍ତି | 15 ସେପ୍‌ଟେମ୍ବର 2018 |
| 6. | ଗ୍ରାମ ବୈଠକ ପାଇଁ ସମ୍ବନ୍ଧିତ ବିଭାଗରେ ଅଗ୍ରିମ ପଂକ୍ତିର କାର୍ଯ୍ୟକର୍ତ୍ତାଙ୍କର ନିଯୁକ୍ତି | 15 ସେପ୍‌ଟେମ୍ବର, 2018 |
| 7. | ପ୍ରତ୍ୟେକ ପ୍ରାମ ପଞ୍ଚାୟତରେ ସାର୍ବଜନୀନ ସୂଚନା ବୋର୍ଡର ପ୍ରଦର୍ଶନ ଏବଂ ପୋର୍ଟାଲରେ ଏହାର ଜିଓ ଟ୍ୟାଗ କରାଯାଇଥିବା ଛବି ଗୁଡ଼ିକ ଅପଲୋଡ୍ କରିବା | 15 ସେପ୍‌ଟେମ୍ବର, 2018 |
| 8. | ଗ୍ରାମ ସଭା ବୈଠକ ଜିଓଟାଗ୍ ପାଇଁ କରାଯାଇଥିବା ଭିଜୁଆଲ୍ ଅପଲୋଡ କରିବା | ଗ୍ରାମ ସଭାର ସଞ୍ଚାଳନର ତୁରନ୍ତ ପରେ |
| 9. | ପ୍ଲାନ ପ୍ଲସ୍ ଅନୁପ୍ରୟୋଗରେ ଅନୁମୋଦିତ ଯୋଜନାର ପ୍ରକାଶନ | 31 ଡିସେମ୍ବର, 2018 |

**ଜନ ଯୋଜନା ଅଭିଯାନ/ଜିପିଡିପି ଅଭିଯାନର ୱେବସାଇଟ୍: gpdp.nic.in**
**ହେଲ୍‌ପ ଡେସ୍କ: 011-23074309, 011-23386556, 011-23383816, 011-23386140**
**ଆମ ସହିତ ସିଧା ଯୋଡ଼ନ୍ତୁ: https://twitter.com/people_plan**
**https://www.facebook.com/PeoplesPlanCampaign**

Oriya

ପଞ୍ଚାୟତି ରାଜ ମନ୍ତ୍ରଣାଳୟ

ପଞ୍ଚାୟତି ରାଜ ମନ୍ତ୍ରଣାଳୟ
www.facebook.com/MinistryofPanchayatiRaj
@mopr_goi

ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ
www.facebook.com/IndiaRuralDev

ପାନୀୟ ଜଳ ଏବଂ ସ୍ୱଚ୍ଛତା ମନ୍ତ୍ରଣାଳୟ
www.facebook.com/MODWS
@swachhbharat

ग्रामोदय संकल्प

स्वच्छ भारत
एक कदम स्वच्छता की ओर

ପଞ୍ଚାୟତି ରାଜ ମନ୍ତ୍ରଣାଳୟ, ଭାରତ ସରକାର ଦ୍ୱାରା ମୁଦ୍ରିତ ଏବଂ ପ୍ରକାଶିତ
**ଏଡିଟର-ଇନ୍-ଚିଫ୍:** ଅମରଜିତ୍ ସିହ୍ନା, ସଚିବ, ପଞ୍ଚାୟତି ରାଜ ମନ୍ତ୍ରଣାଳୟ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ
ମେସର୍ସ ଥୋମସନ୍ ପ୍ରେସ, ବି-315, ସି-ବ୍ଲକ୍, ଓଖଲା-1, ଓଖଲା ଇଣ୍ଡଷ୍ଟ୍ରିଆଲ୍ ଏରିଆ, ନୂଆ ଦିଲ୍ଲୀ, ଦିଲ୍ଲୀ-110020 ଦ୍ୱାରା ମୁଦ୍ରିତ
ପଞ୍ଚାୟତି ରାଜ ମନ୍ତ୍ରଣାଳୟ, ଭାରତ ସରକାର, ସରଦାର ପଟେଲ୍ ଭବନ, ନୂଆ ଦିଲ୍ଲୀ-110001 ଦ୍ୱାରା ପ୍ରକାଶିତ

"The translation of ' Gramoday Sankalp ' has been carried out by M/s Jagran Prakashan Ltd. Any inadvertent error or omissions, if any, found in the translation is the responsibility of the agency."